ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 8/2025 | Page 14 | ₹ 7.00 | DHENKANAL

୫୨ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 15 | ମୂଲ୍ୟ ₹୭/-





କଟକର ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଙ୍ଗଳବାର ହେବାକୁ ଥିବା ପ୍ରଥମ ଟି୨୦ ମ୍ୟାଚ୍ ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ପେସର ଅର୍ଶଦୀପ ସିଂଙ୍କୁ ହୋଟେଲରେ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ସେ ସାଲ୍ୟୁଟ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ଗୋଆ ନାଇଟ୍ କ୍ଲବ୍‌ରେ ନିଆଁ: ୨୫ ମୃତ

'ବର୍ଚ ବାଇ ରୋମିଓ ଲେନ୍' ଦ୍ୱାରା ପରିଚାଳିତ ଗୋଆର ଏକ ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଏତେ ବଡ଼ ଘଟଣା ଘଟିଯାଇଥିବା କୁହାଯାଉଛି। କ୍ଲବ୍ ମ୍ୟାନେଜର ଓ ଇଭେଣ୍ଟ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ କଂଗ୍ରେସ ଏହି ଅଘଟଣ ପାଇଁ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

**ପଣଜୀ,୭।୧୨(ପି.ଟି/ଏଜେନ୍ସି)**

ଗୋଆ ରାଜଧାନୀ ପଣଜୀରୁ ୨୫ କି.ମି. ଦୂରରେ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍ ଅବସ୍ଥିତ। ବେଆଇନ ଭାବେ ନିର୍ମିତ ଏହି କ୍ଲବ୍‌କୁ ଭାଙ୍ଗିବା ପାଇଁ ପୂର୍ବରୁ ନୋଟିସ ଦିଆଯାଇଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଯୋଗୁ ଉଚ୍ଛେଦ ବନ୍ଦ ରହିଥିଲା। ଡିସେମ୍ବର ମାସ ହୋଇଥିବାରୁ ଗୋଆକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଥିବାବେଳେ ରବିବାର ରାତିରେ ଉକ୍ତ କ୍ଲବ୍‌ରେ ଶତାଧିକ ଟୁରିଷ୍ଟ ନାଚଗୀତରେ ମସ୍‌ଗୁଲ ଥିଲେ। ୧୯୭୦ ଦଶକର ହିନ୍ଦୀ ଫିଲ୍ମ 'ଶୋଲେ'ର ମେହବୁବା ଓ ମେହବୁବା ଗୀତର ତାଳେ ତାଳେ ପର୍ଯ୍ୟଟକମାନେ ଝୁମୁଥିଲେ। ବଲିଉଡ୍ ବ୍ୟାଙ୍ଗର ନାଇଟ୍ ବେଳେ ଡିଜେ କନ୍‌ସୋଲ ନିକଟରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁଚାହୁଁ ନିଆଁ ସିଲିଂରେ ଲାଗିବା ପରେ ଚତୁର୍ଦ୍ଦିଗକୁ ଚହଟିଥିଲା। ପ୍ରାଣବିକଳରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିବାବେଳେ ମାତ୍ର କିଛି ମିନିଟ୍ ଭିତରେ ହିଁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଗଲା। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୧୪ ଜଣ ନାଇଟ୍ କ୍ଲବ୍ କର୍ମଚାରୀ ହୋଇଥିବାବେଳେ ୪ ପର୍ଯ୍ୟଟକ ରହିଛନ୍ତି। ଅନ୍ୟ ୭ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିବାରୁ ନିଆଁ ☞ପୃଷ୍ଠା-୪

## 'ବର୍ଚ ବାଇ ରୋମିଓ ଲେନ୍'

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ଚେନ୍ ଅଫ୍ ରେଷ୍ଟୁରାଷ୍ଟର ଅବ୍ୟବସ୍ଥାକୁ ନେଇ ବିତର୍କ ସୃଷ୍ଟି ହୋଇଛି। 'ବର୍ଚ ବାଇ ରୋମିଓ ଲେନ୍' ହେଉଛି ରୋମିଓ ଲେନ୍ ଚେନ୍ ଅଫ୍ ରେଷ୍ଟୁରାଣ୍ଟର ଏକ ଅଂଶ। ଭୁବନେଶ୍ୱର ପଟିଆସ୍ଥିତ ରଘୁନାଥପୁର ଅଞ୍ଚଳରେ ଏହାର ଏକ ରେଷ୍ଟୁରାଣ୍ଟ ୨୦୨୫ ମାର୍ଚ୍ଚରେ ଖୋଲିଛି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏହାର ଏକାଧିକ ରେଷ୍ଟୁରାଣ୍ଟ ଓ ନାଇଟ୍ କ୍ଲବ୍ ରହିଛି। ମିରଟ୍, ☞ପୃଷ୍ଠା-୪

# 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ ହେବ ଘଟଗାଁ ତାରିଣୀପୀଠ'

**■ ୩୧୨ କୋଟି ଟଙ୍କାର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**
**■ ଇସ୍ପାତ ନଗରୀରେ ପରିଣତ ହେବାକୁ ଯାଉଛି କେନ୍ଦୁଝର**

**କେନ୍ଦୁଝର ଜିଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ମା' ତାରିଣୀଙ୍କ ପୀଠକୁ ବିଶ୍ୱସ୍ତରୀୟ ଧର୍ମକସ୍ଥଳ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ରବିବାର କେନ୍ଦୁଝରର ଆରାଧ୍ୟା ଦେବୀ ଘଟଗାଁସ୍ଥିତ ମା' ତାରିଣୀଙ୍କ ପୀଠରେ ୩୧୨ କୋଟି ଟଙ୍କା ବ୍ୟୟ ବରାଦରେ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୧୮ମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତୀକରଣ କାର୍ଯ୍ୟ ସମାପ୍ତ ହେବ। ଓଡ଼ିଶାକୁ କେନ୍ଦୁଝର ବହୁତ ଦେଇଛି, ପାଇଛି କମ୍। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀରେ ପରିଣତ ହେବ। ସୁନାର କେନ୍ଦୁଝର ଗଢ଼ିବାର ପ୍ରକ୍ରିୟା ଏବେଠାରୁ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।**

**କେନ୍ଦୁଝର/ ଘଟଗାଁ/ ଢେଙ୍କିକୋଟ, ୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର/ ରାଜେନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)**

ମୁଖ୍ୟମନ୍ତ୍ରୀ ଘଟଗାଁଠାରେ ପହଞ୍ଚିବା ପରେ ଆର୍‌ସି ପ୍ରାଥମିକ ବିଦ୍ୟାଳୟଠାରୁ ମା' ତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ' ଜରିଆରେ ଘଟଗାଁବାସୀ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ମା' ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେହିଠାରେ ହିଁ ଘଟଗାଁ ମା' ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ସାଧାରଣସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ, ମା'ଙ୍କ ପୀଠର ଉନ୍ନତୀକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ। କାରଣ ଏହି ଉନ୍ନତୀକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ପ୍ରାୟ ୬୦ଏକର ଜମିରେ ପରିବ୍ୟାପ୍ତ ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ, ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ୍, ପୋଷାକ କୋଠରି, ଜୋତା ଷ୍ଟାଣ୍ଡ୍,



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଟିକେଟ୍ କାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ, ଡ୍ରାଇଭରଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ, ପାର୍କିଂ, ୪ଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟକାରୀ କରାଯିବ। ଏଥିସହ ଆଗାମୀ ଏକ ବର୍ଷ ମଧ୍ୟରେ ଅଞ୍ଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ। ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ାଯାଇ ମନ୍ଦିରର ଦେହୁରୀଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ। ଏ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗକୁ କହିବା ସହ ଜିଲାପାଳଙ୍କୁ ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିଥିଲେ।

କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ ହେବ। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀଭାବେ ☞ପୃଷ୍ଠା-୪

# ଏସ୍‌ଏସ୍‌ବି ଯବାନ ସମେତ ୨ ଗିରଫ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

**■ ଓପିଆର୍‌ବିର ଆଉ ୫ କର୍ମଚାରୀଙ୍କୁ ପଚରାଉଚରା**
**■ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଲା ସିବିଆଇ**
**■ ରିମାଣ୍ଡ ପରେ ଜେଲ ଗଲେ ବିରଞ୍ଚି**

**ଭୁବନେଶ୍ୱର, ୭।୧୨ (ତ୍ରିନାଥ ମହାନ୍ତି)**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇଥିବା ବିରଞ୍ଚି ନାରାୟଣଙ୍କ ଦୁଇଦିନିଆ ରିମାଣ୍ଡ ଅବଧି ଶେଷ ହୋଇଛି। ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି ସିବିଆଇ। ରବିବାର ମେଡିକାଲ ପରୀକ୍ଷା କରିବା ପରେ ତାଙ୍କୁ ସ୍ୱେଶାଲ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ବିରଞ୍ଚିଙ୍କ ତଥ୍ୟ ଆଧାରରେ ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଆଉ ୨ଜଣଙ୍କୁ ଉଠାଇ ଆଣି ସିବିଆଇ ଅଟକ ରଖି ପଚରାଉଚରା ପରେ ଗିରଫ କରିଛି। ସେମାନେ ହେଲେ ଏସ୍‌ଏସ୍‌ବି ଯବାନ ଅର୍ଜୁନ ନାୟକ ଏବଂ ବିରଞ୍ଚିର ଅତି ଘନିଷ୍ଠ ସହଯୋଗୀ ନିମାଇଁ ସାହୁ। ଏହି ଦୁଇ ଅଭିଯୁକ୍ତ ବିରଞ୍ଚିଙ୍କୁ ପିଲା ଯୋଗାଡ଼କରି ଦେଉଥିଲେ ଓ ବିରଞ୍ଚି ଟଙ୍କା ଡିଲ୍ କରିବା ପରେ ସେମାନଙ୍କୁ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ନିକଟରେ ପହଞ୍ଚାଉଥିଲେ। ପରବର୍ତ୍ତୀ ସମୟରେ ଅଗ୍ରୀମ ଆକାରରେ ୧୦ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଆଣିବାରେ ସହାୟତା କରୁଥିଲେ। ସିବିଆଇ ଅର୍ଜୁନ ଏବଂ ନିମାଇଁଙ୍କ ବିରୋଧରେ ଏଭଳି ଏକାଧିକ ପ୍ରମାଣ ପାଇଛି। ସେହିଭଳି ସିବିଆଇ ସ୍କାନରରେ ଆଉ ୭ଜଣ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ସିବିଆଇର ଅଧିକାରୀମାନେ ଉଠାଇନେବେ ବୋଲି ଜଣାପଡ଼ିଛି।

କିନ୍ତୁ ବିରଞ୍ଚି ଗିରଫ ହେବା ପରେ ତାଙ୍କ ଲିଙ୍କ୍‌ରେ ଥିବା ଦଲାଲମାନେ ଲୁଚିବା ସହ ଫୋନ୍ ସୁଇଚ୍‌ଅଫ୍ କରିଦେଇଛନ୍ତି। ସିବିଆଇ ସେମାନଙ୍କ ନମ୍ବରକୁ ଟ୍ରେସ୍ କଲେ ମଧ୍ୟ ତାହା ବନ୍ଦ ଥିବା ଦେଖାଉଛି।

ଅନ୍ୟପକ୍ଷରେ ଏହି ପରୀକ୍ଷା ଜାଲିଆତି ର୍‍ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ଟିମ୍ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ଏନେଇ ସିବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ମିଳିଥିବା ସୂଚନା ଅନୁସାରେ, ଉକ୍ତ ବିହାରୀ ଯୁବକ ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଶଙ୍କର ପୃଷ୍ଟିଙ୍କ ସହ ମଧ୍ୟସ୍ଥ କରୁଥିଲେ। ପ୍ରଶ୍ନପତ୍ର କେମିତି ଆସିବ ଓ କାହାକୁ ଦିଆଯିବ - ସବୁ କିଛି ବୁଝୁଥିଲେ ଏହି ବିହାରୀ ଯୁବକ। ସିବିଆଇ ତାଙ୍କୁ ପଚରାଉଚରା କରୁଥିବାବେଳେ ଗିରଫ କରିପାରେ ବୋଲି କୁହାଯାଉଛି। ଏଥିସହ ଓପିଆର୍‌ବିର ୫ଜଣ କର୍ମଚାରୀଙ୍କୁ ପଚରାଉଚରା ☞ପୃଷ୍ଠା-୪

# ଜାନୁଆରୀରେ ଭାରତ ଆସିପାରନ୍ତି ଜେଲେନ୍‌ସ୍କି



ଭୋଲୋଡିମିର ଜେଲେନ୍‌ସ୍କି

**ନୂଆଦିଲ୍ଲୀ,୭।୧୨**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୨୦୨୬ ଜାନୁଆରୀରେ ଭାରତ ଆସିପାରନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗସ୍ତ ପରେ ନୂଆଦିଲ୍ଲୀ ପକ୍ଷରୁ କୂଟନୈତିକ ସନ୍ତୁଳନ ଉଦ୍ୟମ ଚାଲିଥିବାରୁ ଦେଶରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ୟୁକ୍ରେନ୍ ଯୁଦ୍ଧ ବନ୍ଦ ସହ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ଭାରତ ସହାୟକ ହୋଇପାରେ। ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ଏକଚାଟିଆ ବ୍ୟବସାୟ**

# ପୋଖରୀରେ ବୁଡ଼ିଗଲେ ୨ ନାବାଳିକା ସାଙ୍ଗ, ଜଣେ ମୃତ

**ଦିଗପହଣ୍ଡି,୭।୧୨ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡୁଙ୍ଗପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀକୁ ଗାଧୋଇବାକୁ ଯାଇ ୨ ନାବାଳିକା ସାଙ୍ଗ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ଆର୍. ଘନ ପାତ୍ରଙ୍କ ଝିଅ ଆର୍. ସାଲୋନୀ ପାତ୍ର(୮)। ଅନ୍ୟ ଜଣେ ଉଦ୍ଧାର ହୋଇଥିବା ନାବାଳିକା ହେଲେ ଏନ୍. ସୁଦାମ ପାତ୍ରଙ୍କ ଝିଅ ଏନ୍. ରାଜେଶ୍ୱରୀ ପାତ୍ର। ଉଭୟଙ୍କ ଘର ଚୁଡୁଙ୍ଗପୁର କରଣସାହିରେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି।

ଖବରରୁ ପ୍ରକାଶ, ଗାଁ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ୨ ସାଙ୍ଗ ଆର୍.ସାଲୋନୀ ଓ ଏନ୍. ରାଜେଶ୍ୱରୀ ରବିବାର ପୂର୍ବାହ୍ନ ୧୦ଟାରେ ଗାଁର ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଆର୍.ସାଲୋନୀ ପୋଖରୀ ୱାଲ ଖସଡ଼ାରେ ଖସିଯାଇ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଏନ୍. ରାଜେଶ୍ୱରୀ ପାଣିରେ ବୁଡ଼ି ଯାଇଥିଲେ। ସେ ସମୟରେ ପୋଖରୀରେ ଗାଧୋଉଥିବା କେତେ ଜଣ ବ୍ୟକ୍ତି ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଖୋଜାଖୋଜି କରିବା ସତ୍ତ୍ୱେ ସାଲୋନୀଙ୍କ ସନ୍ଧାନ ମିଳି ନ ଥିଲା। ଖବରପାଇ ଦିଗପହଣ୍ଡି ଅଗ୍ନିଶମବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ସାଲୋନୀଙ୍କୁ ଉଦ୍ଧାର କରିଥିଲେ। ପରେ ସାଲୋନୀ ଓ ରାଜେଶ୍ୱରୀଙ୍କୁ ଦିଗପହଣ୍ଡି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସାଲୋନୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଏନ୍. ରାଜେଶ୍ୱରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ☞ପୃଷ୍ଠା-୪

## ଉଦ୍ଧାର ନାବାଳିକାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

# ଗାଜିଆବାଦ ଦେଶର ପ୍ରଦୂଷିତ ସହର

## ୪ର୍ଥ ସ୍ଥାନରେ ଦିଲ୍ଲୀ

**ଚଣ୍ଡିଗଡ଼,୭।୧୨**

ଗତ ନଭେମ୍ବରରେ ଜାତୀୟ ରାଜଧାନୀ ଦିଲ୍ଲୀ ଦେଶର ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର ଥିଲା। ସବୁଠୁ ଅଧିକ ପ୍ରଦୂଷିତ ସହର ତାଲିକାର ଶୀର୍ଷରେ ଗାଜିଆବାଦ, ନଏଡା ଓ ବାହାଦୁରଗଡ଼ ରହିଥିଲା। ଦିଲ୍ଲୀ ତଳକୁ ହାପୁର, ଗ୍ରେଟର ନଏଡା, ବାଘପତ୍, ସୋନିପତ୍, ମିରଟ ଓ ରୋହତକ୍ ରହିଥିବା ଏକ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି।

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ପକ୍ଷରୁ ପ୍ରକାଶିତ 'ନଭେମ୍ବର ୨୦୨୫ ମନ୍ଥଲି ଏୟାର କ୍ୱାଲିଟି ସ୍ନାପ୍‌ଶଟ୍' ଶୀର୍ଷକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ ନଭେମ୍ବରରେ ଦେଶର ସର୍ବାଧିକ ପ୍ରଦୂଷିତ ସମସ୍ତ ୧୦ଟି ଯାକ ସହରରେ ପର୍ଟିକୁଲେଟ୍ ମ୍ୟାଟର (ପିଏମ୍) ସ୍ତର ପୂର୍ବବର୍ଷ ତୁଳନାରେ ୨.୫ ଅଧିକ ରହିଥିଲା। ନଡ଼ାମୂଳି ଜାଳିବା ଅନେକ ମାତ୍ରାରେ ବନ୍ଦ ହୋଇଥିଲେ ମଧ୍ୟ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ରହିଥିବା



୨୯ ସହର ମଧ୍ୟରୁ ୨୦ ସିଟିରେ ପ୍ରଦୂଷଣସ୍ତର ପୂର୍ବବର୍ଷ ଅପେକ୍ଷା ଏଥର ଅଧିକ ରହିଛି। ଅତୀତରେ ନଡ଼ାମୂଳି ପୋଡ଼ି ଯୋଗୁ ପଞ୍ଜାବ ଓ ହରିୟାଣାକୁ ଏନ୍‌ସିଆର୍‌ରେ ପ୍ରଦୂଷଣ ପାଇଁ ଦାୟୀ କରାଯାଉଥିଲା। ଏହି ଦୁଇ ରାଜ୍ୟ ଗତ ୪ ବର୍ଷ ମଧ୍ୟରେ ନଡ଼ାମୂଳି ପୋଡ଼ି ୮୦-୯୦% ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଉକ୍ତ ରିପୋର୍ଟରେ ପ୍ରଦତ୍ତ ତଥ୍ୟ ସାରା ଦେଶରେ ବାୟୁ ଗୁଣବତ୍ତା ଖରାପ ଆଡ଼କୁ ଗତି କରୁଥିବା ସୂଚାଉଛି। ତେବେ ସର୍ବାଧିକ ପ୍ରଦୂଷିତ ୧୦ ସହର ମଧ୍ୟରୁ ୬ଟି ଉତ୍ତର ପ୍ରଦେଶରେ ରହିଥିବାବେଳେ ହରିୟାଣାର ୩ଟି ରହିଛି। କେବଳ ଦିଲ୍ଲୀକୁ ଛାଡ଼ି ଅନ୍ୟ ୯ ସହରରେ ଏବର୍ଷ ପୂର୍ବାପେକ୍ଷା ଅଧିକ ବାୟୁ ପ୍ରଦୂଷଣ ରେକର୍ଡ କରାଯାଇଛି। ସିଆର୍‌ଇଏ ବିଶ୍ଳେଷକ ମନୋଜ କୁମାର କହିଛନ୍ତି, ପରିବହନ, ଶିଳ୍ପ, ଶକ୍ତି ପ୍ରକଳ୍ପ ଓ ଅନ୍ୟ ନିର୍ମାଣଗୁଡ଼ିକ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି। ନିର୍ଦ୍ଦିଷ୍ଟ ଭାବେ ସେକ୍ଟରୱାଇଜ୍ ନିର୍ଗମନ ହ୍ରାସ ନ ହେଲେ ଆଗକୁ ସ୍ଥିତି ଆହୁରି ଖରାପ ହୋଇପାରେ।

ରାଜ୍ୟସ୍ତରରେ ଅନୁଧ୍ୟାନ କଲେ ରାଜସ୍ଥାନର ସର୍ବାଧିକ ୨୩, ହରିୟାଣାର ୨୨, ୟୁପିର ୧୪, ମଧ୍ୟପ୍ରଦେଶର ୯, ଓଡ଼ିଶାର ୯ ଓ ପଞ୍ଜାବର ୭ ସହରରେ ପ୍ରଦୂଷଣ ସାନ୍ଦ୍ରତା ଗତ ନଭେମ୍ବରରେ ଅଧିକ ରହିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ଘାଟିରାସ୍ତାରେ କାର୍ ଖସି ପରିବାରର ୬ ମୃତ**

ମହାରାଷ୍ଟ୍ରର ନାଶିକ୍ ଜିଲାରେ ରବିବାର ଏକ କାର୍ ୮୦୦ ଫୁଟ୍ ଗଭୀର ଉପତ୍ୟକା ମଧ୍ୟକୁ ଖସିପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ପରିବାର ନାଶିକର ସପ୍ତଶୃଙ୍ଗୀ ମାତା ମନ୍ଦିର ଅଭିମୁଖେ ଯାଉଥିବାବେଳେ ଭାବରୀ ଜଳପ୍ରପାତ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣା ଘଟିଥିଲା।

# ନାଇଟ୍ କ୍ଲବ୍ ନିଆଁ ଆପରାଧିକ ଅବହେଳା: କଂଗ୍ରେସ

**ନୂଆଦିଲ୍ଲୀ/ପଣଜୀ,୭।୧୨**

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍ ' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଶାସକ ଭାଜପାର ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୋକବ୍ୟକ୍ତ କରିବା ସହ କହିଛନ୍ତି, ଅପୂରଣୀୟ କ୍ଷତି ଘଟିଥିବା ଏଭଳି ଅଘଟଣକୁ ଏଡ଼ାଯାଇ ପାରିଥାଆନ୍ତା। କେଉଁ କାରଣରୁ ନିଆଁ ଲାଗିଲା ଓ ଏଥିପାଇଁ କିଏ ଦାୟୀ ତାହା ସ୍ପଷ୍ଟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ। ଉତ୍ତରଦାୟିତ୍ୱ ସ୍ଥିର କରି ତତ୍କାଳ ପଦକ୍ଷେପ ନିଆଗଲେ ହିଁ ଆଗକୁ ଏଭଳି ଘଟଣାର ପୁନରାବୃତ୍ତିକୁ ଏଡ଼ାଇହେବ। ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି, ଏହା ଏକ ଦୁଘର୍ଟଣା ନୁହେଁ। ନିରାପତ୍ତା ଓ ଶାସନର ଆପରାଧିକ ବିଫଳତା ଯୋଗୁ ଏତେ ବଡ଼ ଅଗ୍ନିକାଣ୍ଡ ଘଟିଛି। ବିସ୍ତୃତ ଭାବେ ସ୍ୱଚ୍ଛତାର ସହ ତଦନ୍ତ କରାଯାଉ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଅବହେଳାକୁ ଦାୟୀକରି ଅଗ୍ନି ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଫୋନ୍‌ରେ କଥା ହୋଇଛନ୍ତି। ମୋଦି ସ୍ଥିତି ଉପରେ ତାଙ୍କୁ ପଚାରି ବୁଝିବା ସହ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେଉଥିବା ବିଷୟ କହିଛନ୍ତି।





ଅଗ୍ନିକାଣ୍ଡରେ ଭସ୍ମୀଭୂତ ଉତ୍ତର ଗୋଆର ଅରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍ ' ନାଇଟ୍ କ୍ଲବ୍।

# ୬୧୦ କୋଟି ଫେରାଇଲା ଇଣ୍ଡିଗୋ

**ନୂଆଦିଲ୍ଲୀ,୭।୧୨**

ଇଣ୍ଡିଗୋ ବିମାନ ଉଡ଼ାଣ କ୍ରମାଗତ ୫ ଦିନ ଧରି ଗୁରୁତର ବାଧାପ୍ରାପ୍ତ ହେବା ପରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ଉକ୍ତ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଉଡ଼ାଣ ବାତିଲ ଓ ଅତ୍ୟଧିକ ବିଳମ୍ବ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ରବିବାର ଇଣ୍ଡିଗୋ ମୋଟ ୬୧୦ କୋଟି ଟଙ୍କା ଫେରସ୍ତ କରିଛି। ଏଥିସହିତ ୩,୦୦୦ ବ୍ୟାଗେଜ୍‌କୁ ଯାତ୍ରୀମାନଙ୍କୁ ହସ୍ତାନ୍ତର କରାଯାଇଥିବା ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। ପ୍ରଭାବିତ ଯାତ୍ରୀମାନଙ୍କୁ ରବିବାର ରାତି ୮ଟା ସୁଦ୍ଧା ଟିକେଟ ମୂଲ୍ୟ ଫେରସ୍ତ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ନିର୍ଦ୍ଦେଶ ଦେଇଥିଲା। ଏଥିସହିତ ୨ ଦିନ ମଧ୍ୟରେ ଯାତ୍ରୀମାଙ୍କୁ ସେମାନଙ୍କ ଲଗେଜ୍ ଫେରାଇଦେବାକୁ କୁହାଯାଇଥିଲା।

ରବିବାର ୧,୬୫୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ କରିଥିବାବେଳେ ୬୫୦ ଉଡ଼ାଣ ବାତିଲ ହୋଇଛି। ଶନିବାର ୧,୫୦୦ ବିମାନ ଉଡ଼ାଣ କରିଥିଲା। ଦେଶର ଏହି ସର୍ବବୃହତ୍ ଏୟାରଲାଇନ୍ସର ୧୩୮ଟି ରୁଟ୍ ମଧ୍ୟରୁ ୧୩୭ଟିରେ ଠିକ୍ ସମୟରେ ଉଡ଼ାଣ ଶନିବାର ୩୦ ପ୍ରତିଶତ ଥିବାବେଳେ ରବିବାର ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ୧୦ ତାରିଖ ସୁଦ୍ଧା ନେଟ୍‌ୱର୍କରେ ସ୍ଥିରତା ଆସିବ ବୋଲି ଇଣ୍ଡିଗୋ ଆଶାବ୍ୟକ୍ତ କରିଛି। ବାତିଲ ହୋଇଥିବା ଉଡ଼ାଣ ପାଇଁ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଭଡ଼ା ଫେରସ୍ତ କରାଯିବ ବୋଲି ଏୟାରଲାଇନ୍ସ ଦୋହରାଇବା ସହ ପୁନଃ ନିର୍ଦ୍ଧାରଣ ଅନୁରୋଧ ଉପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୁକିଂ ଜାରି ରହିବ ବୋଲି କହିଛି। ଟିକେଟ ଭଡ଼ା ଫେରସ୍ତ ପ୍ରକ୍ରିୟା ଦ୍ରୁତବେଗରେ ଚାଲିଛି। ସେବାକୁ ସ୍ୱାଭାବିକ କରିବା ପାଇଁ ଏୟାରଲାଇନ୍ସ କର୍ମଚାରୀମାନେ ଦିନରାତି କାମ ଚଳାଇଥିବା କହିଛନ୍ତି। ଇଣ୍ଡିଗୋର ୧,୦୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ ଶୁକ୍ରବାର ବାତିଲ ହୋଇଥିବାବେଳେ ଶନିବାର ମଧ୍ୟ ୮୦୦ରୁ ଅଧିକ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏଥିସହିତ ଅନେକ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଫଳରେ ବିଭିନ୍ନ ଏୟାରପୋର୍ଟରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଉତ୍ତେଜନା ବୃଦ୍ଧି ପାଇଥିଲା।

## ସ୍ୱାଭାବିକ ସ୍ଥିତିକୁ ଫେରୁଛି ବିମାନସେବା




ଟିକେଟ୍ ଅର୍ଥ ଫେରିପାଇବା ପାଇଁ ଲୋକେ କାଉଣ୍ଟରରେ ଅପେକ୍ଷା କରିଛନ୍ତି।

## ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ସମନ କରିବ ସଂସଦୀୟ କମିଟି

**ନୂଆଦିଲ୍ଲୀ,୭।୧୨(ପି.ଟି.)**

ଇଣ୍ଡିଗୋର ଅନେକ ଶହ ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବ ଯୋଗୁ ସାରା ଦେଶର ବିମାନବନ୍ଦରଗୁଡ଼ିକରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏକ ସଂସଦୀୟ କମିଟି ଉକ୍ତ ଏୟାରଲାଇନ୍ସର ଶୀର୍ଷ ଅଧିକାରୀ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ସମନ ଜାରି କରିବ ବୋଲି ଜଣାପଡ଼ିଛି। ଜେଡିୟୁ ନେତା ସଞ୍ଜୟ ଝା'ଙ୍କ ଅଧ୍ୟକ୍ଷତାରେ ଗଠିତ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ସଂସଦୀୟ ସ୍ଥାୟୀ କମିଟି ବିମାନସେବା ବ୍ୟାଘାତ ନେଇ ଇଣ୍ଡିଗୋ କର୍ତ୍ତୃପକ୍ଷ, ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀମାନଙ୍କଠାରୁ ସ୍ପଷ୍ଟୀକରଣ ମାଗିପାରେ। ଇଣ୍ଡିଗୋ ବିମାନସେବାରେ ସଙ୍କଟ ଯୋଗୁ ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ କମିଟି ଏହାକୁ ଗମ୍ଭୀରତାର ସହ ନେଇଛି। ଶୀତ ଅଧିବେଶନ ଚାଲିଥିବାବେଳେ ବିମାନ ବାତିଲ ଏବଂ ବିଳମ୍ବ କାରଣରୁ ଅନେକ ଏମ୍‌ପି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଘଟଣାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବା ପାଇଁ ଶନିବାର ସିପିଆଇ(ଏମ୍) ରାଜ୍ୟ ସଭା ସଦସ୍ୟ ଜନ୍ ବ୍ରିଟାସ୍ ଦାବି କରିଥିଲେ।

# ପ୍ରାକ୍ ବିବାହୋତ୍ସବରେ ଗୁଳି: ୨ ନାବାଳକ ମୃତ

**ନୂଆଦିଲ୍ଲୀ,୭।୧୨**

ଉତ୍ତରପ୍ରଦେଶର ଇଟାହ ଜିଲା ଅନ୍ତର୍ଗତ ଉମାଇ ଆସାଦନଗର ଗ୍ରାମରେ ଶନିବାର ରାତିରେ ଏକ ପ୍ରାକ୍ ବିବାହୋତ୍ସବରେ ଗୁଳିକାଣ୍ଡ ଘଟି ୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଛି। ଉତ୍ସବରେ ନାଚଗୀତ ଚାଲିଥିବାବେଳେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଘଟଣାସ୍ଥଳରେ ୧୨ ବର୍ଷୀୟ ସୁହେଲଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଶାହଖାଦଙ୍କୁ ଆଲିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପରେ ଉତ୍ସବସ୍ଥଳ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହା ସେଲିବ୍ରେଟୋରିଂ ଫାୟାରିଂ ହୋଇପାରେ ବୋଲି କହିଛନ୍ତି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ଏବଂ ଏଥିପାଇଁ କିଏ ଦାୟୀ ଜଣାପଡ଼ି ନାହିଁ। ଉତ୍ସବରେ ଉପସ୍ଥିତ ଥିବା ଲୋକମାନଙ୍କୁ ପୋଲିସ ପଚରାଉଚରା କରୁଛି। ତଦନ୍ତ ପରେ ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଆଜି ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

**ନୂଆଦିଲ୍ଲୀ,୭।୧୨(ପି.ଟି.)**

ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ସୋମବାର ଲୋକ ସଭାରେ ୧୦ ଘଣ୍ଟା ବିତର୍କ ପାଇଁ ଅନୁମତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିତର୍କ ଆରମ୍ଭ କରିବାକୁ ଥିବାବେଳେ ଜାତୀୟ ଗାନ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଅଜଣା ପ୍ରସଙ୍ଗ ସାମ୍ନାକୁ ଆସିବା ଆଶା କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦ୍ୱିତୀୟ ବକ୍ତା ଭାବେ ଉଦ୍‌ବୋଧନ ଦେବା ଆଶା କରାଯାଉଛି। ଏହା ବ୍ୟତୀତ କଂଗ୍ରେସର ଉପନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ସଦସ୍ୟମାନେ ବିତର୍କରେ ଭାଗନେବେ।

ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ବନ୍ଦେ ମାତରମ୍ ଲେଖିଥିବାବେଳେ ଯଦୁନାଥ ଭଟ୍ଟାଚାର୍ଯ୍ୟ ଏହାକୁ ସ୍ୱର ଦେଇଥିଲେ। ୧୯୩୭ ମସିହାରେ ଲିଖିତ ଉକ୍ତ ଗୀତର ପ୍ରମୁଖ ପଂକ୍ତିଗୁଡ଼ିକୁ କଂଗ୍ରେସ ହଟାଇଦେଇ ବିଭାଜନର ମଞ୍ଜି ବୁଣିଥିଲା ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ ଅଭିଯୋଗ କରିଥିଲେ। ନଭେମ୍ବର ୭ରେ ପ୍ରଧାନମନ୍ତ୍ରୀ ବନ୍ଦେ ମାତରମ୍‌ର ୧୫୦ ବର୍ଷ ଅବସରରେ ଏହାକୁ ବର୍ଷବ୍ୟାପୀ ପାଳନ କରିବାକୁ ଘୋଷଣା କରିଥିଲେ। ଉକ୍ତ ସଙ୍ଗୀତର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି ଲାଗି ସେ ଯୁବବର୍ଗ ଓ ଛାତ୍ରୀଛାତ୍ରଙ୍କୁ କହିଥିଲେ। ରାଜ୍ୟ ସଭାରେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉକ୍ତ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିବେ। ଲୋକ ସଭାରେ ମଙ୍ଗଳବାର ଓ ବୁଧବାର ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମେତ ନିର୍ବାଚନ ସଂସ୍କାର ଉପରେ ବିତର୍କ ହେବାକୁ ଥିବାବେଳେ ବୁଧବାର ଓ ଗୁରୁବାର ରାଜ୍ୟ ସଭାରେ ଆଲୋଚନା ହେବ। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିତର୍କରେ ବିପକ୍ଷ ଦଳର ନେତୃତ୍ୱ ନେବାକୁ ଥିବାବେଳେ ରାଜ୍ୟ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆଲୋଚନାରେ ଭାଗନେବେ।



ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ୧୨୫ ବିଆର୍‌ଓ ପ୍ରକଳ୍ପ ରାଷ୍ଟ୍ରକୁ ଉତ୍ସର୍ଗ କଲେ ପ୍ରତିରକ୍ଷା ମନ୍ତ୍ରୀ

**ଲେହ,୭।୧୨**

ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ୧୨୫ଟି ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲେହରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦେଶର ସୀମାନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ଏହା ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପଗୁଡ଼ିକ ୫,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା ଲଦାଖ ଏବଂ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ, ଅରୁଣାଚଳପ୍ରଦେଶ, ସିକିମ୍, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ମିଜୋରାମକୁ ବ୍ୟାପିଛି। ଏଥିରେ ୨୮ଟି ରାସ୍ତା, ୯୩ଟି ବ୍ରିଜ୍ ଏବଂ ୪ଟି ଅନ୍ୟାନ୍ୟ କାର୍ଯ୍ୟ ରହିଛି। ବିଆର୍‌ଓ ଇତିହାସରେ ଏହା ଗୋଟିଏ ଦିନରେ ସର୍ବାଧିକ ଏବଂ ସବୁଠୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ। ଏହି କାର୍ଯ୍ୟକ୍ରମରେ ଲଦାଖ ଉପରାଜ୍ୟପାଳ କବିନ୍ଦର ଗୁପ୍ତା ଉପସ୍ଥିତ ଥିଲେ। ପ୍ରତିରକ୍ଷା ଉତ୍ପାଦନରେ ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପ୍ରତିରକ୍ଷା ପାଇଁ ଆମଦାନୀ ଉପରେ ନିର୍ଭର କରୁଥିବା ଭାରତ ଏବଂ ଉତ୍ପାଦନ ଓ ରପ୍ତାନିକାରୀ ରାଷ୍ଟ୍ରର ପରିଚୟ ହାସଲ କରିଛି ବୋଲି ରାଜନାଥ କହିଛନ୍ତି। ୨୦୧୪ରେ ଭାରତରେ ପ୍ରତିରକ୍ଷା ଉତ୍ପାଦନ ୪୬,୦୦୦ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧.୫୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୧୦ ବର୍ଷ ପୂର୍ବେ ଭାରତର ପ୍ରତିରକ୍ଷା ରପ୍ତାନି ୧,୦୦୦ କୋଟି ଟଙ୍କାରୁ କମ୍ ଥିବାବେଳେ ଏବେ ପ୍ରାୟ ୨୪,୦୦୦ କୋଟି ଟଙ୍କାରେ ପହଞ୍ଚିଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# ଗାଡ଼ି ଧକ୍କାରେ ଚିତା ଶାବକ ମୃତ

**ଗ୍ୱାଲିୟର,୭।୧୨(ପି.ଟି.)**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ (କେଏନ୍‌ପି)ରୁ ବାହାରକୁ ଚାଲିଆସିଥିବା ଏକ ଚିତାବାଘ ଶାବକ ରବିବାର ସକାଳେ ଗାଡ଼ି ଧକ୍କାରେ ପ୍ରାଣ ହରାଇଛି। ଗ୍ୱାଲିୟର ଜିଲାର ଘଟିଗାଁଓ ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି ବୋଲି ପୋଲିସ ଆଇଜି ଅରବିନ୍ଦ ସାକ୍ସେନା କହିଛନ୍ତି। ୨୦ ମାସର ଚିତା ଶାବକ କେଏନ୍‌ପି ବାହାରକୁ ଚାଲିଆସିବା ସହ ମା'ଠାରୁ ଅଲଗା ହୋଇଯାଇଥିଲା। ମା' ଚିତାବାଘଠାରୁ ଏହାର ୨ଟି ଛୁଆ ଅଲଗା ହୋଇଯାଇଥିବାବେଳେ ପୂର୍ବରୁ ସେମାନେ ଏକାଠି ବୁଲୁଥିବା ଦେଖାଯାଇଥିଲା। କୌଣସି ପ୍ରକାର ଅଘଟଣରୁ ବର୍ତ୍ତିବା ପାଇଁ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକର ବେଗ କମ୍ କରାଯାଇଥିଲା ବୋଲି ସାକ୍ସେନା କହିଛନ୍ତି। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଶାବକଟିକୁ ଖୋଜୁଛନ୍ତି। ଗତ ଶୁକ୍ରବାର ମଧ୍ୟ ଏକ ଚିତା ଶାବକର ମୃତ୍ୟୁ ଘଟିଥିଲା।



ଚିତା ଶାବକର ପ୍ରତୀକାତ୍ମକ ଫଟୋ।

# ବେନିନ୍‌ରେ ସାମରିକ ବିଦ୍ରୋହ

**କୋଟୋନୌ,୭।୧୨**

ପଶ୍ଚିମ ଆଫ୍ରିକାର ବେନିନ୍‌ରେ ସୈନ୍ୟବାହିନୀର ଗୋଟିଏ ଗୋଷ୍ଠୀ ଆପାତତଃ ବିଦ୍ରୋହ ବଳରେ ଦେଶର ସରକାରକୁ ଭଙ୍ଗ କରିଥିବା ରବିବାର ରାଷ୍ଟ୍ରୀୟ ଟିଭି ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ଗୋଷ୍ଠୀ ନିଜକୁ ମିଲିଟାରୀ କମିଟି ଅଫ୍ ରିଫାଉଣ୍ଡେଶନ ବୋଲି କହିଛି। ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯିବା ସହ ଓ ରାଷ୍ଟ୍ରୀୟ ସଂସ୍ଥାକୁ ଦଖଲକୁ ନିଆଯାଇଥିବା ମିଲିଟାରୀ କମିଟି ଗଣମାଧ୍ୟମକୁ ସୂଚନା ଦେଇଛି। ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପାସ୍କାଲ ଟିଗ୍ରିଙ୍କୁ ସାମରିକ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ସୈନ୍ୟମାନେ କହିଛନ୍ତି। ଅନ୍ୟପକ୍ଷରେ ସେନା ବିଦ୍ରୋହକୁ ପଣ୍ଡ କରାଯାଇଥିବା ବେନିନ୍ ଗୃହମନ୍ତ୍ରୀ ଆଲାସାନେ ସେଇଡୋଉ ଏକ ଫେସ୍‌ବୁକ୍ ଭିଡିଓ ଜରିଆରେ କହିଛନ୍ତି। ଦେଶ ଏବଂ ସରକାରରେ ଅସ୍ଥିରତା ସୃଷ୍ଟି ଲକ୍ଷ୍ୟରେ କେତେଜଣ ସୈନ୍ୟ ବିଦ୍ରୋହ ଆରମ୍ଭ କରିଥିଲେ। ବେନିନ୍ ସଶସ୍ତ୍ର ବଳ ତାହାକୁ ପଣ୍ଡ କରିଦେଇଥିବା ସେଇଡୋଉ କହିଛନ୍ତି। ସୂଚନାଯୋଗ୍ୟ, ଏହି ଦକ୍ଷିଣ ଆଫ୍ରିକୀୟ ଦେଶ ୧୯୬୦ରେ ଫ୍ରାନ୍ସଠାରୁ ସ୍ୱାଧୀନ ହେବା ପରେ ଅନେକ ଥର ସାମରିକ ବିଦ୍ରୋହର ସମ୍ମୁଖୀନ ହେଲାଣି। ତେବେ ୧୯୯୧ରୁ ସେଠାରେ ରାଜନୈତିକ ସ୍ଥିରତା ରହିଆସିଥିଲା। ୨୦୧୬ରୁ ରାଷ୍ଟ୍ରପତି ପାଟ୍ରିସ୍ ଟାଲୋନ୍ କ୍ଷମତାରେ ଅଛନ୍ତି। ଆସନ୍ତାବର୍ଷ ଏପ୍ରିଲରେ ନିର୍ବାଚନ ପରେ ସେ କ୍ଷମତାରୁ ହଟିବେ। ତାଙ୍କ ସମର୍ଥିତ ପ୍ରାର୍ଥୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ରୋମୁଆଲ୍ଡ ୱାଡଗ୍ନି ନିର୍ବାଚନ ଜିତିବା ନେଇ ଜନମତ ପ୍ରକାଶ ପାଉଛି।



ସେନା ଅଧିକାରୀମାନେ ବିଦ୍ରୋହ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ଖର୍ଚ୍ଚ ହୋଇପାରୁନି ମିନି ଷ୍ଟାଡିୟମ ଟଙ୍କା

## ବ୍ୟାଙ୍କ ଖାତାରେ ଗଡୁଛି ୧୩୦୦କୋଟି

**ଭୁବନେଶ୍ୱର,୭।୧୨ (ରବିନାରାୟଣ ଜେନା)**

ରାଜ୍ୟରେ ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୫-୨୬ ଆର୍ଥିକବର୍ଷରେ ୧୩୦୦କୋଟି ଟଙ୍କା ନିର୍ମାଣକାରୀ ସଂସ୍ଥା ତଥା ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଆଦିକୁ ହସ୍ତାନ୍ତର ହୋଇଛି। ହେଲେ ସମ୍ପୃକ୍ତ ବିଭାଗ ପକ୍ଷରୁ ମିନି ଷ୍ଟାଡିୟମ ନିର୍ମାଣ ନେଇ ଯେଭଳି ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବା କଥା ହେଉନାହିଁ। ବ୍ୟାଙ୍କରେ ସରକାରଙ୍କ ଟଙ୍କା ଗଡୁଥିବାବେଳେ ବିଭାଗର ଖର୍ଚ୍ଚ ହାର ବଢ଼ିପାରୁ ନାହିଁ କି କ୍ରୀଡ଼ା ପ୍ରୋତ୍ସାହନ ଯୁବବର୍ଗଙ୍କୁ ମିଳି ପାରୁନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାପାଇଁ ଚଳିତବର୍ଷ ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରିବାପାଇଁ ନିଷ୍ପତ୍ତି ନେଇଛି। ଏହି ମିନି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ ପଡ଼ିଆ, ଥ୍ରୋ ଏବଂ ଜମ୍ପ କ୍ଷେତ୍ର ସହିତ ଆଥ୍‌ଲେଟ ଟ୍ରାକ୍, ଭଲିବଲ/ ଖୋ ଖୋ/ କବାଡି କୋର୍ଟ, ଇନ୍‌ଡୋର ହଲ ସୁବିଧା କେନ୍ଦ୍ର ଆଦିର ବ୍ୟବସ୍ଥା କରାଯିବାକୁ ରହିଛି। ତେବେ ଏହି ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ଲାଗି ପ୍ରତି ବ୍ଲକରେ ୧୦ରୁ ୧୨ ଏକର ଉପଯୁକ୍ତ ଜମିର ଆବଶ୍ୟକତା ରହିଛି। ଏଥିପାଇଁ ଜିଲା ପ୍ରଶାସନକୁ ଜମି ଚିହ୍ନଟ କରି ସରକାରଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଇନ୍‌ଡୋର ହଲ୍ ସହିତ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୧୪.୫୦କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଥିବାବେଳେ ଇନ୍‌ଡୋର ହଲ ନ ଥିବା ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୮କୋଟି ଟଙ୍କା ବ୍ୟୟ କରାଯିବାକୁ ଯୋଜନା ରହିଛି। ଏ ବାବଦକୁ ୪୧୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୯ ସୁଦ୍ଧା ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ ଏବଂ ଇଡ୍‌କୋକୁ ପ୍ରଦାନ କରାଯାଇଛି। ତେବେ କେଉଁ ବ୍ଲକରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହେଉ ନ ଥିବାବେଳେ ଆଉ କେଉଁଠାରେ ଡିପିଆର୍ ପ୍ରସ୍ତୁତ ହୋଇପାରୁ ନାହିଁ। ଫଳରେ ସରକାରଙ୍କ ମିନି ଷ୍ଟାଡିୟମ ଯୋଜନା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ବିହାରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

## ଓଏସ୍ଏସ୍‌ସି ଜେଇ ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା

**ଭୁବନେଶ୍ୱର,୭।୧୨ (ସତ୍ୟଜିତ ରାଉତ)**


ଗିରଫ ଅଭିଯୁକ୍ତ ରାଜମୋହନ ପ୍ରସାଦ

- ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା କ୍ରାଇମ୍‌ବ୍ରାଞ୍ଚ
- ପୂର୍ବରୁ ଗିରଫ ହୋଇଥିଲେ ୨୬ ଅଭିଯୁକ୍ତ

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍ଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ଜେଇ (ସିଭିଲ୍) ମେନ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସମସ୍ତିପୁର ଜିଲା ଖାନପୁର ଥାନା ଅଞ୍ଚଳର ରାଜମୋହନ ପ୍ରସାଦ (୩୫)। ଶନିବାର ରାଜମୋହନଙ୍କୁ ଗିରଫ ପରେ ସମସ୍ତିପୁର ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣିଛି। ରାଜମୋହନଙ୍କୁ ଜେରାକରି କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ପ୍ରୟାସ ଚଳାଇଛି। ରାଜମୋହନଙ୍କୁ ମିଶାଇ ଏହି ମାମଲାରେ ଗିରଫଦାରି ସଂଖ୍ୟା ୨୭ରେ ପହଞ୍ଚିଛି। ଏଥିସହ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ରାଜମୋହନ ଅନ୍ୟ ଅଭିଯୁକ୍ତ ବିଶାଳ କୁମାର, ବିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଓ ସେମାନଙ୍କର ସହଯୋଗୀଙ୍କ ସହିତ ଲିକ୍ ପ୍ରଶ୍ନପତ୍ର ନେଇ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ପୂର୍ବାଶା ହୋଟେଲର କନଫରେନ୍ସ ହଲକୁ ଆସିଥିଲେ। ପ୍ରଶ୍ନପତ୍ର ଦେବାର ଲୋଭ ଦେଖାଇ ପ୍ରାୟ ୮୭ଜଣ ପରୀକ୍ଷାର୍ଥୀଙ୍କୁ ସେହି ସ୍ଥାନକୁ ଡକାଯାଇଥିଲା। ଖବରପାଇ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ହେଲେ ଅଭିଯୁକ୍ତ ରାଜମୋହନ ନିଜ କାର୍ ଛାଡି ଫେରାର ହୋଇଯାଇଥିଲେ। ରାଜମୋହନ ଏହି କ୍ରାଇମ୍ ସିଣ୍ଡିକେଟ୍‌ର ଜଣେ ସକ୍ରିୟ ସଦସ୍ୟ ଭାବେ ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରି ପ୍ରଶ୍ନପତ୍ର ଦେବାର ମିଛ ପ୍ରତିଶ୍ରୁତି ଦେଉଥିଲେ। ପୋଲିସ ଗିରଫଦାରିରୁ ବର୍ତ୍ତିବା ଲାଗି ସେ ନିୟମିତ ସ୍ଥାନ ବଦଳାଇ ଚାଲିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧୬ରେ ଜେଇ (ସିଭିଲ୍) ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ସୂଚନା ମିଳିଥିଲା। ତେବେ ବାଲେଶ୍ୱର ପୋଲିସ ଉକ୍ତ ହୋଟେଲରୁ ପ୍ରଥମେ ୯ଜଣଙ୍କୁ ଗିରଫ କରିବା ପରେ ସହଦେବଖୁଣ୍ଟା ମଡେଲ୍ ଥାନାରେ ଏକ ମାମଲା (ନଂ.୩୦୩/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି ବାଲେଶ୍ୱର ପୋଲିସ କହିଥିଲା। ୨୦୨୩ ସେପ୍ଟେମ୍ବର ୩ରେ ହାଇକୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ୨୦୨୩ ସେପ୍ଟେମ୍ବର ୧୪ରେ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି।


## ଜି.ଉଦୟଗିରିରେ ୪.୪ ଡିଗ୍ରୀ

**ଭୁବନେଶ୍ୱର,୭।୧୨ (ବନ୍ଦନା ସେଠୀ)**

ରାଜ୍ୟରେ ଲଗାତର ପାରଦ ତଳକୁ ଖସିଚାଲିଛି। ରାତିରେ ଶୀତ ଲହରୀ ସହ ଘନ କୁହୁଡ଼ି ଏବଂ ଦିନରେ ଥଣ୍ଡା ପବନ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ରବିବାର ସର୍ବନିମ୍ନ ରାତି ତାପମାତ୍ରା ୪ ଡିଗ୍ରୀ ଛୁଇଁଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳ ଜିଲାର ଜି. ଉଦୟଗିରି ୪.୪ ଡିଗ୍ରୀ ସହ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ସେହିପରି ସିମିଳିଗୁଡାରେ ୬.୧ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡା ୭.୬, ଫୁଲବାଣୀ ୮, ଚିପିଲିମା ୮.୭, କିରେଇ ୮.୮, ଅନୁଗୋଳ ୯ ଓ କେନ୍ଦୁଝରରେ ୯.୬ ଡିଗ୍ରୀ ରହିଥିଲା। ତେବେ ରାଜଧାନୀ ଭୁବନେଶ୍ୱରରେ ୧୧.୯ ଡିଗ୍ରୀ ଓ କଟକରେ ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା ଏବଂ ଜଗତ୍‌ସିଂହପୁରରେ ପ୍ରବଳ ଶୀତ ହେବ। ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲାରେ ଘନ କୁହୁଡି ନେଇ ଆଞ୍ଚଳିକ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଦେଇଛି।

## ପିହୁଙ୍କ ମା'ଙ୍କୁ ଫୋନରେ ହତ୍ୟା ଧମକ

**ବିଞ୍ଝାରପୁର,୭।୧୨(ରାମକୃଷ୍ଣ ଦାସ):** ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁଙ୍କ ମା' ମୋନାଲିସା ନାୟକଙ୍କୁ ଫୋନରେ ମିଳୁଛି ହତ୍ୟା ଧମକ। ଜୀବନ ପ୍ରତି ବିପଦ ଥିବାରୁ ସେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨ ମାସ ହେବ ମୋନାଲିସାଙ୍କ ମୋବାଇଲକୁ ୩ଟି ନମ୍ବରରୁ ଫୋନ ଆସୁଛି। ଫୋନ୍ କରୁଥିବା ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମୋନାଲିସା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ.୫୭୭/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କୁନିଝିଅ ପିହୁ ଗାଁଦାଣ୍ଡରେ ଖେଳୁଥିବାବେଳେ ୯।୮।୨୦୨୦ରେ ନିଖୋଜ ହୋଇଯାଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳୁନାହିଁ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍ ୧, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବସନ୍ତ ବାହାର ସଙ୍ଗୀତ ଏକାଡେମୀ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପୂର୍ବତନ ଯାଜପୁର ସାଂସଦ ସ୍ୱର୍ଗତ ମୋହନ ଜେନାଙ୍କ ୩ୟ ପୁଣ୍ୟତିଥି, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।
- ହେ ମହାବାହୁ ଭକ୍ତି ସଙ୍ଗୀତ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ହୋଟେଲ୍ ଷ୍ଟଲ ୱାର୍ଟ ଯଯାତି, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାର୍କୋଣା, ସମୟ: ପୂର୍ବାହ୍ନ ୯ଟା।

## ଭଦ୍ରକ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ସିନିଅର ସିଟିଜେନ ଫୋରମର ପ୍ରତିଷ୍ଠା ଦିବସ, ସ୍ଥାନ: କଲ୍ୟାଣୀ ମହିଳା ସମିତି ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଗୌତମ ଓ ପମିଙ୍କ ଝୁମର ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ରାତି ୭ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବାଲିପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ବ୍ଲକ ନଳବଣ୍ଟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନଜୀବୀ ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ସିଂହଙ୍କର ଛାୟାଚିତ୍ର ଅନାବରଣ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ : ଅପରାହ୍ନ ସାଢେ ୩ଟା।

## କେନ୍ଦ୍ରାପଡ଼ା

- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ତେଲିପାଟଣା ଖେଳପଡିଆ, ଆଳି, ପୋଲିସ ଖେଳପଡିଆ, ରାଜକନିକା, ପଞ୍ଚାୟତ ଖେଳପଡିଆ, ଖମାରସାହି, ରାଜନଗର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର, ସ୍ଥାନ : ଧର୍ମଶାଳା ବ୍ଲକ ୧୪ ନମ୍ବର ଜୋନ୍‌ର ମିର୍ଜାପୁର, ସମୟ: ସକାଳ ୯ଟା।
- ଅଧ୍ୟାପିକା ରୀନା ମହାପାତ୍ରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ବ୍ୟାସଦେବ ଟାଉନ ହଲ, ସମୟ: ସକାଳ ୯ଟା୩୦।

## ନୟାଗଡ଼

- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ମର୍ଦ୍ଦରାଜପୁର ବନାମ ନରସିଂହପୁର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ୫ମ ଦିବସରେ ବ୍ରହ୍ମଗିରିର ସୀତା ଠାବ, ସ୍ଥାନ: ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ: ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବ ଆରମ୍ଭ, ସ୍ଥାନ: ସିଟି ସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୫ମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡା ରଥଗଡ଼ା ଛକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ ୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିଶନ) ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ୍
- ସମୟ: ପୂର୍ବାହ୍ନ ୧୧ଟା ୩୦
- ମଞ୍ଚସ୍ଥ ହେବ ମଣ୍ଡେଇ ମଞ୍ଚ ନାଟକ ଅନ୍ଧକାରର ସୂର୍ଯ୍ୟ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, ଡୁମୁରିପଦର, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ତମ ରାଜ୍ୟ ଆଥଲେଟିକ ମିଟ ଶୁଭାରମ୍ଭ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଉପରକାଣ୍ଟି ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁନବର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ମିନି ମାରାଥନ୍, ସ୍ଥାନ: କୋରୁକୁଣ୍ଡା ରୋଡ୍ ଏମ୍‌ଭି-୧୧ରୁ ବୁଟିଗୁଡା ବିଦ୍ୟାଳୟ, ସମୟ: ସକାଳ ୬ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- କଲମ ପରିବାର ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି ଆୟୁଷ କଲେଜ, ସମୟ: ସକାଳ ୯ଟା।
- ସାଂସଦ ଖେଳ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ମାର୍ଟ ମୋବିଲିଟି ସମ୍ପର୍କିତ ଅନ୍ତର୍ଜାତୀୟ ଆଲୋଚନା, ସ୍ଥାନ: ଏନ୍‌ଆଇଟି ରାଉରାକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁତ୍ୱ ସମ୍ମାନ ସମାରୋହ, ସ୍ଥାନ: ପାନ୍ଥନିବାସ, ସେକ୍ଟର- ୫, ସମୟ: ମଧ୍ୟାହ୍ନ ୧୨ଟା।
- ଜିଏନ୍‌ପିଏସ୍‌ର ବାର୍ଷିକୋତ୍ସବ, ସ୍ଥାନ: ନୟାବଜାର, ସେକ୍ଟର- -୨୧, ସମୟ: ପୂର୍ବାହ୍ନ ୨ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ବରଗଡ଼

- ବିଜ୍ଞାନ ମେଳା ଅବସରରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଖେଦାପାଲି ଟୁକୁର୍ଲା, ବରଗଡ଼, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କଲମପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉଲୁଣ୍ଡା ବ୍ଲକ ସିଣ୍ଡୋଲରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିଣ୍ଡୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ବନ୍ଧୁମିଳନରୁ ଖୁସି ରହିବେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବର୍ଦ୍ଧକ ହେବ। ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି। ସାହିତ୍ୟାନୁରାଗପୂର୍ବକ ରଚନାତ୍ମକ କାମରେ ମନୋନିବେଶ କରି ସହକର୍ମୀଙ୍କ ପ୍ରଶଂସାଭାଜନ ହେବେ।

**ବୃଷ** ଆପଣଙ୍କ ରାଶିକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ପାଇଁ ଦିନଟି ବହୁତ ଭଲ ମାତ୍ର ବିବାଦୀୟ ପରିସ୍ଥିତିଜନିତ ସମସ୍ୟା ବୃଦ୍ଧି ପାଇପାରେ। କାର୍ଯ୍ୟଦକ୍ଷତା ଓ ଦୂରଦର୍ଶିତା ଗୁଣ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** କର୍ମାଧିପ ବୃହସ୍ପତି ରାଶିରେ ଅବସ୍ଥାନ କରୁଥିବାରୁ ସନ୍ତାନ ହେତୁକ ଗୌରବ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ସତ୍‌ସଙ୍ଗ, ଭ୍ରମଣ, ସଭାସମିତି, ଜମିଜମା ସମ୍ପର୍କିତ ଆଲୋଚନା ଫଳପ୍ରଦ ହେବ। ଆର୍ଥିକ ସ୍ଥିତି ମଜଭୁତ ରହିବା ସହ ଲୋକସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଆଜି ରାଶିରେ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ଆଧ୍ୟାତ୍ମିକତା, ଭ୍ରମଣସୁଖ, ପୁଞ୍ଜିଲଗାଣ ପାଇଁ ଭଲ ରହିବ। କୋଣଭାବସ୍ଥ ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନର ମଉକା ପାଇବେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ସିଂହ** ଚତୁର୍ଥକେନ୍ଦ୍ରସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ପାର୍ଟିରେ ଯୋଗ ଦେଇପାରନ୍ତି। ସହକର୍ମୀଙ୍କ ସହ ସୁସମ୍ପର୍କ ଯୋଡିବାରେ ସଫଳତା ପାଇବେ। ସାମାଜିକ ସ୍ତରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ଧନସ୍ଥାନରେ କେତୁଙ୍କ ସ୍ଥିତିଜନିତ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶିକୁ ଶନି ଅବଲୋକନ କରୁଥିବାରୁ ଶିଥିଳତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରନ୍ତି। ଦୈହିକ ସ୍ୱାସ୍ଥ୍ୟରେ ଅବନତି ଘଟିବା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇ ନ ପାରେ।

**ତୁଳା** ଧନାଧିପ ମଙ୍ଗଳଙ୍କ ପ୍ରତି ଷଷ୍ଠାଧିପ ଗୁରୁଦୃଷ୍ଟି ଅର୍ଥସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ଆଶଙ୍କା ଦେଖାଦେବ। ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। କର୍ମାଧିପ ସ୍ୱଗୃହରେ ରହିଥିବାରୁ ପଦସ୍ଥବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୁଯୋଗ ଲାଭ କରିପାରନ୍ତି।

**ବିଛା** ମୁଖଭାବରେ ମଙ୍ଗଳ ଯୋଗୁ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ଦୁଃଖର କାରଣ ହେବ। କର୍ମଭାବସ୍ଥ କେତୁଜନିତ ସଫଳତା ପାଇବା କଷ୍ଟକର ହେବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବା ସାଙ୍ଗକୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିପାରନ୍ତି।

**ଧନୁ** ଦ୍ୱାଦଶସ୍ଥ ଗ୍ରହଜନିତ କର୍ମାରମ୍ଭର ପ୍ରାଥମିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେବେ। ଅର୍ଥ ସାହାଯ୍ୟର ଆଶା ନେଇ ବନ୍ଧୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ। ଶତ୍ରୁତା କାରଣରୁ ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସୂଚନା ରହିଛି।

**ମକର** ଆଶା କେତେକାଂଶରେ ପୂରଣ ହେଲେ ମଧ୍ୟ ଅପୂର୍ଣ୍ଣତା ଯୋଗୁ ଦୁଃଖିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ। ଅର୍ଥସଙ୍କଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ରାଶିପ୍ରତି ଦୃଷ୍ଟି କାରଣରୁ ଜୀବନସାଥୀଙ୍କ ପରାମର୍ଶ ସମସ୍ୟା ସମାଧାନରେ ସହାୟକ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବା ସହ ପାରିବାରିକ, ସାମାଜିକ ଜୀବନରେ ଖୁସି ରହିବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବାର ସୂଚନା ରହିଛି।

**ମୀନ** ରାଶିରେ ଶନିଙ୍କ ଅବସ୍ଥାନ ହେତୁ ପ୍ରତ୍ୟେକ କାର୍ଯ୍ୟରେ ନିରୁତ୍ସାହିତା ଅନୁଭବ କରିବେ। କିନ୍ତୁ ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ । ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ଡିସେମ୍ବର ୮ ତାରିଖ, ପୌଷ କୃଷ୍ଣ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୩ ଗତେ ଘ.୦୭.୩୪ ମଧ୍ୟେ, ଘ.୦୯.୦୬ ଗତେ ଘ.୧୧.୧୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୩୪ ଗତେ ଘ.୦୮.୫୫ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ଏସ୍ଏସ୍‌ବି ଯବାନ ...

କରିଛି ସିବିଆଇ। ସେମାନେ ପରୋକ୍ଷରେ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ସିବିଆଇ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଅଧିକାଂଶ ସମୟ ସେମାନେ ସିଲିକନ୍ ଟେକ ଲ୍ୟାବ୍ ଅଫିସକୁ ଯାଉଥିଲେ। ତେଣୁ ସିବିଆଇ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଯୋଗାଡ଼ କରୁଛି। ଆବଶ୍ୟକ ପ୍ରମାଣ ମିଳିବା ପରେ ସେମାନଙ୍କ ସହ ଓପିଆର୍‌ବିର ଜଣେ ଅଧିକାରୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, କ୍ରାଇମ୍‌ବ୍ରାଞ୍ଚଠାରୁ ଏହି ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାକୁ ସିବିଆଇ ନେବା ସହ ତଦନ୍ତକୁ ତ୍ୱରାନ୍ୱିତ କରି ଗିରଫଦାରି ଆରମ୍ଭ କରିଛି। ଏହି ମାମଲାରେ ଇତିମଧ୍ୟରେ ୧୨୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୬ଜଣ ଦଲାଲ ରହିଛନ୍ତି। ଅନ୍ୟମାନେ ହେଉଛନ୍ତି ଏହି ମହା ନିଯୁକ୍ତି କେଳେଙ୍କାରୀର ମାଷ୍ଟରମାଇଣ୍ଡ୍ ଓ ସହଯୋଗୀ ।

## 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ...



ଅବଦାନ ରଖିବ। ସବୁ ଶିଳ୍ପ ଓ ଖଣି ଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ୍ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଚଣ୍ଡିଖୋଲରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। କେନ୍ଦୁଝରର ବିକାଶ ପାଇଁ ୨୩୦୦ କୋଟି ଟଙ୍କା ବ୍ୟୟରେ ବଡ଼ବିଲରେ ଏକ ଚାରି ଲେନ୍ ବିଶିଷ୍ଟ ରିଙ୍ଗ୍ ରୋଡ୍ ହେବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହାସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର, ବଳଭଦ୍ରପୁରରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଣ୍ଟର୍, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ୍, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ, ୫୦ କୋଟି ଟଙ୍କାରେ ସାନଘାଗରାଠାରେ ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ଆଦି ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ଠିଆ କରିବାର ଲକ୍ଷ୍ୟ ରଖାଯାଇଛି। ସେଥିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଦେଶ ଓ ରାଜ୍ୟର ମହାନ୍ ଲକ୍ଷ୍ୟ ପୂରଣରେ କେନ୍ଦୁଝରର ବିଶେଷ ଭୂମିକା ରହିବ। କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଡିଏମ୍‌ଏଫ ଓ ଓଏମ୍‌ବିଏଡିସି ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝରରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଆ ନାଇଟ୍ ...

ବ୍ୟାପିବାବେଳେ ଲୋକେ କେଉଁବାଟ ଦେଇ ବାହାରିବେ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଏପରି କି କେତେଜଣ ପର୍ଯ୍ୟଟକ କିଚେନ୍ ଶିଡ଼ି ତଳେ କର୍ମଚାରୀଙ୍କ ସହ ଚାପି ହୋଇଯାଇଥିଲେ। ନାଇଟ୍ କ୍ଲବ୍‌ର ପ୍ରବେଶପଥ ମଧ୍ୟ ଅତି ଅଣଓସାରିଆ ଥିଲା, ଯଦ୍ୱାରା ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା। ଫାୟାର ଇଞ୍ଜିନ୍ ପ୍ରବେଶ କରିବାରେ ଅସୁବିଧା ହେବାରୁ ସେଗୁଡ଼ିକୁ ପ୍ରାୟ ୪୦୦ ମିଟର ଦୂରରେ ରଖି ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଥିଲା ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି। ଶ୍ୱାସରୁଦ୍ଧ ହୋଇ ଅଧିକାଂଶ ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି, ଗୋଆରେ ଏହା ଏହି ଧରଣର ପ୍ରଥମ ଘଟଣା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ନିଆଁ ପ୍ରଥମେ ଉପର ମହଲାରେ ଲାଗିଥିଲା। କବାଟଗୁଡ଼ିକ ବନ୍ଦ ଥିବାରୁ ଅଳ୍ପ କେତେଜଣ ଲୋକ ସୁରକ୍ଷିତ ଭାବେ ବାହାରିଆସିବାରେ ସକ୍ଷମ ହୋଇଥିଲେ। ତେବେ ନିଆଁ ଭୟାବହ ହେବା ପରେ ଅନ୍ୟ କେହି ନିଜକୁ ବଞ୍ଚାଇପାରି ନ ଥିଲେ। ଉପଯୁକ୍ତ ଭେଣ୍ଟିଲେଶନ୍ ସୁବିଧା ନ ଥିବାରୁ ତଳକୁ ଚାଲିଆସିଥିବା ଲୋକେ ମଧ୍ୟ ଅଣନିଃଶ୍ୱାସୀ ହୋଇଯାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସାୱନ୍ତ ଆହୁରି କହିଛନ୍ତି, ରାଜ୍ୟ ସରକାର ଏହାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରାଙ୍କ ବିରୋଧରେ ମାମଲା ରୁଜୁ ସହ ଗିରଫ ୱାରେଣ୍ଟ ଜାରି କରାଯାଇଛି। ଜେନେରାଲ ମ୍ୟାନେଜରଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର୍ କରାଯାଇଛି। ଫାୟାର ସେଫ୍ଟି ଓ ନିର୍ମାଣ ନିୟମଗୁଡ଼ିକୁ ଉଲ୍ଲଂଘନ କରାଯାଇଥିଲା କି ନାହିଁ ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ଘଟେ ସରକାର ସେ ଦିଗରେ ସବୁ ପ୍ରକାରେ ଯତ୍ନବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳ ପି. ଅଶୋକ ଗଜପତି ରାଜୁ ଗୋଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ଯାଇ ସେଠାରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଭେଟିଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବାରୁ ରାଜ୍ୟପାଳ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଇତିମଧ୍ୟରେ ଆର୍‌ପୋରା-ନାଗୋଆ ପଞ୍ଚାୟତର ସରପଞ୍ଚ ରୋଶନ୍ ରେଡ୍‌କରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ରୋଶନ୍ ହେଉଛନ୍ତି ସେହି ବ୍ୟକ୍ତି ଯିଏକି ୨୦୧୩ରେ ନାଇଟ୍‌କ୍ଲବ ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ବିରୋଧୀ ଦଳଗୁଡ଼ିକ ଏହି ଟ୍ରାଜେଡିକୁ 'ମୃତ୍ୟୁର ଫାଶ' ରୂପେ ଅଭିହିତ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## 'ବର୍ଚ ବାଇ ...

ଲକ୍ଷ୍ନୌ ସମେତ ଭାରତର ୧୦ ସହରରେ ଏହାର ଶାଖା ରହିଥିବାବେଳେ ଖୁବ୍‌ଶୀଘ୍ର ଆଉ ୪୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଯୋଜନା ରହିଛି। ବିଦେଶରେ ମଧ୍ୟ ବହୁସଂଖ୍ୟକ ରେଷ୍ଟୁରାଣ୍ଟ ପରିଚାଳିତ ହେଉଛି। ମଧ୍ୟପ୍ରାଚ୍ୟ, ଦକ୍ଷିଣପୂର୍ବ ଏସିଆ ଏବଂ ୟୁରୋପରେ ଏହାର ଚେନ୍‌କୁ ପରିବ୍ୟାପ୍ତ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ତେବେ ସୁସ୍ୱାଦୁ ବ୍ୟଞ୍ଜନ ଓ ବିଳାସପୂର୍ଣ୍ଣ ନାଇଟ୍ ଲାଇଫ୍‌କୁ ନେଇ ଜଣାଶୁଣା ଏହି ଚେନ୍‌ର ଗୋଆ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟିବା ପରେ ଦୁର୍ନାମ ମୁଣ୍ଡାଇଛି ବର୍ଚ।

## ପୋଖରୀରେ ବୁଡ଼ିଗଲେ...

ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ନଂ.୪୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସାଲୋନୀଙ୍କ ବାପା ଆର୍.ଘନ ସୁରଟରେ ଏକ ଲୁଗାକଳରେ କାମ କରୁଛନ୍ତି। ମା' ଘଟଣା ସମୟରେ ଚାଷଜମିକୁ ଧାନ କାଟିବାକୁ ଯାଇଥିଲେ। ରାଜେଶ୍ୱରୀଙ୍କ ବାପା ଚାଷ କାର୍ଯ୍ୟ କରନ୍ତି।

## ଜାନୁଆରୀରେ ଭାରତ ...

ଏହି ଦୃଷ୍ଟିରୁ କିଛି ସପ୍ତାହ ହେଲା ଜେଲେନ୍‌ସ୍କିଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ନୂଆଦିଲ୍ଲୀ ଓ କିଭ୍ ପରସ୍ପର ସହ ଯୋଗସୂତ୍ରରେ ରହିଥିବା ନେଇ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ସମେତ ଆଉ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ସରକାରୀ ଭାବେ ଏନେଇ କିଛି ସ୍ପଷ୍ଟ ହୋଇନାହିଁ।



# ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରଜି ନ ପାରେ ମୁଣ୍ଡ**
**ଭଲ ଲୋଡୁଥାଏ ତୁଣ୍ଡ ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ। ରୋଜଗାର କରିବାକୁ ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅପାଳକ ରାଇଜକୁ**
**ବିଜୁଳି ଲକ୍ଷେ ଟଙ୍କା।**

ଯେଉଁ ଦେଶରେ ବର୍ଷା ହୁଏ ନାହିଁ ସେଠି ଅପାଳକ ହୁଏ। ବର୍ଷା ହେବା ପୂର୍ବରୁ ମେଘ ଉଠାଏ। ମେଘକୁ ମେଘ ଘଷି ହୋଇ ବିଜୁଳି ସୃଷ୍ଟି ହୁଏ। ବିଜୁଳି ଦେଖିଲେ ମେଘ ହେବାର ଆଶା ଜନ୍ମେ। ଯେଉଁଠି କିଛି ନାହିଁ, ସେଇଠି ସାମାନ୍ୟ କିଛି ମାତ୍ର ମିଳିଗଲେ ଅପୂର୍ବ ଆନନ୍ଦ ଲାଗିଥାଏ। ଯୋଗ୍ୟ ବ୍ୟକ୍ତି ବା ବସ୍ତୁ ଅଭାବରେ କମ୍ ଜିନିଷ ମୂଲ୍ୟବାନ୍ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାଇକ୍‌କୁ ଧକ୍କାଦେଲା ଟ୍ରାକ୍ଟର, ୨ ମୃତ

**ବାଣପୁର,୭।୧୨(ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ନିକଟ ବେଙ୍ଗରାଜପଲ୍ଲୀ ରାସ୍ତାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ମାଟି ବୋଝେଇ ଟ୍ରାକ୍ଟର ଧକ୍କା ଦେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସାରୁବାରିପଦରର ବାପି ମହାପାତ୍ର ଏବଂ ପାଟପୁର ଗ୍ରାମର ଚନ୍ଦନ ସେଠୀ। ତେବେ ଗୁରୁତର ମିଳନ ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଅପରାହ୍ନରେ ଉପରୋକ୍ତ ତିନି ଯୁବକ ଏକ ବାଇକ୍‌ରେ କ୍ରିକେଟ ଖେଳ ଦେଖିବା ପାଇଁ ତୁମୁରାପୁଟ ପଞ୍ଚାୟତର ପ୍ରତାପ ଗ୍ରାମକୁ ଯାଉଥିଲେ। ବେଙ୍ଗରାଜପଲ୍ଲୀ ରାସ୍ତାରେ ବିପରୀତ ପଟୁ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମିଳନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଟ୍ରାକ୍ଟର ସହ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ହରଭଙ୍ଗା,୭।୧୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ କନ୍ଧମାଳ ଜିଲା ଚକାପାଦ ବ୍ଲକ ବ୍ରାହ୍ମଣପାଦର ଅପରାଜିତା ରାଉତ (୨୪)। ଏହି ଦୁର୍ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁରୁଣାକଟକ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣପାଦର ବିରୁପାକ୍ଷ ସାହୁ ଓ ସ୍ତ୍ରୀ ଅପରାଜିତା ଏକ ବାଇକ୍ ଯୋଗେ ବଲାଙ୍ଗୀରସ୍ଥିତ ସମ୍ପର୍କୀୟ ଘରକୁ ଯାଉଥିବା ବେଳେ ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଗାଡ଼ି ଚାଳକ ଗାଡି ନେଇ ଫେରାର ଅଛନ୍ତି। ପୋଲିସ ସନ୍ଦେହରେ ଗୋଟିଏ ଟ୍ରକ୍‌କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ତଦନ୍ତକାରୀ ଅଧିକାରୀ ଆର୍ତ୍ତତ୍ରାଣ ଦାନୀଙ୍କୁ ପଚାରିବାରୁ ଏହି ଘଟଣାରେ ମାମଲା (ନଂ.୨୦୪/୨୫) ରୁଜୁ କରାଯିବା ସହ ଏକ ଟ୍ରକ୍‌କୁ ଅଟକ ରଖାଯାଇଛି ବୋଲି ସୂଚନା ଦେଇଥିଲେ।

# ଭାଜପା ଦୁର୍ନୀତିଗ୍ରସ୍ତଙ୍କ ୱାଶିଂମେଶିନ: କଂଗ୍ରେସ

**ଭୁବନେଶ୍ୱର, ୭।୧୨ (ରବିନାରାୟଣ ଜେନା)**

ବରପଦା ଇଞ୍ଜିନିୟରିଂ କଲେଜ ଚଞ୍ଚକତାରେ ନିଜକୁ ବଞ୍ଚାଇବା ଲାଗି ବିଜେଡି ନେତାଙ୍କ ପୁଅ ଏବେ ଭାଜପାର ଶରଣାପନ୍ନ ହୋଇଛନ୍ତି ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଦୁର୍ନୀତିଗ୍ରସ୍ତଙ୍କ ଦୁର୍ନୀତି ଧୋଇବାରେ ଭାଜପା ଏକ ବଡ଼ ୱାଶିଂମେଶିନ। ଯେଉଁମାନେ ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ଦଳରେ ସାମିଲ କରି ତାଙ୍କ ଦୁର୍ନୀତି ସଫା କରି ଜନସାଧାରଣଙ୍କୁ ଭାଜପା କି ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ବରପଦା




କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ବିବୃତି ରଖୁଛନ୍ତି।

ଇଞ୍ଜିନିୟରିଂ କଲେଜର କଳାଫର୍ଦ୍ଦ ପଛରେ ପ୍ରୟାସକାନ୍ତି ସାମଲଙ୍କ ସମ୍ପୃକ୍ତି ରହିଛି। ୨୦୦୦ରେ ବିଜେଡି ସରକାର କ୍ଷମତାକୁ ଆସିଲା ପରେ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ କୌଶଳତା ଯୋଗୁ କଲେଜର ପରିଚାଳନା କମିଟି ସେ ନିଜ ହାତକୁ ନେଇଥିଲେ। ୨୦୦୭ରେ କଲେଜର ବାଏ-ଲ'କୁ ପରିବର୍ତ୍ତନ କରି ବ୍ୟକ୍ତିକୈନ୍ଦ୍ରିକ କରିଦେଲେ। ୨୦୦୯ରେ ପୁଅ ପ୍ରୟାସକାନ୍ତିଙ୍କୁ ପରିଚାଳନା କମିଟିର ସଭାପତି କରି ତାଙ୍କ ହାତରେ ସମସ୍ତ କ୍ଷମତା ପ୍ରଦାନ କଲେ। ବର୍ଷକୁ ୨୦ରୁ ୨୨ କୋଟି ରୋଜଗାର ଥିଲାବେଳେ ଅନୁଷ୍ଠାନର ଖର୍ଚ୍ଚ ବର୍ଷକୁ ମାତ୍ର ୮ କୋଟି ଟଙ୍କା ହେଉଥିଲା। ସେ କହିଛନ୍ତି, ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକ୍ରାନ୍ତି ଭୁବନେଶ୍ୱର କଣ୍ଟାବାଡ଼ଠାରେ ପ୍ରତିଷ୍ଠା ହୋଇଥିବା ଏକ ଇଞ୍ଜିନିୟରିଂ କଲେଜର ବିଏଟ (ଭଦ୍ରକ ଏକାଡେମି ଅଫ ଟେକ୍ନୋଲୋଜି) ୪୦ ଏକର ଜମି ଓ କୋଠାବାଡ଼ି ବିକି ଚଲୁ କରିଦେଲେ ଓ ଅନୁଷ୍ଠାନକୁ ଟଙ୍କାଟିଏ ଫେରାଇଲେ ନାହିଁ। ପରେ ତା'ର କିଛି ଜମି ନିଜ ନାମରେ କରିନେଲେ। କେବଳ ସେତିକି ନୁହେଁ, ପ୍ରୟାସକାନ୍ତି କଲେଜର କାଗଜପତ୍ର ବ୍ୟାପକ ଜାଲିଆତି କରିବା ସହ ବିପୁଳ ଦୁର୍ନୀତି କରିଛନ୍ତି। ଏହା ଏବେ ତଦନ୍ତ ପରିସରଭୁକ୍ତ ରହିଥିବାବେଳେ କେଉଁ ନୈତିକ ଆଧାରରେ ଅଭିଯୁକ୍ତମାନଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରେ ମିଶାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସମ୍ମିଳନୀରେ ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ବିଜେବିରେ ୩ମାସରେ ୪ ର୍‍ୟାଗିଂ ବୁଝାମଣାରେ ସୀମିତ

**ଭୁବନେଶ୍ୱର,୭।୧୨ (ରବିନାରାୟଣ ଜେନା)**

ରାଜ୍ୟରେ ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରେ ର୍‍ୟାଗିଂକୁ ନେଇ ଆସୁଥିବା ଅଭିଯୋଗ ସବୁ ବୁଝାମଣାରେ ସୀମିତ ରହୁଛି। ସବୁ ର୍‍ୟାଗିଂ ଅଭିଯୋଗରେ ମାମଲା ହେବା ପୂର୍ବରୁ ଆଣ୍ଟି ର୍‍ୟାଗିଂ ସେଲ୍‌ର ହସ୍ତକ୍ଷେପ ଫଳରେ ବୁଝାମଣା ହୋଇଯାଉଛି। ଗତ ୩ମାସ ମଧ୍ୟରେ କେବଳ ରାଜଧାନୀର ସବୁଠାରୁ ସ୍ୱନାମଧନ୍ୟ ଅନୁଷ୍ଠାନ ବିଜେବି ସ୍ୱୟଂଶାସିତ ଡିଗ୍ରୀ କଲେଜରେ ୪ଟି ମାମଲା ହୋଇଥିଲେ ହେଁ ତାହା ବୁଝାମଣାରେ ଫଇସଲା ହୋଇଯାଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୬ ମାସ ମଧ୍ୟରେ ପ୍ରଥମେ ବିଜେବି ଅଟୋନମସ୍ ଡିଗ୍ରୀ କଲେଜରେ ଚଳିତବର୍ଷ ଅଗଷ୍ଟ ୨୦ରେ ଏସଂକ୍ରାନ୍ତୀୟ ଏକ ଅଭିଯୋଗ ଆସିଥିଲା ; ଯେଉଁଥିରେ ପ୍ରିନ୍ସିପାଲ ହସ୍ତକ୍ଷେପ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇଛି। ସେହିପରି ସେପ୍ଟେମ୍ବର ୪ରେ ଆସିଥିବା ଅଭିଯୋଗ ମଧ୍ୟ ବୁଝାମଣା ଭିତ୍ତିରେ ସମାଧାନ ହୋଇଥିବାବେଳେ ୮ତାରିଖରେ ମଧ୍ୟ ଅନୁରୂପ ଅଭିଯୋଗର ବୁଝାମଣା ହୋଇଛି। ସେହିପରି ନଭେମ୍ବର ୨୧ରେ ପୁନର୍ବାର କଲେଜରେ ର୍‍ୟାଗିଂ ଅଭିଯୋଗ ଆସିଥିଲା। ଏଥିରେ ଉଭୟପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇ ମାମଲାକୁ ଆଗକୁ ବଢ଼ାଯାଇନାହିଁ। ଏହାବାଦ୍ ସୁନ୍ଦରଗଡ଼ ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ରାଉରକେଲା ଅଟୋନମସ୍ ଡିଗ୍ରୀ କଲେଜରେ ଯେତେ ସବୁ ର୍‍ୟାଗିଂ ଅଭିଯୋଗ ଆସିଥିଲା, ସେ କ୍ଷେତ୍ରରେ ଆଣ୍ଟି ର୍‍ୟାଗିଂ ସେଲ୍‌ର ହସ୍ତକ୍ଷେପ ଫଳରେ ସବୁ ଫଇସଲା ହୋଇଯାଇଛି। ରାଗିଂ ରୋକିବାରେ ଆଣ୍ଟି ରାଗିଂ ସେଲ୍ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ କାଡାମ କହିଛନ୍ତି, ସରକାର ଗୃହକୁ ବାସ୍ତବ ତଥ୍ୟ ଦେବାକୁ ଚାହୁଁ ନାହାନ୍ତି। ବ୍ରହ୍ମପୁର ମେଡିକାଲ କଲେଜଠାରୁ ଆରମ୍ଭ କରି ଅନ୍ୟାନ୍ୟ କଲେଜରେ ରାଗିଂ ହେବା ସହିତ କଥା ବହୁତ ବାଟ ଯାଇଥିଲା। ଏହାସହିତ ଦୈନିକ ର୍‍ୟାଗିଂ ଅଭିଯୋଗ ନେଇ ମାତାପିତାଙ୍କ ଅଭିଯୋଗ ଆସୁଛି। ହେଲେ ସରକାର ସେସବୁକୁ ଚାପି ଦେଉଛନ୍ତି।

# କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଲେ ଚାଷୀ

## ଧାନ କିଣାବିକା ଅଚଳାବସ୍ଥା ଜାରି



ଚାଷୀମାନେ ମଣ୍ଡି କାର୍ଯ୍ୟାଳୟରେ ତାଲା ମାରୁଛନ୍ତି।

**ବରଗଡ଼,୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ରବିବାର ୧୦ଦିନରେ ପହଞ୍ଚିଛି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରବିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଏହି ମଣ୍ଡିରେ ଧାନ କିଣାବିକା ସ୍ୱାଭାବିକ ହେବ ନାହିଁ, ସେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଥିଲା। କେଉଁଠି ଧାନ ଉଠାଣ ଟାର୍ଗେଟ ନ ଥିବାବେଳେ ଆଉ କେଉଁଠାରେ ଟୋକନ ସମସ୍ୟା ଯୋଗୁ ଚାଷୀମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। କଳାପାଣି ମଣ୍ଡିରେ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। କଳାପାଣି ମଣ୍ଡିରେ ଏପର୍ଯ୍ୟନ୍ତ ୩୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡ଼ି ରହିଛି। ଫଳରେ ଧାନ ବିକିବା ପାଇଁ ଦିନ ଦିନ ଧରି ଚାଷୀ ମଣ୍ଡିରେ ଶୀତ କାକର ସହି ଜଗି ରହିଛନ୍ତି। କିନ୍ତୁ ଧାନ ଉଠାଯାଉ ନାହିଁ। ଏହାର ପ୍ରତିବାଦରେ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଡିଙ୍କ ନେତୃତ୍ୱରେ ଚାଷୀମାନେ କଳାପାଣି ମଣ୍ଡିକୁ ପହଞ୍ଚି ଥିଲେ। ମଣ୍ଡି କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟାଳୟରୁ ବାହାରି ଯିବାକୁ କହି ସେଠାରେ ତାଲା ମାରିଥିଲେ।

ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ୨୩୦ ମଣ୍ଡି ରହିଥିବା ବେଳେ ୧ଲକ୍ଷ ୬୩ହଜାର ୭୨୭ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇଛନ୍ତି। ଜିଲାର ୧୧୯ଜଣ ମିଲର୍ସ ଚଳିତ ବର୍ଷ ଧାନ କିଣାବିକାରେ ସାମିଲ ଅଛନ୍ତି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଚଳାବସ୍ଥା ଲାଗିରହିଛି।




ଭଲ କ'ଣ ମନ୍ଦ କ'ଣ ? ଯାହା ମୋତେ ଅନ୍ତରଙ୍ଗ ଭାବରେ ଓ ମହତ୍ତ୍ୱପୂର୍ଣ୍ଣ ଭାବେ ଆତ୍ମଜ୍ଞାନ ଲାଭ କରିବାରେ ସାହାଯ୍ୟ କରେ ତାହା ହିଁ ମୋ ଲାଗି ଭଲ ଏବଂ ଯାହା କିଛି ମୋର ସ୍ୱାଭାବିକ ଅବସ୍ଥାରୁ ମୋତେ ବିଚ୍ୟୁତ କରେ, ଆତ୍ମାର ବିସ୍ତାର ଓ ଉନ୍ନତିକୁ ହୀନତର ଓ ନ୍ୟୂନତର କରେ– ତାହା ହିଁ ମୋ ପକ୍ଷରେ ମନ୍ଦ। **–ଶ୍ରୀଅରବିନ୍ଦ**



# ଏକଚାଟିଆ ବ୍ୟବସାୟ

ଭାରତରେ ଗତ ୫ ଦିନ ହେବ ଯେଉଁଭଳି ଭାବେ ବିମାନ ସେବାରେ ବିଭ୍ରାଟ ଦେଖାଦେଇଛି, ତାହା ଦେଶରେ ଅନ୍ୟତମ ସର୍ବାଧିକ ଆଲୋଚନାର ବିଷୟ ପାଲଟିଯାଇଛି। ଘରୋଇ ଏୟାରଲାଇନ୍ସ ଇଣ୍ଡିଗୋ ଆବଶ୍ୟକ ସେବା ଯୋଗାଇବାରେ ସମର୍ଥ ହୋଇ ନ ଥିବାରୁ ବିମାନଯାତ୍ରାରେ ଅସ୍ୱାଭାବିକତା ଦେଖାଦେଇଛି। ପ୍ରଥମେ ୧,୦୦୦ ବିମାନ, ପରେ ୮୦୦ ଓ ତା'ପରେ ୬୫୦ ଏହିପରି ଇଣ୍ଡିଗୋ ବିମାନ ବାତିଲ ବା ବିଳମ୍ବରେ ଚାଲିବା ଯୋଗୁ ଅନେକ ଲକ୍ଷ ଯାତ୍ରୀ ବିମାନବନ୍ଦରରେ ପଡ଼ିରହି ହନ୍ତସନ୍ତ ହେଉଛନ୍ତି। ଏଠାରେ ମନେରଖିବାକୁ ହେବ ଯେ ଏହି ବିଭ୍ରାଟ ପଛରେ ବହୁ ସମସ୍ୟା ରହିଛି। ୨୦୨୪ ଆରମ୍ଭରେ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ଜାରି କରାଯାଇଥିଲା, ଯେଉଁଥିରେ ଉଲ୍ଲେଖ ଥିଲା ଯେ ଉଡ଼ାଜାହାଜ ପାଇଲଟ ଓ କର୍ମଚାରୀଙ୍କୁ ସପ୍ତାହକୁ ୩୬ ଘଣ୍ଟା ପରିବର୍ତ୍ତେ ୪୮ ଘଣ୍ଟା ବିଶ୍ରାମ ଦିଆଯିବ। ଏହାର ଅର୍ଥ ହେଲା ୧୨ ଘଣ୍ଟା ବୃଦ୍ଧି ହେବା ଫଳରେ ପ୍ରାୟ ୨୫ ପ୍ରତିଶତ ଉଡ଼ାଣ କମିଗଲା। ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ ଇଣ୍ଡିଗୋ ଏକାକୀ ମାଡ଼ିବସିଛି। ୪୮ ଘଣ୍ଟା ବିଶ୍ରାମ ହେଉଛି ସାଧାରଣତଃ ଏକ ବିଶ୍ୱ ମାନଦଣ୍ଡ। କିନ୍ତୁ ବ୍ୟବସାୟିକ ଲାଭକୁ ଅଧିକ କରିବା ପାଇଁ ସବୁ ଉଡ଼ାଜାହାଜ କମ୍ପାନୀ ଜୀବନମୂର୍ଚ୍ଛା ଚେଷ୍ଟା କରିଆସୁଛନ୍ତି। ସେଥିପାଇଁ ହୁଏତ ଇଣ୍ଡିଗୋ କମ୍ପାନୀ କୌଣସି ନୂଆ ପାଇଲଟ କିମ୍ବା ସହ–ପାଇଲଟ ନିଯୁକ୍ତି ଦେଇ ଏହି ବ୍ୟବସ୍ଥା ପାଇଁ ୨ ବର୍ଷ ସମୟ ଥିବା ସତ୍ତ୍ୱେ ନିଜକୁ ପ୍ରସ୍ତୁତ କଲାନାହିଁ। ସେହି କମ୍ପାନୀର କର୍ମଚାରୀ ସଂଘର ପ୍ରକାଶିତ ବିବୃତିରୁ ବୁଝାପଡୁଛି ଯେ, ଇଣ୍ଡିଗୋ ଜାଣିଶୁଣି ଏହି ପରସ୍ଥିତି ସୃଷ୍ଟି କଲା ; ଯାହାଫଳରେ ସାଧାରଣ ଯାତ୍ରୀ ହଇରାଣ ହେବେ, ବିଭିନ୍ନ ବିମାନ ବନ୍ଦରରେ ତୁମୁଳକାଣ୍ଡ ଘଟିବ ଏବଂ ସେଭଳି ଚାପ ସମ୍ମୁଖରେ ସରକାର ଆଣ୍ଠେଇବାକୁ ବାଧ୍ୟ ହେବେ। ତାହା ହିଁ ଘଟିଲା। ଦେଖିବାକୁ ଗଲେ ଇଣ୍ଡିଗୋ ଏକପ୍ରକାର ସରକାରଙ୍କ ବେକ ମୋଡ଼ି ବିଜୟ ନେଇପାରିଲା। ସରକାର ତାଙ୍କ ୩୬ ଘଣ୍ଟାରୁ ୪୮ ଘଣ୍ଟା ବୃଦ୍ଧି ନିୟମାବଳୀକୁ ଇଣ୍ଡିଗୋ କମ୍ପାନୀ ପାଇଁକି ଫେରସ୍ତ ନେବାକୁ ବାଧ୍ୟ ହେଲେ। ଏହି ପରାଜୟ ପାଇଁ କେନ୍ଦ୍ର ସରକାର ଖୋଦ୍ ଦାୟୀ। ଭାରତରେ କିଛିବର୍ଷ ଧରି ଯେଉଁଭଳି ମନୋପଲିଷ୍ଟିକ ବା ଡୋପଲିଷ୍ଟିକ ନୀତି କାର୍ଯ୍ୟକାରୀ କରାଯାଉଛି, ସେଥିରୁ ପ୍ରତ୍ୟେକ କ୍ଷେତ୍ରରେ ଗୋଟିଏ କିମ୍ବା ଦୁଇଟି ଖେଳାଳି ବଞ୍ଚି ରହିବାର ସୁଯୋଗ ପାଉଛନ୍ତି। ବିଶେଷକରି ଜନସାଧାରଣଙ୍କ ସେବାରେ ସିଧାସଳଖ ନିୟୋଜିତ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଯେତେ ଅଧିକ ସଂଖ୍ୟା ରହିବ, ଦେଶର ଜନସାଧାରଣ ସେତିକି ଅଧିକ ଉଚ୍ଚକୋଟୀର ସେବା ପାଇବା ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇବେ। ଉଦାହରଣ ସ୍ୱରୂପ, ଆମେରିକା ଓ ୟୁରୋପର ଅନେକ ଦେଶରେ ଏଭଳି ଗୋଟିଏ କିମ୍ବା ଦୁଇଟି କମ୍ପାନୀକୁ ସମ୍ପୂର୍ଣ୍ଣ ବଜାର ଧରାଇ ଦିଆଯାଏ ନାହିଁ। ଭାରତରେ ଏୟାର ଏସିଆ, କିଙ୍ଗଫିଶର, ଜେଟ୍ ଏୟାରୱେଜ୍, ଗୋ ଏୟାର, ସ୍ୱାଇସ୍ ଜେଟ୍ ଭଳି ଅନେକ ମଧ୍ୟମ ଓ କ୍ଷୁଦ୍ର ବିମାନ କମ୍ପାନୀ ଇତିମଧ୍ୟରେ ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ବିଜୟ ମାଲ୍ୟାଙ୍କ ଭଳି କେତେକ ଲୋକ ନେଇଥିବା ଋଣ ସମ୍ପୂର୍ଣ୍ଣ ଭାବେ ପଇଠ କରିଦେବେ ବୋଲି ବାରମ୍ବାର ଦୋହରାଉଥିବା ସତ୍ତ୍ୱେ କେନ୍ଦ୍ର ସରକାର ତାଙ୍କର ରାଜନୈତିକ ଦ୍ୱେଷ ଯୋଗୁ ତାଙ୍କୁ ଦେଶକୁ ଫେରିଲା ମାତ୍ରେ ଗିରଫ କରିବେ ବୋଲି ଧମକାଇ କରି ରଖିଛନ୍ତି। ସେହିଭଳି ଅନ୍ତର୍ଜାତୀୟ ସ୍ତରରେ ଏଟିଏଫ୍ (ଏଭିଏଶନ ଟର୍ବାଇନ ଫୁଏଲ୍) ଦରକୁ ଭାରତରେ ସର୍ବୋଚ୍ଚରେ ରଖାଯାଇଛି। ଏହା ଫଳରେ କ୍ଷୁଦ୍ର କମ୍ପାନୀ ଉଧେଇବାରେ ସଫଳ ହେଉନାହାନ୍ତି। ଅନ୍ୟପଟେ ବଜାର ଚାହିଦାକୁ ଦେଖି ଟିକେଟ ଦର ନିର୍ଦ୍ଧାରଣ କରିବାର କ୍ଷମତା ସିଧାସଳଖ କମ୍ପାନୀମାନଙ୍କ ହାତରେ ଛାଡ଼ିଦେବା ଫଳରେ ଆଜି ଭାରତରେ ଶସ୍ତା ଟିକେଟ ବିକ୍ରି କରୁଥିବା ବିମାନ କମ୍ପାନୀ ନାହିଁ। ଅନ୍ୟ ଦେଶରେ ଯଥା– ସିଙ୍ଗାପୁର, ଇଣ୍ଡୋନେସିଆ ସେମାନଙ୍କ ଜାତୀୟ ବିମାନ କମ୍ପାନୀକୁ ଏକ କୂଟନୈତିକ ଅସ୍ତ୍ର ଭାବେ ବଞ୍ଚାଇ ରଖିଛନ୍ତି। ଏପରିକି ପାକିସ୍ତାନ ମଧ୍ୟ ଅନ୍ତର୍ଜାତୀୟ ଏୟାରଲାଇନ୍ସକୁ ବଞ୍ଚାଇ ସରକାରୀ କମ୍ପାନୀ ଭାବେ ରଖିପାରିଛି। ଭାରତ ତା'ର ଘରୋଇକରଣ ନୀତିରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ମଧ୍ୟ ବିକିଦେବା ଫଳରେ ତାହାର ମାନ ହ୍ରାସ ପାଇଛି।

ଏଭଳି ଡାଲମା ଭିତରେ ଏୟାର ବସ୍–ଏ୩୨୦ ପରିବାକୁ ମିଶାଇ ଦିଆଯାଇଛି। ଇଣ୍ଡିଗୋ ସମେତ ଅନ୍ୟ ବହୁ କମ୍ପାନୀ ଏୟାର୍‌ବସ୍ ବିମାନ ବ୍ୟବହାର କରନ୍ତି, ଯାହାର ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ତ୍ରୁଟି ଧରାପଡ଼ିଛି। ତତ୍‌ସହିତ କ୍ରିସ୍‌ମାସ ଓ ନୂଆବର୍ଷର ଆସିବାକୁ ଥିବା ଛୁଟି ଯୋଗୁ ଯାତ୍ରୀ ସଂଖ୍ୟା ଅଭୂତପୂର୍ବ ଭାବେ ବଢ଼ିଯାଇଛି। ଏବକାର ଚାଲିଥିବା ଇଣ୍ଡିଗୋ ସମସ୍ୟା ପାଇଁ ସେହି କମ୍ପାନୀର କର୍ତ୍ତୃପକ୍ଷ ନିଶ୍ଚିତ ଦାୟୀ। ତାଙ୍କୁ ଚେତାଇ ଦେବାପାଇଁ ଯେଉଁ ଚିଠି ଡିଜିସିଏ ତରଫରୁ ପଠାଯାଇଛି, ତାହା ଅନ୍ୟ ଏକ ଦୁର୍ବଳତା ପ୍ରମାଣ କରୁଛି। କମ୍ପାନୀର ସିଇଓଙ୍କ ନାମ ଉଲ୍ଲେଖ କରିବା ପାଇଁ ସମ୍ପୃକ୍ତ ଅଫିସରଙ୍କର ଦମ୍ଭ ନ ଥିବା ସେହି ଚିଠିରୁ ଜଣାପଡୁଛି। ତତ୍‌ସହିତ ଏଭଳି ବିଭ୍ରାଟ ପାଇଁ କମ୍ପାନୀକୁ କେଉଁ ପ୍ରକାରର ଶାସ୍ତି ଦିଆଯିବ ତାହା ମଧ୍ୟ ଚିଠିରେ ଉଲ୍ଲେଖ କରିବାର ଶକ୍ତି ସରକାରଙ୍କ ପାଖରେ ନାହିଁ ବୋଲି ପ୍ରମାଣିତ ହେଉଛି। ଏଥିରୁ ବୁଝାପଡୁଛି ଯେ ପ୍ରବଳ ମାତ୍ରାର ଦୁର୍ନୀତି ଯୋଗୁ ଆଜିର ଭାରତୀୟ ବିମାନ ଚଳାଚଳ ବ୍ୟବସାୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲାଣି। ଯଦି ଏହିଭଳି ବ୍ୟବସାୟିକ ନୀତି ବିମାନବନ୍ଦର, ସାମୁଦ୍ରିକ ବନ୍ଦର, ସଡ଼କ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ଏବଂ ଟେଲିକମ କ୍ଷେତ୍ର ଭଳି ଅତ୍ୟାବଶ୍ୟକ ବ୍ୟବସାୟରେ ଗୋଟେ କିମ୍ବା ଦୁଇଟି କମ୍ପାନୀକୁ ବଞ୍ଚି ରହିବାର ମନ୍ଦ ଉଦ୍ଦେଶ୍ୟ ରଖି ସରକାର କାର୍ଯ୍ୟ କରନ୍ତି, ତାହା ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | 2 | 4 | | | |
| | | | | | | | 8 | |
| | 2 | | 6 | | | | | |
| 1 | | | | | | | 7 | |
| | | | 5 | 3 | | | | |
| | 5 | 7 | | | 8 | 2 | | 6 |
| | | | | 5 | | 1 | | |
| | 3 | 2 | | | | | | |
| 4 | | | | 9 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 4 | 7 | 9 | 8 | 2 | 3 |
| 9 | 4 | 2 | 5 | 3 | 8 | 7 | 6 | 1 |
| 7 | 8 | 3 | 2 | 6 | 1 | 5 | 9 | 4 |
| 3 | 5 | 8 | 1 | 2 | 6 | 9 | 4 | 7 |
| 6 | 7 | 9 | 8 | 5 | 4 | 3 | 1 | 2 |
| 4 | 2 | 1 | 7 | 9 | 3 | 6 | 5 | 8 |
| 1 | 6 | 4 | 9 | 8 | 7 | 2 | 3 | 5 |
| 2 | 9 | 7 | 3 | 1 | 5 | 4 | 8 | 6 |
| 8 | 3 | 5 | 6 | 4 | 2 | 1 | 7 | 9 |

ଗତକାଲିର ଉତ୍ତର

# ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଭାରତକୁ ଆମେରିକା ନାଲିଆଖି ଦେଖାଇ ଟାରିଫ ବୃଦ୍ଧି କରିଛି। ଏହାସହ ଭାରତ–ରୁଷିଆ ସମ୍ପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋର ଅସନ୍ତୁଷ୍ଟ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଭାରତ ଗସ୍ତ ଏବଂ ଭାରତ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଭାରତ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଆମେରିକା ପାଇଁ ସେତିକି ଆଲୋଡ଼ିତ ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବିଶ୍ୱ ରାଜନୀତିରେ ଅସ୍ଥିରତା ହ୍ରାସ ପାଉ ନ ଥିବା ବେଳେ ୟୁକ୍ରେନ୍–ରୁଷିଆ ଆକ୍ରମଣ ଦୀର୍ଘ ସମୟଧରି ଗତି କରିବା ଆମେରିକା ପାଇଁ ମୁଣ୍ଡବ୍ୟଥାର କାରଣ। ଏଭଳି ସ୍ଥିତିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସବୁ ତୀକ୍ଷ୍ଣ ନଜର ରଖିଛନ୍ତି।

ବିଡ଼ମ୍ବନା ହେଉଛି, ରୁଷିଆ –ୟୁକ୍ରେନ୍ ଯୁଦ୍ଧ ପ୍ରଶମନରେ ଆମେରିକା ଭାରତକୁ ଦାୟୀ କରିବା, ଭାରତ ଜାତିସଂଘରେ ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ନିନ୍ଦା କରିବା, ପରବର୍ତ୍ତୀ ସମୟରେ ଭାରତ ଆମେରିକା ମଧ୍ୟରେ ଟାରିଫ୍ ହ୍ରାସ ନେଇ ଆଲୋଚନା କରିବା, ଆମେରିକାଠାରୁ ଅଧିକ ତୈଳ ଆମଦାନୀ କରିବା ନେଇ ଚୁକ୍ତି ଆଦି ପ୍ରସଙ୍ଗ ଭାରତର ବିରୋଧୀ ମନୋଭାବକୁ ସ୍ପଷ୍ଟ କରିସାରିଛି। ପାଶ୍ଚାତ୍ୟ ରାଷ୍ଟ୍ରଙ୍କ କଟକଣା ଯୋଗୁ ଭାରତ ଶସ୍ତାରେ ରୁଷିଆଠାରୁ ଅଶୋଧିତ ତୈଳ କିଣିବାକୁ ବାଧ୍ୟ ହୋଇଛି। କିନ୍ତୁ ଆମେରିକା ଭାରତକୁ ଅପବାଦ ଦେଇ ରୁଷର ଯୁଦ୍ଧକୁ ଭାରତ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛି ବୋଲି କହିଛି। ସେଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଛି। ଭାରତ ଏହିଭଳି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ପଡିଛି। ରୁଷିଆ ସହିତ ସମ୍ପର୍କ ଭାଙ୍ଗିଲେ ଦେଶର ସୁରକ୍ଷା କ୍ଷତିଗ୍ରସ୍ତ ହେବ ଏଣେ ଆମେରିକା ସହ ସମ୍ପର୍କ ନ ରହିଲେ ପ୍ରଯୁକ୍ତି ଏବଂ ବଜାର ବିଗିଡିଯିବାର ଆଶଙ୍କା ରହିଛି। ତେବେ ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଅଡୁଆ ସୃଷ୍ଟି କରିବ ନା ଆଶଙ୍କା ବଦଳରେ ଆଶା ସୃଷ୍ଟି କରିବ ତାହା ପାଶ୍ଚାତ୍ୟ ରାଷ୍ଟ୍ରପାଇଁ ଉଦ୍ଦୀପନା ସୃଷ୍ଟି କରିଛି। ଭାରତର ସ୍ଥିତିକୁ ଅବଲୋକନ କଲେ ଜଣାଯାଏ, ଚାଇନା ସବୁବେଳେ ନିଜର ଆଧିପତ୍ୟ ବଜାୟ ରଖି ଭାରତକୁ ତା'ର ଗୋଡ଼ାଣିଆ କରିବାକୁ ଚାହେଁ। ଆମେରିକା ମଧ୍ୟ ଭାରତକୁ ତା'ର ଛତ୍ରଛାୟା ତଳେ ରଖିବାକୁ ଚାହେଁ। ମିତ୍ରତା କେବଳ ଛଳନା। ଭାରତ ସମଗ୍ର ବିଶ୍ୱରେ ଏକ ସହନଶୀଳ ରାଷ୍ଟ୍ର ଭାବେ ଖ୍ୟାତି ଅର୍ଜନ କରିଛି। ବଜାର ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ। ଭାରତର ବୈଦେଶିକ ନୀତି ମଧ୍ୟ ସବୁ ରାଷ୍ଟ୍ରଙ୍କ ପାଇଁ ବନ୍ଦନୀୟ। ଏଭଳି ଏକ ରାଷ୍ଟ୍ରକୁ ନିଜ କରାୟତ୍ତରେ ରଖିବା ପାଇଁ ଆମେରିକା, ରୁଷିଆ, ଚାଇନା ସବୁଦେଶ ଚାହାନ୍ତି। ବେପାର ବଣିଜର ଊର୍ଦ୍ଧ୍ୱକୁ ଉଠି ଭାରତ ସହ ଗଭୀର ବନ୍ଧୁତ୍ୱ କେହି ଚାହାନ୍ତି ନାହିଁ। ରୁଷିଆ ଯଦିଓ ଭାରତର ପୁରୁଣା ବନ୍ଧୁ ରାଷ୍ଟ୍ର, ତେବେ ବାଣିଜ୍ୟର ଲୋଲୁପ ଦୃଷ୍ଟି ପରିହାର କରି ପାରି ନାହିଁ। କିନ୍ତୁ ପୁରୁଣା ସମ୍ପର୍କ, ନୂତନ ଯୋଡି ଏହା ହିଁ ରୁଷିଆର



ଭାରତ ପ୍ରତି ଏସୀୟ ଆଭିମୁଖ୍ୟ। ତେବେ ସମ୍ପର୍କକୁ ବାରମ୍ବାର ମଜଭୁତ କରିବା ପାଇଁ ଚେଷ୍ଟା କରା ନ ଗଲେ ତାହା ପୁରୁଣା ହୋଇଯାଏ। ସେଥିପାଇଁ ଭାରତ ଗସ୍ତ କାଳରେ ପୁଟିନ୍ କେତେକ ନୂତନ ବୁଝାମଣା କରିବା ଦ୍ୱାରା ବନ୍ଧୁ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଏକ ବଡ଼ ସୁଯୋଗ ବୋଲି ଅସ୍ୱୀକାର କରି ହେବ ନାହିଁ। ବହୁତ ଦ୍ୱିପାକ୍ଷିକ ଚୁକ୍ତି ପରେ ଦୁଇ ନେତାଙ୍କ ମିଳିତ ବିବୃତି ପ୍ରଣୀଧାନ ଯୋଗ୍ୟ। ଭାରତ ରୁଷିଆ ବନ୍ଧୁତ୍ୱକୁ ଧ୍ରୁବତାରା ସହିତ ତୁଳନା କରିଥିବା ବେଳେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ତାଙ୍କ ବିବୃତିରେ କହିଛନ୍ତି ଯେ, ରୁଷିଆ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ମଜଭୁତ। ଆର୍ଥିକ କ୍ଷେତ୍ରଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଆମ ସମ୍ପର୍କ ଅଧିକ ଦୃଢ଼ ହେଉଛି। ଆମେ ଟ୍ରେନ୍, ନିବେଶ ଏବଂ ବୈଷୟିକ କ୍ଷେତ୍ରକୁ ନେଇ ଆଲୋଚନା କରିଛୁ। ରୁଷିଆ ଏବଂ ଭାରତୀୟ ଅର୍ଥନୈତିକ ସହଯୋଗ ସଂଗଠନ ମିଳିତ ଭାବେ କାମ କରୁଛନ୍ତି। ଭାରତର ବିକାଶ ପାଇଁ ଜରୁରୀ ଥିବା ତୈଳ ଗ୍ୟାସ୍ ଭଳି ସମସ୍ତ ସାମଗ୍ରୀ ଦେବାକୁ ପ୍ରସ୍ତୁତ। ଶକ୍ତି କ୍ଷେତ୍ରପାଇଁ ରୁଷିଆ ଭାରତକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । ବାସ୍ତବରେ ପ୍ରତିରକ୍ଷା, ପ୍ରଯୁକ୍ତି ଆଣବିକ ଶକ୍ତି ଓ ଉର୍ଜା ଯୋଗାଣ ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ରାଜିନାମା ଉଲ୍ଲେଖନୀୟ। ପୁଟିନ୍ ମଧ୍ୟ ସ୍ୱୀକାର କରିଛନ୍ତି ଯେ ରୁଷିଆରେ ଭାରତୀୟ ସିନେମାର ବହୁ ଚାହିଦା ରହିଛି। ଭାରତୀୟ ମୁଦ୍ରାର ବ୍ୟବହାର ପରିସର ବୃଦ୍ଧି ପାଇଛି। ବ୍ରିକ୍ସ ପାଇଁ ଭାରତର ଅବଦାନ ସମ୍ପର୍କରେ ସେ ତାଙ୍କ ଭାଷଣରେ କହିଛନ୍ତି। ରୁଷିଆ ଭାରତର ନାଗରିକଙ୍କ ପାଇଁ ପାରସ୍ପରିକ ସମ୍ପର୍କକୁ ମଜଭୁତ କରିବାର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଏବେ ଉଭୟ ଭାରତ ଏବଂ ରୁଷିଆ ସବୁଠୁ ବଡ଼ ଆଣବିକ ପ୍ଲାଣ୍ଟ ପ୍ରକଳ୍ପ ଉପରେ କାମ କରୁଛନ୍ତି। ୬ଟି ରିଆକ୍ଟର ମଧ୍ୟରୁ ୩ଟି ପୂର୍ବରୁ ଏନର୍ଜି ନେଟ୍‌ୱର୍କ ସହିତ ଯୋଡି ହୋଇସାରିଛି। ଆଉ ୩ଟି ରିଆକ୍ଟର ନିର୍ମାଣାଧୀନ ଥିବା ସେ ସୂଚନା ଦେଇଥିଲେ। ଏ ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମ ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ରୁଷିଆର ଅବଦାନ ରହିଛି।

କୂଟନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ ରହିଛି ରୁଷିଆର ରାଜନୈତିକ ଓ ଅର୍ଥନୈତିକ ଭବିଷ୍ୟତ। ସମ୍ପ୍ରତି ଆମେରିକା ସହିତ ଭାରତର ବ୍ୟବସାୟିକ ତିକ୍ତତା ଆହୁରି ମଧ୍ୟ ଟ୍ରମ୍ପଙ୍କ ବିଶ୍ୱ ଏକାଧିପତ୍ୟତା କ୍ଷେତ୍ରରେ ଭାରତ ରୁଷିଆର ସମାନ ଚିନ୍ତାଧାରା ରହିଛି। ରୁଷିଆ ଓ ଭାରତର ଯାବତୀୟ ଚୁକ୍ତି ଆମେରିକା ଓ ଚାଇନା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତ ଓ ରୁଷିଆ ଯଦି ଏକତ୍ରିତ ହୋଇ ଏସୀୟ ରାଷ୍ଟ୍ରଗୁଡିକର ନେତୃତ୍ୱ ନେବେ ତେବେ ଚାଇନା ପ୍ରତିବନ୍ଧକ ସାଜିପାରିବ ନାହିଁ। ଅନ୍ୟ ଦୃଷ୍ଟିକୋଣରୁ ଏମାନେ ଏକାଠି ହୋଇ ବୈଶ୍ୱିକ ଚ୍ୟାଲେଞ୍ଜକୁ ସାମ୍ନା କଲେ ବିଶ୍ୱ ଆଧିପତ୍ୟତା କ୍ଷେତ୍ରରେ ଆମେରିକା ଦୁର୍ବଳ ହୋଇପଡିବ। ଏଥିପାଇଁ ରୁଷିଆ, ଚାଇନା, ଭାରତ ମିଶି ଯେଉଁ ସଂଗଠନ କରିଥିଲେ ତାହା ଏବେ ଶିଥିଳ ହୋଇପଡିଥିବାରୁ ରୁଷିଆ ଚାହୁଁଛି ଭାରତକୁ ନେଇ ଅଭିଯାନ ଆରମ୍ଭ କରିବାକୁ। ଅନ୍ୟପକ୍ଷରେ ରୁଷିଆ ୟୁକ୍ରେନ୍ ଯୁଦ୍ଧରେ ପଛାଇ ଯିବାକୁ ଚାହୁଁ ନାହିଁ। ୟୁକ୍ରେନ୍ ପଛରେ ଆମେରିକା, ନାଟୋ ରହିଥିବାରୁ ରୁଷିଆ ଆମେରିକାର ହସ୍ତକ୍ଷେପକୁ ବରଦାସ୍ତ କରିପାରୁ ନାହିଁ। ଭାରତ ମଧ୍ୟ ଭିତରେ ଚାହୁଁଛି ଆମେରିକାର ଆଧିପତ୍ୟ ହ୍ରାସ ପାଉ। ଅପରପକ୍ଷରେ ଚାଇନା ଏଥିପାଇଁ ନୀରବ ରହୁଛି। ଯାହାଫଳରେ ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଆହ୍ୱାନକୁ ରୁଷିଆ ଏକପ୍ରକାର ସମର୍ଥନ କରୁଥିଲେ ହେଁ ଆମେରିକାର ବାରମ୍ବାର ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହୋଇ ପାରୁନାହିଁ। ଭାରତ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ରହିଥିବା ବେଳେ ତାହା ସମ୍ପୂର୍ଣ୍ଣ ବ୍ୟବସାୟିକ ଲାଭ କ୍ଷତି ଉପରେ ନିର୍ଭରଶୀଳ। ତେବେ ଆମେରିକା ଭାରତ ଉପରେ ଶୁଳ୍କ ବୃଦ୍ଧି ଘଟାଇଲା ପରେ ଭାରତ ପକ୍ଷରୁ ଆଲୋଚନା କରଯାଇ ଆମେରିକାଠାରୁ ସାମରିକ ଅସ୍ତ୍ରଶସ୍ତ୍ର କିଣିବାକୁ ଚୁକ୍ତି କରିଛି। ଏ କଥା ରୁଷିଆ ଭଲଭାବେ ଜାଣେ। ତଥାପି ଭାରତକୁ ରୁଷିଆ କେବେ ଛାଡି ପାରିବ ନାହିଁ। ଭାରତ ମାଧ୍ୟମରେ ସେ ଏସୀୟ ମହାଦେଶରେ ବାଣିଜ୍ୟ କାରବାରର ଅତୀତରେ ସୁଯୋଗ ଲାଭ କରିଛି। ଭାରତର ବୈଦେଶିକ ନୀତିକୁ ରୁଷିଆ କେବେ ହେଲେ ଅବମାନନା କରିନାହିଁ। କିନ୍ତୁ ଟ୍ରମ୍ପ ଭାରତର ବୈଦେଶିକ ନୀତିକୁ ଏଯାବତ ବୁଝି ପାରିନାହାନ୍ତି। ଯାହାଫଳରେ ବାଣିଜ୍ୟକୁ ନେଇ ଆମେରିକା ସବୁବେଳେ ଭାରତ ପ୍ରତି ଆକ୍ରୋଶ ପ୍ରକାଶ କରୁଛି। ଚାଇନାର ସାମ୍ରାଜ୍ୟବାଦ ନୀତି, ପାକିସ୍ତାନର ପରମାଣୁ ଧମକ ଅବ୍ୟାହତ ରହିଥିବା ବେଳେ ରୁଷିଆ ଏକ୍ଷେତ୍ରରେ ସେମାନଙ୍କୁ ବିରୋଧ କରୁ ନ ଥିବା ଆମେରିକା ପକ୍ଷରୁ କୁହାଯାଇଥାଏ। ତେବେ ଆମେରିକା ଭାରତ ପାଇଁ ସେତେ ବିଶ୍ୱାସ ସୃଷ୍ଟି କରିପାରି ନ ଥିବା ବେଳେ ରୁଷିଆ ଭାରତ ପାଇଁ ବହୁ କ୍ଷେତ୍ରରେ ବିଶ୍ୱାସ ଦେଇଛି। ଆମେରିକା ସହିତ ତିକ୍ତତା ଥିବା ବେଳେ ଅପରେଶନ ସିନ୍ଦୂର ପରେ ପାକିସ୍ତାନ ଓ ତୁର୍କୀ ସହିତ ସାମରିକ ବିବାଦ ଲାଗି ରହିଛି। ଏହାସହ ରୁଷିଆର ରାଷ୍ଟ୍ରପତି ଭାରତ ଆଗମନ ଭାରତ ପାଇଁ କୂଟନୈତିକ ଦିଗରେ ସ୍ଥିରତା ଆଣିଥିବା କୁହାଯାଇପାରେ।

**ସୟେଦପୁର, ମୋ:୯୪୩୭୩୧୫୬୨୩**

# କଚ୍ଛପ ଗତି



ଅଲେଖ ଚନ୍ଦ୍ର ମିଶ୍ର

କୌଣସି କାର୍ଯ୍ୟ ସମ୍ପାଦନରେ ଉଛୁର ହେଲେ, ଲକ୍ଷ୍ୟ ହାସଲରେ ଡେରି ହେଲେ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ବିଳମ୍ବ ଘଟିଲେ ବିଳମ୍ବର କାରଣକୁ କଚ୍ଛପର ଗତି ସହିତ ତୁଳନା କରି ଲଘୁ ମନ୍ତବ୍ୟ ଦେବା ଏକ ଜଣାଶୁଣା କଥା। ଯେପରି ବିଳମ୍ବରେ ପ୍ରାପ୍ତ ଚିଠି, ମନି ଅର୍ଡର ବା ଯୋଜନାର ସୁଫଳ। ଏଭଳି ତୁଳନାର ଉତ୍ପତ୍ତି କେବେ ହୋଇଥିଲା ଜଣା ଥାଉ କି ନ ଥାଉ କିପରି ହୋଇଥିଲା ତା'ର ପୃଷ୍ଠଭୂମି ଅନ୍ତତଃ ପକ୍ଷେ ସମସ୍ତେ ଜାଣନ୍ତି ଏବଂ ତାହା ହେଲା ଲୋକପ୍ରିୟ 'ଠେକୁଆ କଇଁଛ କଥା' ଯାହାର ଉଦାହରଣ କଥା କଥାକେ ଦେବା ଏକ ସାଧାରଣ ଅନୁଭୂତି ହୋଇ ରହିଯାଇଛି। ପାଠ ପଢ଼ାରେ, ଖେଳ କସରତରେ କିମ୍ବା କୌଣସି ପ୍ରତିଯୋଗିତାରେ ହେଳା କରୁଥିବା ଶିଶୁଟିକୁ ତା'ର ମାତାପିତା, ଗୁରୁଜନ ଓ ଶିକ୍ଷକ ସମସ୍ତେ ଏହି କାହାଣୀଟି ଶୁଣେଇ ଥାନ୍ତି କିମ୍ବା ପଢ଼େଇ ଥାନ୍ତି। ଉଭୟଙ୍କର ଗତିଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି। କାହିଁ କ୍ଷିପ୍ର ଗତିଶୀଳ ଠେକୁଆ କାହିଁ ମନ୍ଥର ଗତିରେ ଚାଲୁଥିବା କଇଁଛ। ଅଥଚ ଉଭୟ ପରସ୍ପର ମଧ୍ୟରେ ଦୌଡ଼ ପ୍ରତିଯୋଗିତା କରିବା ପାଇଁ ସ୍ଥିର କଲେ। କଇଁଛଟି ନିଜର ଅପାରଗତା ଜାଣି ବି ତା'ର ଗଭୀର ଆତ୍ମବିଶ୍ୱାସ ଓ ପରିଶ୍ରମ ଉପରେ ଭରସା ରଖି ସେଥିରେ ଭାଗ ନେବାକୁ ରାଜି ହେଲା। ଠେକୁଆର ଅଳସୁଆମି ଓ କଇଁଛଟିର ଧୈର୍ଯ୍ୟ ହେତୁ ଶେଷରେ କଇଁଛଟି ଜିତିଲା ଏବଂ କଥା ରହିଗଲା 'କଚ୍ଛପ ଗତି' ଯାହା ମନ୍ଥର ହୋଇପାରେ କିନ୍ତୁ ଲକ୍ଷ୍ୟ ସ୍ଥଳରେ ଅବଶ୍ୟ ପହଞ୍ଚାଏ। ଏହି ଗଳ୍ପଟି ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆ ଯାଏ ଯେ ହେଳା କଲେ ଭେଳା ବୁଡ଼େ, ଧୀର ପାଣି ପଥର କାଟେ ବା ଆଦୌ ନ ପହଞ୍ଚିବା ଅପେକ୍ଷା ବିଳମ୍ବରେ ପହଞ୍ଚିବା ଶ୍ରେୟସ୍କର। ଏଭଳି ବଚନିକାର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଏଥିରେ ନିହିତ ବାର୍ତ୍ତା ହେଲା ସାଧନାରେ ନିଷ୍ଠା ଥିଲେ ସିଦ୍ଧି ଲାଭ ନିଶ୍ଚିତ।

କଚ୍ଛପର ଗତି କେବଳ ଏହି କାହାଣୀଟିରେ ସୀମିତ ନୁହେଁ। ଅଲିଭ୍ ପତ୍ର ଭଳି ସବୁଜ ରଙ୍ଗର ଆବରଣ (ଖୋଳ) ଯୋଗୁ ଅଲିଭ ରିଡ୍‌ଲେ ନାମରେ ପରିଚିତ ଏକ ଜଣାଶୁଣା ପ୍ରଜାତିର କଇଁଛ ସେମାନଙ୍କର ଗତିଶୀଳତା ପାଇଁ ବେଶ୍ ଚର୍ଚ୍ଚିତ। ସମୁଦ୍ର ଗର୍ଭରେ ହଜାର ହଜାର ମାଇଲ ଯାତ୍ରା କରି ଏମାନେ ନିର୍ଭୁଲ ଭାବରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ଅଣ୍ଡା ଦିଅନ୍ତି। କଚ୍ଛପର ଗତିପଥ କେବଳ ଜଳ ଭାଗରେ ସୀମିତ ନୁହେଁ। ଏକ ଉଭୟଚର ପ୍ରାଣୀ ଭାବରେ ଏମାନେ ସ୍ଥଳଭାଗରେ ବି ସ୍ୱଚ୍ଛନ୍ଦରେ ଯାତାୟାତ କରନ୍ତି ତଥା ଶାକାହାରୀ ଓ ମାଂସାହାରୀ ଭାବରେ ଉଭୟ ପ୍ରକାରର ଖାଦ୍ୟ ଖାଆନ୍ତି। ସ୍ଥଳଭାଗରେ କଚ୍ଛପର ଗତି ଉପରେ ଅନେକ କାହାଣୀ ରହିଛି ଯେଉଁଥିରୁ ମନ୍ଥରକ ନାମକ କଚ୍ଛପର ଗତିବିଧି ସମ୍ପର୍କରେ ବିଖ୍ୟାତ ସଂସ୍କୃତ କଥା ହିତୋପଦେଶ ଅନ୍ୟତମ।



ଇଏ ତ ହେଲା କଇଁଛର ବାହ୍ୟ ଗତି। ତା'ର ଆଭ୍ୟନ୍ତରୀଣ ଗତି ମଧ୍ୟ ତତ୍ତୁଲ୍ୟ ଶିକ୍ଷାପ୍ରଦ। କଇଁଛର ସାରା ଦେହ ଏପରି କଠିନ ଆବରଣ ଭିତରେ ସୁରକ୍ଷିତ ଯେ ତାହା ତାକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଢାଲ ଭଳି କାର୍ଯ୍ୟ କରେ। କିନ୍ତୁ ତା'ର ପାଦ ଓ ମୁଖ ଅପେକ୍ଷାକୃତ କୋମଳ ଉପାଦାନରେ ଗଠିତ ହୋଇଥିବାରୁ ତାହା ତା'ର ଏକ ଦୁର୍ବଳତା। ହେଲେ ତା' ଉପରେ ଆକ୍ରମଣର ସୁରାକ ପାଇଲେ ତାକୁ ସେ ଶରୀରର ଟାଣ ଖୋଳପା ଭିତରକୁ ପୂରେଇ ଦେଇ ଆତ୍ମରକ୍ଷା କରେ ଏବଂ ଭୟର ଆଶଙ୍କା ଟଳିଗଲେ ସେ ସବୁକୁ ପୁଣି ବାହାରକୁ କାଢି କାମରେ ଲଗାଏ। କଇଁଛର ଏପରି କୌଶଳ ମନୁଷ୍ୟ ପାଇଁ ଉପଲବ୍ଧ ଦୁଇଟି ଆତ୍ମରକ୍ଷା ଉପାୟ ଯଥା ବେତସ ବୃତ୍ତି ଓ ଭୁଜଙ୍ଗ ବୃତ୍ତି ସହିତ ତୁଳନୀୟ। ଝଡ଼ ବତାସରେ ନଇଁ ପଡ଼ି ଓ ତା' ପରେ ମୁଣ୍ଡ ଟେକି ବେତ ବୃକ୍ଷ ତିଷ୍ଠି ରହେ ଅଥଚ ଶତ୍ରୁ ସମ୍ମୁଖରେ ଫଣାକୁ ଟେକି ରଖି ସର୍ପଟିଏ ପ୍ରାଣ ହାରେ। କଇଁଛଟି ବେତ ଗଛ ପରି ନିଜର ଅଙ୍ଗ ଚାଳନା କରି ବିପଦରୁ ନିଜକୁ ରକ୍ଷା କରେ। କଚ୍ଛପର ଏଭଳି ବିଚିତ୍ର ଗତିର ସାମଞ୍ଜସ୍ୟ ସଂସାରର ଗତି ସହିତ ରହିଛି। ''ସମ୍ୟକ୍ ସରତି ଇତି ସଂସାର'' ଅର୍ଥାତ୍ ଧୀରେ ଧୀରେ ଗତି କରୁଥିବାରୁ ନାମ ସଂସାର। କଚ୍ଛପ ଗତିର ସବୁଠାରୁ ସ୍ୱତନ୍ତ୍ର ବିଶେଷତ୍ୱ ହେଉଛି ଏହା ଧୀରେ ଚାଲେ କିନ୍ତୁ ପଛେଇ ଚାଲେନା ଅର୍ଥାତ୍ ଅନ୍ୟ ପ୍ରାଣୀଙ୍କ ଭଳି ଏହାର ପଶ୍ଚାତ ଗତି ନାହିଁ। ଅତଏବ କଇଁଛଟିଏ ଏହି ଶିକ୍ଷା ଦିଏ ଯେ ଲକ୍ଷ୍ୟ ପଥରେ ଅଗ୍ରସର ହେବାବେଳେ ପଛଘୁଞ୍ଚା ଦେବା ଉଚିତ ନୁହେଁ।

ପ୍ରକୃତିରେ ଜୈବ ବିବିଧତା ରକ୍ଷା ପାଇଁ କଇଁଛର ଯଥେଷ୍ଟ ଅବଦାନ ରହିଛି। ବିଭିନ୍ନ ବିଷାକ୍ତ ଗଛଲତା ଓ କୀଟ ପତଙ୍ଗଙ୍କୁ ଖାଇଦେଇ ଏହା ପ୍ରାକୃତିକ ଭାରସାମ୍ୟ ରକ୍ଷାକରେ। ମାତ୍ର ପରିତାପର ବିଷୟ ମାଂସାହାରୀ ମନୁଷ୍ୟ ଖାଦ୍ୟ ଲୋଭରେ ଏହାକୁ ମାରି ଖାଇ ଚାଲିଛି ଯାହା ଫଳରେ ଏହାର ସଂଖ୍ୟା କମି କମି ଯାଉଛି। ଏକ ପଣ୍ୟଦ୍ରବ୍ୟ ଭାବେ ହଜାର ହଜାର ସଂଖ୍ୟାରେ କଇଁଛ ରପ୍ତାନି ଆମଦାନୀ କରାଯାଉଛି। ପରିସ୍ଥିତି ଏପରି ଉଦ୍‌ବେଗଜନକ ହେଲାଣି ଯେ ଶେଷରେ ମିଳିତ ଜାତିସଂଘ ଏଥିରେ ହସ୍ତକ୍ଷେପ କରି ଏହାକୁ ଏକ ସଙ୍କଟାପନ୍ନ ଜୀବ (ଏଣ୍ଡେଞ୍ଜର୍ଡ ସ୍ପେସି) ଭାବରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ଜେନେଭାର ପ୍ରଥମ ପରିଶିଷ୍ଟରେ (କ୍ଷୟମାଣ ଜୀବ) ୫।୧୦।୧୯୪୮ରୁ ତାଲିକାଭୁକ୍ତ କରିଛି। ସେହିପରି ଲଣ୍ଡନ ସ୍ଥିତ ସିଆଇଟିଇଏସ୍ ସଂଗଠନ ସମସ୍ତ ସଙ୍କଟାପନ୍ନ ଜୀବଙ୍କର ବିକାକିଣାକୁ ଅନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ କରିଛି। ଭାରତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୯୧ରେ ମଧ୍ୟ ଏହା ପ୍ରଥମ ପରିଚ୍ଛେଦରେ(ସଙ୍କଟାପନ୍ନ ଜୀବ ତାଲିକା) ସ୍ଥାନ ପାଇଛି। ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ଚରାଭୂଇଁ ତଥା ଅଣ୍ଡାଦାନ ସ୍ଥଳୀ ଭାବେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଭିତର କନିକାର ଗହୀରମଥା ଅଞ୍ଚଳ କେବଳ ଏହି ଜାତୀୟ କଇଁଛଙ୍କ ପାଇଁ ସାରା ବିଶ୍ୱରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଛି। ତେଣୁ ପ୍ରତିବର୍ଷ ସେମାନଙ୍କର ଅଣ୍ଡା ଦେବା ଋତୁରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମ୍ପୃକ୍ତ ଅଞ୍ଚଳ ଦର୍ଶକଙ୍କ ପାଇଁ ବନ୍ଦ ରହେ। ମହାବିଷ୍ଣୁଙ୍କର ଦ୍ୱିତୀୟ ଅବତାର କଇଁଛ ଭଳି ଏକ ନିରୀହ ଉପକାରୀ ଜୀବକୁ ସୁରକ୍ଷା ପ୍ରଦାନ ନ କଲେ କ୍ରମେ ଏହା ଲୋପ ପାଇଯିବ ଏବଂ ତା'ର କୁପରିଣାମ ଆମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ।

**ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ବାହାରେ କିମ୍ବା ଘରେ ଅଦରକାରୀ ଜିନିଷ ଗାଦି ହୋଇ ରହିବା ପ୍ରଦୂଷଣର କାରଣ ପାଲଟୁଛି। ପ୍ରଦୂଷଣ ହ୍ରାସ କରିବା ସକାଶେ ରିସାଇକ୍ଲିଂ ପଦ୍ଧତିରେ ଏଗୁଡ଼ିକର ପୁନଃ ବ୍ୟବହାର କରାଯାଉଛି ଏବଂ ଏଥିପାଇଁ ବହୁ ଷ୍ଟାର୍ଟଅପ ସାମ୍ନାକୁ ଆସୁଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ଉପାୟରେ ମଧ୍ୟ ଅନେକେ ପ୍ରୟାସ ଜାରି ରଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେରଳର ଅଞ୍ଜଳି ପାବନ ଅନ୍ୟତମ । ଅଞ୍ଜଳି ଅଦରକାରୀ ଜିନିଷ ବ୍ୟବହାର କରି ଘରେ ଝୁଲନ୍ତା ବଗିଚା କରିଛନ୍ତି। ଏଭଳି ବଗିଚା କରିବା ସକାଶେ ଅନ୍ୟ ଗୃହିଣୀମାନଙ୍କୁ ବି ପ୍ରୋତ୍ସାହିତ କରୁଛନ୍ତି। ବିଶେଷକରି ଅଞ୍ଜଳି ପୁରୁଣା ରଙ୍ଗ କ୍ୟାନ, ଟାୟାର, ଷଡେଇ, ନଡ଼ିଆକତା, ପ୍ଲାଷ୍ଟିକ ବୋତଲ, ପୁରୁଣା ସିଲେଇ ମେଶିନ ଓ ଡ୍ରମ୍ ବ୍ୟବହାର କରିଛନ୍ତି। ବଡ଼ କଥା ହେଉଛି ସେ ଜାପାନର ବଗିଚା ପଦ୍ଧତି (କୋକେଡାମ) ଅନୁସାରେ ଏହି ବଗିଚା କରିଛନ୍ତି, ଯେଉଁଥିରେ ଗଛଗୁଡ଼ିକୁ ନଡ଼ିଆକତା ଓ ମାଟିରେ ଲଗାଯାଇ ଝୁଲାଇ ଦିଆଯାଉଛି। ଅଞ୍ଜଳି ଓ ତାଙ୍କ ମା'ଙ୍କ ଦ୍ୱାରା କରାଯାଇଥିବା ଏହି ବଗିଚା ପରିବେଶ ଅନୁକୂଳ ହେବା ସହ ଖର୍ଚ୍ଚ କମ୍ କରିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୭୬

- ଜାତୀୟତା ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବେଆଇନ ଘୋଷଣା କରାଯାଇଥିବା ନେପାଳ କଂଗ୍ରେସର ୧୨ ଜଣ ସଭ୍ୟଙ୍କୁ ନେପାଳର ରାଜା ବୀରେନ୍ଦ୍ର ରାଜକ୍ଷମା ଦେଇଛନ୍ତି।
- ପାକିସ୍ତାନର ବେଲୁଚିସ୍ତାନ ଆସେମ୍ବ୍ଲିର ବାଚସ୍ପତି ମହମ୍ମଦ ଖାଁ ବାରୁଜାୟୀ ଉକ୍ତ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଘୋଷିତ।
- ଦକ୍ଷିଣ ଆଫ୍ରିକାର ନାୟାଙ୍ଗା ସହରରେ ଲାଗିଥିବା ଗଣ୍ଡଗୋଳ ଉପରକୁ ପୋଲିସ ଗୁଳିଚାଳନା କରିବା ଫଳରେ ୧୨ ନିହତ।

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ ! ମୋତେ ବଡ଼ ନିର୍ଦ୍ଦୟ ।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଭୁଙ୍କ ଫଟୋର ଅପବ୍ୟବହାର

ମହାଶୟ,

ପ୍ରଭୁ ଜଗନ୍ନାଥ ହେଉଛନ୍ତି ଆଧ୍ୟାତ୍ମିକ ପବିତ୍ରତାର ପ୍ରତୀକ। କିନ୍ତୁ ଆଜିକାଲି ବ୍ୟତିକ୍ରମ ହେଉଛି ପ୍ରଭୁଙ୍କ ଫଟୋ ଘର ବାହାର କାନ୍ଥ, ପାଚେରି, ସାର୍ବଜନୀନ ରାସ୍ତା କଡ଼ରେ ଚିତ୍ରିତ କରୁଛନ୍ତି। ଆହୁରି ମଧ୍ୟ ଡ୍ରେସ, ବ୍ୟାଗଗୁଡ଼ିକରେ ପ୍ରତିମା ମାନ ଚିତ୍ରିତ ହେଉଛି। ବ୍ୟାଗଟି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଆଦି ସ୍ଥାନରେ ରଖିବାକୁ ପଡୁଥାଇ ପାରେ। ଆମେମାନେ ମାନୁଛୁ ଯେ ଲୋକମାନେ ନିଶ୍ଚିତ ଆଶୀର୍ବାଦ ପାଇବା ଉଦ୍ଦେଶ୍ୟ ରଖି ଏଇ ସବୁ କରିଥାନ୍ତି। କିନ୍ତୁ ପ୍ରାୟତଃ ଏସବୁ ସ୍ଥାନ ମଇଳା ରହିଥାଏ, ଯାହା କି ପ୍ରତିମାର ପବିତ୍ରତାକୁ ହ୍ରାସ କରିପାରେ। ଦୟାକରି ଯେଉଁ ନିର୍ମାତା ଏସବୁ ସାମଗ୍ରୀ ତିଆରି କରୁଛନ୍ତି ସେମାନେ ପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ପ୍ରତୀକକୁ କେଉଁଠି ରଖିବାକୁ ହୁଏ ସେ ବିଷୟରେ ସଚେତନ ହୁଅନ୍ତୁ। ଯେଉଁମାନେ ବିଭିନ୍ନ ଉତ୍ପାଦରେ ଜଗନ୍ନାଥଙ୍କ ଫଟୋ ବ୍ୟବହାର କରୁଛନ୍ତି ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଉ। ସରକାର ଏଥି ପ୍ରତି ଧ୍ୟାନ ଦିଅନ୍ତୁ।

**–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪ କୋଠରିରେ ପଢୁଛନ୍ତି ୮ ଶ୍ରେଣୀ ପିଲା

■ନିର୍ମାଣ ହେଉନି ନୂତନ ଶ୍ରେଣୀଗୃହ
■ଜିଲାପାଳଙ୍କଠାରେ ଅଭିଯୋଗ




ବଇଣ୍ଡା, ୭।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ତାଳବାହାଲି ପ୍ରାଥମିକ ବିଦ୍ୟାଳୟରେ ବହୁ ସମସ୍ୟା ଲାଗିରହିଛି। ବିଶେଷକରି ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ୪ଟି କୋଠରିରେ ୮ଟି ଶ୍ରେଣୀର ପିଲା ବସି ପଢୁଛନ୍ତି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

ପରିଚାଳନା କମିଟି ପକ୍ଷରୁ କୁହାଯାଇଛି, ୧୯୨୯ ମସିହାରେ ତାଳବାହାଲି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଠାରେ ତାଳବାହାଲି, ପୋକଣ୍ଡା, ବିଡିସିଙ୍ଗ ଗ୍ରାମର ପିଲାମାନେ ପଢୁଛନ୍ତି। ଏହି ବିଦ୍ୟାଳୟକୁ ୯୬ ବର୍ଷ ହୋଇଥିଲେ ମଧ ବିକାଶ ହୋଇପାରି ନାହିଁ। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ୧୫୧ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଅସୁବିଧା ଉପୁଜୁଛି। ୮ ଟି ଶ୍ରେଣୀ ପାଇଁ ମାତ୍ର ୪ଟି କୋଠରି ରହିଛି। ତେଣୁ ପ୍ରତ୍ୟେକ ଶ୍ରେଣୀଗୃହରେ ୨ଟି ଲେଖାଏ ଶ୍ରେଣୀର ପିଲା ବସୁଥିବାରୁ ଠିକ୍ ଭାବରେ ପାଠ ପଢ଼ାଯାଇପାରୁନାହିଁ। ସେହିପରି ଗୃହଗୁଡିକ ବହୁ ବର୍ଷ ହୋଇଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଫଳରେ ବର୍ଷା ହେଲେ ପାଠ ପଢା ବନ୍ଦ ରହୁଛି। ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଥିବାବେଳେ ଅଷ୍ଟମ ଶ୍ରେଣୀ ପାଠ ପଢ଼ାଇବା ପାଇଁ ଅଧିକ ଶିକ୍ଷକ ଆବଶ୍ୟକ ଥିଲେ ମଧ ନିଯୁକ୍ତି ଦିଆଯାଉ ନାହିଁ। ଦୀର୍ଘବର୍ଷ ହେବ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ପୂରଣ କରାଯାଉନାହିଁ। ସେହିପରି ବିଦ୍ୟାଳୟରେ ପାଚେରି ନ ଥିବା ବେଳେ ରୋଷେଇ ଘର ନିର୍ମାଣ ହେଉପାରୁନାହିଁ। ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ମାସ ହେବ ଅଚଳ ହୋଇପଡିଛି। ଛାତ୍ରୀଛାତ୍ରଙ୍କ ଖେଳିବା ପାଇଁ ଖେଳପଡ଼ିଆଟିଏ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ କୌଣସି ପ୍ରକାର ଖେଳ ଖେଳି ପାରୁନାହାନ୍ତି। ବିଦ୍ୟାଳୟର ସମସ୍ତ ସମସ୍ୟା ସମାଧାନ ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ୧୨ ଜାନୁଆରୀ ୨୦୧୮, ୫ ଅଗଷ୍ଟ ୨୦୨୧, ୨୨ ମାର୍ଚ୍ଚ ୨୦୨୩ , ୨୫ ଜାନୁଆରୀ ୨୦୨୪ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ କିଛି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଖୁବଶୀଘ୍ର ପଦକ୍ଷେପ ନିଆଯିବ।

# ଜୁହାର ପରିବାର ପକ୍ଷରୁ ନୂଆଖାଇ ଭେଟ୍‌ଘାଟ



ଅନୁଗୋଳ, ୭।୧୨ (ଦିବ୍ୟଶାନ୍ତନୁ ନାଥ)

ସ୍ଥାନୀୟ ସଭାଘରଠାରେ ଅନୁଗୋଳ ଜୁହାର ପରିବାର ପକ୍ଷରୁ ନୂଆଖାଇ ଭେଟ୍‌ଘାଟ ଆୟୋଜିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳରେ ରହୁଥିବା ପଶ୍ଚିମଓଡ଼ିଶାର ଭଉଣୀଭାଇମାନଙ୍କ ଏହି ଭିନ୍ନ ପ୍ରୟାସ ବେଶ ପ୍ରଶଂସନୀୟ ବୋଲି ବେହେରା କହିଥିଲେ। ସମ୍ମାନିତ ଅତିଥି ରୂପେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଆମେ ମା', ମାଟି ଓ ଆମ କଳା ସଂସ୍କୃତିକୁ କେବେ ଭୁଲିବା ଉଚିତ୍ ନୁହେଁ ବୋଲି କହିଥିଲେ। ସମାରୋହରେ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧରେ ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଗାୟକ ବିଭୂତି ଭୂଷଣ ପଟ୍ଟନାୟକ, ସନ୍ତୋଷ ମିଶ୍ର, ଦୁଃଖିଶ୍ୟାମ ତ୍ରିପାଠୀ, ଗୀତିକାର ପ୍ରଫେସର ମୋହନ ସାହୁ, ଦ୍ୱାରିକାନାଥ ନାୟକ, ସମ୍ବଲପୁର ଜୁହାର ପରିବାର ସଭାପତି ପ୍ରଫୁଲ୍ଲ ସାହୁ ଯୋଗଦେଇ ନୂଆଖାଇ ଭେଟ୍‌ଘାଟ ଭାବର ତିହାର ଓ ଚାଷୀର ତିହାର ବୋଲି ଅଭିହିତ କରିଥିଲେ। ସମାରୋହରେ ମୁଖ୍ୟ ସଂଯୋଜକ ଡା. ଅକ୍ଷୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧକ୍ଷା ଦ୍ରୌପଦୀ ପଟେଲ, ଅନୁଗୋଳ କଲେଜ ଅଧକ୍ଷ ଡା. ନୀଳାଞ୍ଚଳ ପଟେଲ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ନାଟ୍ୟକାର ବିଜୟ କୁମାର ଦାସ ଓ ଅଭିନେତା ଅଶୋକ ଦାସଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଯୁବ ଓ କିଶୋର କଳାକାରମାନେ ଆକର୍ଷଣୀୟ ସମ୍ବଲପୁରୀ, ଡାଲଖାଇ, ଓଡ଼ିଶୀ ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଲୋକନୃତ୍ୟ ପରିବେଷଣ କରିଥିଲେ। ସହରର ଅନେକ ବୁଦ୍ଧିଜୀବୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ପଡ଼ାଗ୍ରାମ ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ସ୍ମାରକପତ୍ର



ତାଳଚେର, ୭।୧୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତ ଅଧୀନ ପଡ଼ାଗ୍ରାମ ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଳଚେର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପଡ଼ାଗ୍ରାମଗୁଡିକ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିବା ବେଳେ ରାଜରାଜୁଡା ଅମଳର ପଡ଼ାଗ୍ରାମ ଭାବେ ପରିଚୟ ପାଇଥିବା ଚାଳଗଡ଼ କିନ୍ତୁ ରାଜସ୍ୱ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଆସିଛି। ଚାଳଗଡ଼ ଗ୍ରାମବାସୀ ବିଭିନ୍ନ ସମୟରେ ଏନେଇ ତହସିଲସ୍ତରରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ଜଣାଇଥିଲେ ମଧ ଗ୍ରାମବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ୩ଟି ୱାର୍ଡକୁ ନେଇ ଗଠିତ ଚାଳଗଡ଼ରେ ଏବେ ତିନି ହଜାର ଲୋକ ବସବାସ କରୁଥିବାବେଳେ ୧୫ଶହ ଭୋଟର ରହିଛନ୍ତି। ତେବେ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ଚାଳଗଡ଼ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରି ନାହିଁ । ଏଣୁ ଉକ୍ତ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ଏହାକୁ ଯଥାଶୀଘ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦେଲେ ଚାଳଗଡ଼ବାସୀ ଚିରଉପକୃତ ହେବେ ବୋଲି କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ରାଜୀବ ଦାସ, ଚାଳଗଡର ପୂର୍ବତନ ସଭାପତି କାର୍ତ୍ତିକ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଶିବାନନ୍ଦ ଥମ୍ବ, ବରିଷ୍ଠ ଆଇନଜୀବୀ ଉଚ୍ଛନ ଚନ୍ଦ୍ର ପଟ୍ଟନାୟକ, ସତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ଚୋରାମଦ ବେପାର, ଚଢ଼ାଉ ହେଉନାହିଁ

ବଇଣ୍ଡା, ୭।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୃତ୍ତିବାସପୁର, ଆମ୍ବସରମୁଣ୍ଡା, ଠାକୁରଗଡ଼, ସାନହୁଲା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛିଦିନ ହେବ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ଚୋରାରେ ଅବାଧ ମଦ ବିକ୍ରି ହେଉଥିବାବେଳେ ଠିକ୍ ଭାବେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା କେତେକ ତେଜରାତି ଦୋକାନ, ଝୁମ୍ପୁଡ଼ି ହୋଟେଲ ଓ ପାନ ଦୋକାନରେ ବ୍ୟବସାୟୀମାନେ ଫ୍ରିଜ ରଖି ବ୍ୟବସାୟ କରୁଥିବାବେଳେ ଅବକାରୀ କିମ୍ବା ସ୍ଥାନୀୟ ପୋଲିସ ଚଢ଼ାଉ କରୁନାହିଁ। ମଦ କାରବାର ଯୋଗୁ ବିଭିନ୍ନ ଗ୍ରାମରେ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହି ମଦ ବ୍ୟବସାୟୀ ସ୍ଥାନୀୟ ପୋଲିସକୁ ହାତ ଗୁଞ୍ଜାଦେଇ କାରବାର କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି । ଏନେଇ ଆଠମଲ୍ଲିକ ଅବକାରୀ ବିଭାଗ ନିରୀକ୍ଷକ ପବିତ୍ର ମୋହନ ମାଝୀ କହିଛନ୍ତି, ବିଭାଗ ପକ୍ଷରୁ ଚଢ଼ାଉ କରାଯିବ।

# ଅସହାୟଙ୍କୁ କମ୍ବଳ ବଣ୍ଟନ



ବଇଣ୍ଡା,୭।୧୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତର ଖଇରମୁଣ୍ଡା ଗ୍ରାମରେ ଶନିବାର କେତେଜଣ ସାମାଜିକ କର୍ମୀଙ୍କ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି । ଏଥିରେ ଗ୍ରାମର ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ସେହ୍ନଲତା ପ୍ରଧାନ, ରାକେଶ ମିଶ୍ର, ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ ୧୦ ଜଣଙ୍କୁ କମ୍ବଳ ବଣ୍ଟନ କରିଥିଲେ ।

# ପୁରୁଷରେ ବଆଁରପାଳ, ମହିଳାରେ କୁଲାଡ଼ ଚାମ୍ପିୟନ




## କବାଡ଼ି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବଆଁରପାଳ,୭।୧୨(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ବଆଁରପାଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଖେଳ ପଡ଼ିଆରେ ପାଞ୍ଚଗଡ଼ ଆଥଲେଟିକ ଆସୋସିଏଶନ ସୌଜନ୍ୟରୁ ଏକ ଦିବସୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ବିଜୁଗୋଳ(କଣିହାଁ), କୁଲାଡ଼, ବଆଁରପାଳ, ଗୋତମରା, ବନ୍ଧା, ଡିଏଭି(ଥର୍ମାଲ), ଡିପିଏସ୍(ବଆଁରପାଳ)ଦଳ ଭାଗ ନେଇଥିଲେ। ମହିଳା ବିଭାଗରେ କୁଲାଡ଼ ଓ ଅନୁଗୋଳ ଟିମ୍ ଭାଗ ନେଇଥିଲେ । ପୁରୁଷ ବିଭାଗରେ ବଆଁରପାଳ ଚାମ୍ପିୟନ ଓ କୁଲାଡ଼ ରନରଅପ୍ ହୋଇଥିଲା। ମହିଳା ବିଭାଗରେ କୁଲାଡ଼ ଟିମ୍ ବିଜେତା ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାମଲ, ସମ୍ମାନୀୟ ଅତିଥି ଭାବେ ଗୋତମରା ସରପଞ୍ଚ ମଞ୍ଜୁ ବରାହ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଆଖଣ୍ଡଳମଣି ଆଇଟିଆଇର ପରିଚାଳକ ହୃଦାନନ୍ଦ ନାୟକ, ସମ୍ମାନୀୟ ଅତିଥି ଭାବେ ଲେଖିକା ଗୀତା ମହାପାତ୍ର ଓ ପିଟିଏ ସଭାପତି ରାମଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ସମେତ ସମସ୍ତ ଟିମ୍‌କୁ ପୁରସ୍କୃତ କରିଥିଲେ । ପ୍ରତାପ କୁମାର ମହାନ୍ତି, ବିଶ୍ୱଜିତ କୁମାର, ବୃନ୍ଦାବନ ମାଝୀ ଓ ଭାଗବତ ମହାନ୍ତି ଖେଳ ପରିଚାଳନା କରିଥିଲେ। ଆଥଲେଟିକ ଆସୋସିଏଶନ ସଭାପତି ସତ୍ୟାନନ୍ଦ ରାଉତ ଓ ସମ୍ପାଦକ ସୁରେନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳିତ ମହାସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ



ସନ୍ନିଛକ,୭।୧୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ଦଳିତ ମହାସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ରବିବାର ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଆମ୍ବିଠି ବନଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ମହାସଂଘ ସମ୍ପାଦକ ମୋହନ ଗୋଛାୟତ ସହ ସମ୍ପାଦକ ଭୋଳେଶ୍ୱର ଗୋଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରକୁ ପ୍ଲାଷ୍ଟିକ ବୋତଲ ଓ ପଲିଥିନ ମୁକ୍ତ କରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମଟି ସ୍ୱଚ୍ଛତା, ସବୁଜିମା ଏବଂ ପ୍ଲାଷ୍ଟିକମୁକ୍ତ ଲକ୍ଷ୍ୟରେ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଦଳିତ ମହାସଂଘ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ମନ୍ଦିର ଚତୁଃପାର୍ଶ୍ୱ ସଫେଇ କରିବା ସହ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ହିଁ ସେବା ମନୋବୃତ୍ତିକୁ ଆପଣେଇଥିବା ସଂଘ ସମ୍ପାଦକ କହିଛନ୍ତି। କାର୍ଯ୍ୟକ୍ରମରେ ଦଳିତ ମହାସଂଘର ସକ୍ରିୟ ସଦସ୍ୟ ପ୍ରତାପ ବେହେରା, ବିକ୍ରମ ଗୋଛାୟତ, ଦୀପକ ନାଏକ, ଟିନା ପୃଷ୍ଟି, ମକରା ଗୋଛାୟତ, ଗୋବିନ୍ଦ ଗୋଛାୟତ, ରାହୁଲ ଗୋଛାୟତ, ପିଣ୍ଟୁ ଗୋଛାୟତ, ସୁନୀଲ ଗୋଛାୟତ, ବବୁଲ ଗୋଛାୟତ, ସାଗର ଗୋଛାୟତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନୁଗୋଳ ଫୁଟ୍‌ବଲ ଲିଗ୍ ପାଇଁ ଅଣ୍ଟାଭିଡ଼ିଲେ ଖେଳପ୍ରେମୀ

ଅନୁଗୋଳ,୭।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଭଳି ଶିଳ୍ପସମୃଦ୍ଧ ଜିଲାରେ ଯେଉଁ ଫୁଟବଲ ଖେଳ ବେଶ୍ ଲୋକପ୍ରିୟ ହୋଇପାରିଥିଲା ତାହା ଏବେ ବୁଡ଼ିବାକୁ ବସିଥିବାରୁ କିଛି କ୍ରୀଡ଼ାପ୍ରେମୀ ରବିବାର ଅନୁଗୋଳ ଉପଖଣ୍ଡ କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଏକାଠି ହୋଇ ଫୁଟବଲ ଖେଳର ଉତ୍‌ଥାନ ପାଇଁ ଆଲୋଚନା କରିଛନ୍ତି। ଅନୁଗୋଳରେ ଫୁଟବଲ ଖେଳର ପ୍ରସାର କମିଯାଉଥିବାରୁ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଯୁବ ପ୍ରତିଭାମାନଙ୍କୁ ଆଗକୁ ଆଣିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ନୀଳମଣି ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କ୍ରୀଡ଼ା ସଂସଦ ସଦସ୍ୟ ରମେଶ ସାହୁ, କ୍ରୀଡା ସଂଗଠକ ମାନସ ସାମଲ, ବସନ୍ତ କୁମାର ଦାସ, ଶୁଭ୍ରାଂଶୁ ସାହୁ, ପଦିଆ ସାହୁ, ଶିବ ରାଉତ, ଯୁଧିଷ୍ଠିର ସେଠ ଓ ଅନ୍ୟ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଆଠମଲ୍ଲିକ ଚାମ୍ପିୟନ

ଆଠମଲ୍ଲିକ, ୭।୧୨ (ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତ ଗଦାଧରପୁର ଖେଳପଡ଼ିଆରେ ଗଦାଧରପୁର ଏମ୍‌ଏସିସି କ୍ଲବ ତରଫରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସ ତଥା ଫାଇନାଲ ମ୍ୟାଚ ଗଦାଧରପୁର ଏମ୍‌ଏସିସି ଏବଂ ଆଠମଲ୍ଲିକ ମଧରେ ଅନୁଷ୍ଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ମ୍ୟାଚରେ ଗଦାଧରପୁର ଏମ୍‌ଏସିସି ପ୍ରଥମେ ବ୍ୟାଟିଂ କରି ୮୧ରନ ସଂଗ୍ରହ କରିଥିବା ବେଳେ ଆଠମଲ୍ଲିକ ୮୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଅମ୍ପାୟାର ଭାବେ ବାପୁନ ପ୍ରଧାନ, ବବଲୁ ଦେହୁରୀ ପରିଚାଳନା କରିଥିବା ବେଳେ ଗୁଡୁ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ହିମାଂଶୁ ଶେଖର ପ୍ରଧାନ। ଏହି ଉଦ୍‌ଯାପନୀ ଦିବସ ଅବସରରେ ଅତିଥି ଭାବେ ଡ. ଅତନୁ ପଟ୍ଟନାୟକ, ଯୁବନେତା ରାମଚନ୍ଦ୍ର ମହାକୁଡ଼ ଯୋଗଦେଇ ଚାମ୍ପିୟନ ହୋଇଥିବା ଆଠମଲ୍ଲିକ ଏବଂ ରନର୍ସଅପ ହୋଇଥିବା ଏମ୍‌ଏସିସି ଗଦାଧରପୁର କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ । ଏମ୍‌ଏସିସି ଗଦାଧରପୁର କ୍ରିକେଟ କ୍ଲବ ଶୁଭେନ୍ଦୁ ପ୍ରଧାନ, ପ୍ରାଣକୃଷ୍ଣ କୁଦେଇ, ଲୋକେଶ ପ୍ରଧାନ, କରନ ପ୍ରଧାନ, କାଳିଆ ବାଘ, ଶକ୍ତି ପ୍ରଧାନ, ଚିକୁ ମହାକୁଡ଼, ବିକି ହୋତା, ଶ୍ରୀତମ ପ୍ରଧାନ, ବଳିଆ ପ୍ରଧାନ, ଆସମାନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଆଠମଲ୍ଲିକ,୭।୧୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡ଼ାସ୍ଥିତ ସମାଧାନ ଶିକ୍ଷା ନିକେତନର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରମେଶ ମହାନ୍ତିଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରବି ନାରାୟଣ ସାହୁ, ମୁଖ୍ୟବକ୍ତା ଭାବେ ଶତ୍ରୁଘ୍ନ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଭଗବାନ ନାଏକ, ଖେଳ ଶିକ୍ଷକ ପ୍ରଭୁ ରଞ୍ଜନ ପ୍ରଧାନ, ଧନଞ୍ଜୟ ନାୟକ, ବିଦ୍ୟାଳୟ କମିଟି ସଦସ୍ୟ ବିପିନ ମଲ୍ଲିକ, ମାତୃମଞ୍ଚ ସଭାନେତ୍ରୀ ମାନସୀ ରାଜ, ସମ୍ପାଦିକା ନିବେଦିତା ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ପ୍ରଭାତ ନଳିନୀ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଉପଦେଷ୍ଟା ଅରବିନ୍ଦ କ୍ଷେତି, ଗୁରୁଜୀ ନରହରି ପ୍ରଧାନ, ଭୂମିସୁତା ପ୍ରଧାନ, ଚିନ୍ମୟୀ କ୍ଷେତି, ସସ୍ମିତା ଭୁକ୍ତା ସହଯୋଗ କରିଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹4.06 କୋଟି ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସୀୟ କଲୋନୀରେ ଏକୀକୃତ ସୁବିଧା ପରିଚାଳନା ସେବା (ଆଇଏଫଏମଏସ୍) ପ୍ରଦାନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 12, 2026 ଅପରାହ୍ନ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**DIRECTORATE OF AVIATION**
**GOVERNMENT OF ODISHA**
**NOTICE**

**File No. TRN-AV-GEN0083-2024-15142/T** **Date: 05.12.2025**

No. J-04: The Directorate of Aviation recruitment notice published vide Recruitment Notice No. OIPR-38001/11/0029/2526 on 09.05.2025 with respect to recruitment of Director of Aviation, Deputy Director-Operation and Protocol, Assistant Director-Business Development & Flight Operation and Senior Executive - MIS is hereby cancelled. It is further clarified that the recruitment for the posts of Accountable Executive, Terminal Manager and Safety Manager as advertised in the same notice, shall remain unaffected and will not be cancelled.

All applications submitted for the post of Director of Aviation, Deputy Director-Operation and Protocol, Assistant Director - Business Development & Flight Operation and Senior Executive - MIS as per recruitment Notice No. OIPR-38001/11/0029/2526 shall not be considered.

* Candidates are advised to visit the official website of the Commerce & Transport Department **(https://ct.odisha.gov.in/)** for detailed information regarding any future vacancies. Any queries may be submitted through the email address provided below.

**ADDRESS:**
**Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, PIN - 751020, E-mail: orissa_aviation@yahoo.com, transcivilaviation@gmail.com.**

**Sd./- Officer on Special Duty**
**OIPR-38001/11/0047/2526 Directorate of Aviation, Bhubaneswar**

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଭଦ୍ରକ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡା / **ସହ-ଋଣଗ୍ରହୀତା: ନିରୁପମା ପଣ୍ଡା,** ସ୍ୱାମୀ: ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ବାରିକପୁର, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ,** ପିତା: କୈଳାସ କୁମାର ପ୍ରଧାନ, ସା: ସାମରାଏପୁର, ପୋ: ଗେଲପୁର, ଜିଲ୍ଲା: ଭଦ୍ରକ | ଟ.୧୭,୪୪,୨୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୦୫.୧୨.୨୦୨୫ | **ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୭/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |

**ସ୍ଥାନ: କଟକ, ତାରିଖ : ୦୬.୧୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ଉପଯୋଗ ଜରୁରୀ: ରାଜ୍ୟପାଳ

■ ୩୧ଜଣଙ୍କୁ ପିଏଚ୍‌ଡି ଓ ୩୦୫୯ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ

■ ୨୧ଜଣଙ୍କୁ ଭିଜିଟର୍ସ, ସ୍ମାରକୀ ଓ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୭।୧୨ (ଅନୁରାଧା ମହାରଣା)

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ କହିଲେ, ନୂତନତ୍ୱକୁ ଆପଣେଇବା ଓ ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ପଡ଼ିବ। ଆଜିର ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ଦେଶର ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଦୃଶ୍ୟପଟ୍ଟକୁ ଆକାର ଦେବା ପାଇଁ ସେମାନଙ୍କୁ ନେତୃତ୍ୱ ନେବାକୁ ପଡ଼ିବ। ଛାତ୍ରଛାତ୍ରୀମାନେ ପାଠପଢ଼ା ପଦ୍ଧତି ସହ ଗବେଷଣାକୁ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ସମସ୍ୟାର ବିକାଶ ଓ ଅର୍ଥନୀତିରେ ସହାୟକ ହୋଇପାରିବ। ନିଯୁକ୍ତି ପଛରେ ନ ପଡ଼ି, ନିଯୁକ୍ତି ପ୍ରଦାନକାରୀ ହେବାକୁ ଚେଷ୍ଟା କରନ୍ତୁ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ କହିଲେ, ଆବିଷ୍କାରମୂଳକ ଶିକ୍ଷା ଓ ଦକ୍ଷତାଭିତ୍ତିକ ତାଲିମ ମାଧ୍ୟମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀଙ୍କ ବିକାଶ ଲକ୍ଷ୍ୟ ରଖିଛି। ଇସ୍ରୋ ସ୍ପେସ୍ କମିଶନ ଅଧ୍ୟକ୍ଷ ତଥା ସ୍ପେସ୍ ମନ୍ତ୍ରଣାଳୟର ସଚିବ ଡ. ଭି ନାରାୟଣ କହିଲେ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ତା'ର ଗୁଣାତ୍ମକ ଶିକ୍ଷାଦାନ ପ୍ରତି ସବୁବେଳେ ପ୍ରତିଶ୍ରୁତିବଦ୍ଧ। ନୂତନତା ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ସଶକ୍ତ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟସେବା, ଉଦ୍ୟୋଗିତା, ସାମାଜିକ ବିକାଶ କ୍ଷେତ୍ରରେ ସେମାନେ ବାଛିଥିବା ଯେକୌଣସି କ୍ଷେତ୍ରରେ ନିଶ୍ଚିତ ଭାବେ ସାର୍ଥକ ଅବଦାନ ଦେବେ। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଡିଆରଡିଓ)ର ମହାନିର୍ଦ୍ଦେଶକ ଡ. ବିକେ ଦାସ କହିଲେ, ଆମ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି। ଏହା ନୂତନତା, ବିକାଶ ଏବଂ ବିଶ୍ୱ ପ୍ରଭାବରେ ଅଗ୍ରଗତି କରୁଛି। ତେଣୁ ଛାତ୍ରୀଛାତ୍ରମାନେ ଆକାଂକ୍ଷା, ମୂଲ୍ୟବୋଧ ଓ ନୈତିକତା ସହିତ ଆଗକୁ ବଢ଼ନ୍ତୁ।

ଏହି ଅବସରରେ ୩୧ଜଣ ପିଏଚ୍‌ଡି ସ୍କଲାର ଏବଂ ପୂର୍ବ ବ୍ୟାଚର ୧୮୩ ଜଣ ଛାତ୍ରଛାତ୍ରୀ ଓ ୨୦୨୫ ଗ୍ରାଜୁଏଟ ବ୍ୟାଚରେ ୩୦୫୯ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ବି.ଟେକ ଇଞ୍ଜିନିୟରିଂ (ମେରାଇନ)ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓନିମେଷ ପ୍ରିୟଙ୍କା ଅଜାକାଙ୍କୁ 'ଭିଜିଟର୍ସ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ସେହିପରି ମାଷ୍ଟର ଅଫ୍ ଫାର୍ମାସିରେ ଶ୍ରେଷ୍ଠ ମହିଳା ସ୍ନାତକ ଭାବେ ସଙ୍ଗୀତା ଘୋଷଙ୍କୁ 'ଧୀରେନ ପଟ୍ଟନାୟକ ସ୍ମାରକୀ ଗୋଲ୍ଡ ମେଡାଲ', ସ୍କୁଲ ଅଫ ମ୍ୟାନେଜମେଣ୍ଟରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ସାକେତ ରାଜଙ୍କୁ 'ପିଟର ରେଣ୍ଡିଙ୍କ ସ୍ମାରକୀ ଗୋଲ୍ଡ ମେଡାଲ' ଓ ଆଲାଏଡ୍ ହେଲ୍ଥକେୟାର ସାଇନ୍ସେସର ଶ୍ରେଷ୍ଠ ସ୍ନାତକ ଭାବେ ଅର୍ପିତା ମହାପାତ୍ରଙ୍କୁ 'ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଗୋଲ୍ଡ ମେଡାଲ'ରେ ସମ୍ମାନିତ କରାଯାଇଛି। ଏଥିସହ ୧୭ଜଣ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ ଏବଂ ୩୩ ଜଣଙ୍କୁ 'ମେରିଟ ଆୱାର୍ଡ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ଡି. ଏନ୍. ରାଓ, କୁଳସଚିବ ପ୍ରଫେସର ଅନିତା ପାତ୍ର ଓ ପ୍ରୋ-ଭାଇସ ଚାନ୍ସେଲର ଡ. ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍ସବରେ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଣେ ଛାତ୍ରଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।


## OFFICE OF THE NOTIFIED AREA COUNCIL, KANTABANJI

No.1836/Dt.03.12.2025

NO.C-1689

e-Procurement Notice

Bid Identification No.-NAC-KBJ-003/2025-26

| | |
|---|---|
| Name of the work for which tender invited | Extension of Administrative Building, Sale Counter and Co-compost shed and other ancilary structure inside existing SETP at Notified Area Council Kantabanji |
| No. of Works | 1 No. |
| Project Cost | 64.46 Lakhs |
| Period of Completion | As per DTCN |
| Date & Time of Availability of RFP in the Online Portal | From Dt.05.12.2025, 11:00 A.M. to Dt.26.12.2025, 05:00 P.M. |
| Last date & time of receipt of Bid through online Portal | Dt.26.12.2025 upto 05:00 P.M. |
| Deadline for Submission of Clarification | From Dt.05.12.2025, 11:00 A.M. to Dt.12.12.2025, 05:00 P.M. |
| Opening of Bid documents | Dt.30.12.2025 at 11:00 A.M. |
| The bidder has to participate in online bidding only | https://tendersodisha.gov.in |

Further details are available in the website :

Sd./- Executive Officer, Kantabanji NAC

OIPR-13111/11/0008/2526

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ – ୦୬୮୧୧ – ୨୮୦୦୨୫, ଟୋଲଫ୍ରି – ୧୪୪୨୦

At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420

Email : hinjilicutmunicipality@gmail.com

: Hinjilicut Municipality, : Hinjilicutmunicipality

Letter No. 3111/Dev. Date : 04.12.2025

E-Procurement Notice No. - HIN-MUN-04/2025/26

No.C-1684 : The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works — 34 Nos.
2. Period of completion — As per DTCN
3. Date & time of availability of Bid Documents in the portal — From 10.00 A.M. of Dt.07.12.2025 to 5.00 P.M. of Dt.18.12.2025 for online bidding
4. Last date of receipt of Bid through Online — Dt.18.12.2025 of upto 5.00 P.M.
5. Date of opening of Bid — Dt.19.12.2025 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd./- Executive Officer, Hinjilicut Municipality

OIPR-13105/11/0024/2526

## OFFICE OF THE SUPERINTENDENT, CHC, KUJANGA, JAGATSINGHPUR

Tender Call Notice for Hiring of RBSK Vehicle

Advt. No. : 688 Dated : 05.12.2025

No.E-572 : Sealed Tenders are invited from interested eligible bidders (individuals/Tour Operators / travel Agency) for hiring of vehicles (Mahindra TUV/Bolero/ Scorpio etc.) for CHC Kujanga, Jagatsinghpur on a monthly basis. The eligible criteria, the terms of reference and the formats for submission of bids are available in Jagatsinghpur district website, i.e https://jagatsinghpur.odisha.gov.in The details of proposal(s) complete in all respect super scribing "Tender for hiring of vehicles on rental (Monthly basis) for ______ place/Purpose _____ " on the envelope should reach the office of the Superintendent, CHC Kujanga, Jagatsinghpur on or before **Dt: 19.12.2025 till 5 PM** through speed post / regd. Post / courier only. The technical & Financial bids shall be opened at the office of the Superintendent, CHC Kujanga, Jagatsinghpur on **Dt: 20.12.2025 at 11 AM.** The authority reserves the right to reject any or all proposals without assigning any reason thereof.

Sd./- Superintendent, CHC, Kujanga, Jagatsinghpur

OIPR-10267/11/0002/2526

## PANCHAYAT SAMITI OFFICE, LATHIKATA
## INVITATION FOR BIDS

Bid Identification No. BDO/LKT/02/2025-26

Letter No. 3418 Dt.01.12.2025

No. i-410: The Panchayat Samiti Office, Lathikata on behalf of the Govt. of Odisha invites Percentage Rate bids in Single Cover System on Online mode. Bid identification No. BDO/LKT/02/2025-26 for 03 Nos. Civil work with value of Rs.12.76 Lakh to 42.49 Lakh.

1. Bid documents will be available in website **www.tendersorissa.gov.in** from 06.12.2025.
2. Bid must be submitted on "Online" on or before 16.12.2025 by 17.00 hours.
3. Bids shall be opened at 11.00 hours on 18.12.2025 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Block Development Officer, Lathikata

OIPR-19036/11/0007/2526

## OFFICE OF THE MUNICIPAL COUNCIL : JEYPORE

Phone No. : 06854-231098, e-Mail : ulbjeypore@gmail.com

Letter No.5102 Date : 05.12.2025

Advertisement for Expression of Interest (EOI) for selection of Self-help groups for O&M of ESTP under Jeypore Municipality

No.C-1706 : Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ ALFs for O&M of ESTP.

| Sl. No. | Particulars | Details |
|---|---|---|
| 1 | Availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date and time | 06.12.2025, 10.00 A.M. |
| 3 | Last date and time of submission of EOI | 20.12.2025, 5.00 P.M. |
| 4 | Start date and time of opening EOI and venue | At the chamber of the Executive Officer of Jeypore Municipality |

- The authority reserves the right to reject any or all the EOIs without assigning any reason thereof.
- Any change, correction/corrigendum in respect of the above shall be placed on the website.

Sd./- Executive Officer, Jeypore Municipality

OIPR-13079/11/0076/2526

## OFFICE OF THE MUNICIPAL COUNCIL, TALCHER

'e' - Procurement Notice

Tender Reference No. TCRM-09/2025-26

Bid Identification No.2025_ORULB_122532

No.4149/Dt.02.12.2025

No.C-1686 : Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20 website i.e. www.tendersorissa.gov.in

1) Name of the Work : Civil work as mentioned in the website
2) No. of works : 16 Nos.
3) Eastimated Cost : Rs.1.25 to 36.12 lakhs
4) Period of Completion : As per DTCN
5) date & time of availability of Bid document in the portal : Dt.04.12.2025 at 4.00 P.M.
6) Last date & time for receipt of Bid in the portal : Dt.15.12.2025 at 5.00 P.M.
7) Date of Opening Bid : Dt.16.12.2025 at 11.00 A.M.
8) Name & Address of the Officer inviting the bid : Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer, Talcher Municipality

OIPR-13077/11/0069/2526

## OFFICE OF THE NOTIFIED AREA COUNCIL, DHARMAGARH

DIST - KALAHANDI, PIN - 766015

'e'-Procurement NOTICE

Bid Identification No. DHM / 03 / 2025-26

No.C-1682 : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **05 (Five) numbers**
2. Estimated Costs : **2.21 Lakh to 11.58 Lakh**
3. Period of Completion : As per NIT
4. Date and time of availability of the bid documents in the Portal : **From 03.00 P.M. of 04.12.2025 to 05.00 PM of 17.12.2025**
5. Last Date/Time for rceceipt of bids in the Portal : **05.00 PM of 17.12.2025**
6. Bids will be opened on : **11.00 AM of Dt.19.12.2025**
7. Name and address of the Officer Inviting Bid : **Executive Officer, Dharmagarh NAC**

Sd./- Executive Officer, Dharmagarh NAC

OIPR-13163/11/0019/2526

## PANCHAYAT SAMITI, BELPADA

Email Id: ori-belpada@nic.in

E-Procurement Notice

No. i-412: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Tender Reference No. : 3/2025-26
2. Bid Identificatio No. : 2025_PRBBP_122582_1_1 to 8
3. Name of the work : As mentioned in DTCN
4. No. of Works : 08
5. Estimated Cost : As per DTCN
6. Period of Completion : As per DTCN
7. Date & time of Bidding through online only : 05.12.2025 at 11 A.M. to 15.12.2025 upto 02.00 P.M.
8. Last date & time for receipt of bids in the portal : 15.12.2025 upto 02.00 P.M.
9. Opening of Price Bid : 15.12.2025 at 02.30 P.M.
10. Name and address of the Officer Inviting Bid : Panchayat Samiti, BELPADA

Further details can be seen from the procurement portal i.e. **https://www.tendersorissa.gov.in**.

OIPR-19110/11/0006/2526 Sd./- BDO, Belpada

No.CAD-2612

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD, WS & EC DIVISION-II, IDCO, IDCO TOWERS, BHUBANESWAR-751022

Tender Call Notice No. WS/EC-II/D-1902/01/2025-26/2048 Dated : 26.11.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Value of work (Approx) | Period of Completion |
|---|---|---|---|
| 1 | Laying and interconnecting the existing pipeline for water supply to different unita like Mogll lab, Sova Solar & BMDM at AAPPL, Angul | ₹ 22.65 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-II, IDCO, IDCO Towers, Bhubaneswar-751022 | BID ID No.- WS & EC-II/D-4/2025-26 | 17:00 Hours of dt.12.12.2025 | 17:00 Hours of dt.23.12.2025 |

Further details can be seen from the e-procurement portal, www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-procurement portal www.tendersodisha.gov.in as well as IDCO website www.idco.in

Sd./- Divisional Head, WS&EC Division-II, IDCO, Bhubaneswar

OIPR-14003/11/0257/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
## (AUCTION SALE NOTICE)

No. 7444 Date: 04.12.2025

No. E-569: Sealed quotations are invited from prospective bidders (have valid PAN & GST Number) for auction sale of different condemned equipment's, furniture, instruments etc. of DHH Dhenkanal as a whole. The prospective bidders can avail the detailed list with term & condition from the Office of the undersigned and inspect the said items (Physically) during office working days from 11 A.M. to 12.00 P.M. The details, terms and conditions, guidelines etc. including bid paper format can be downloaded from the district website **www.dhenkanal.nic.in**. The bidders in the prescribed format along with all relevant documents for DHH, Dhenkanal should reach the office of the undersigned on Dt.15.12.2025, 12.00 P.M. through Speed Post/Courier only. The envelope should be duly superscribed on top of envelope as "Revised auction for different condemned equipment, furniture, instruments etc. of DHH Dhenkanal". The bid will be opened on Dt.16.12.2025 at 11.30 A.M. The undersigned reserves the right to reject any or all the bids/tenders without assigning any reason thereof.

Sd./- Chief District Medical & Public Health Officer, Dhenkanal

OIPR-10059/11/0028/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Department of Housing & Urban Development, Government of Odisha)

At/PO./PS. : Titilagarh, Dist : Balangir - 767033, e-mail : titilagarhmunicipality@gmail.com

No.3546/Date : 03.12.2025

QUOTATION CALL NOTICE

No.C-1671 : Sealed Quotations are invited from the intending surveyor firm for conducting Drone survey, Hydrographic survey for rejuvenation of water bodies under jurisdiction of Titilagarh Municipality as detail scheduled mentioned below.

1. **Last date of selling of tender document : upto 17.00 hrs on dated 11.12.2025**
2. **Last date of offline submission of technical and financial bid receiving of tender document : upto 17.00 hrs on dated 12.12.2025**
3. **Date and time of opening of bid : At 11.00 hrs on dated 13.12.2025 at Titilagarh Municipality**
4. **Cost of paper : Rs.600/- (Non-refundable) (Demand Draft from any scheduled bank should be in favour of Executive Officer, Titilagarh Municipality payable at Titilagarh)**

The details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.

The undersigned reserves the right to accept or reject any or all the Quotations without assigning reason thereof.

Sd./- Executive Officer, Titilagarh Municipality

OIPR-13095/11/0036/2526

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

'e' Procurement Notice

Bid Identification No. SE MID JSD 10/2025-26

eemijharsuguda@gmail.com

No. 3155 // MID // Date: 05.12.2025

No. A-1069: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 04 (Four) Nos.
3. Estimated Cost (Detail list of work annexed) : Rs.88.62 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0023/2526 Sd./- Superintending Engineer, M.I. Division, Jharsuguda

No.B-771

## Government of Odisha
"e" Procurement Notice
## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA

E-mail ID : sepwdrgda1@gmail.com

Bid Identification No. : RC (RANDB) RGD 18/2025-2026

(Single Cover-Online tender)

File No. E-II-C8-28/2025 No.10711 Dated 28.11.2025

1. No. of the works : 01 (One) Shifting of Utility Work (Electrical) only
2. Estimated Cost : Rs.47.87 Lakh
3. Cost of document : Rs.6,000/- for each work
4. Bid Security : Rs.47,900/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 09.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer, Rayagada (R&B) Division No-I

OIPR-34040/11/0018/2526

## OFFICE OF THE NOTIFIED AREA COUNCIL, CHANDBALI

PIN - 756133 (ODISHA)

E-Mail: chandbali.nac@gmail.com

Letter No. 3081 Dt.: 26.11.2025

## CORRIGENDUM

No. C-1592: With reference to the Tender Call Notice No. 2945/CN-01-2025-26, Dt.11.11.2025 for 81 Nos. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and time of availability of bid documents at the Municipality Office | From 11.00 A.M. of 15.11.2025 to 5.30 P.M. of 27.11.2025 | From 11.00 A.M. of 15.11.2025 to 5.30 P.M. of 06.12.2025 |
| 2 | Last date and time for receipt of bids | 28.11.2025 by 5.30 P.M. | 09.12.2025 by 5.30 P.M. |
| 3 | Date and time of Opening of bids | 29.11.2025 by 11.00 A.M. | 10.12.2025 by 11.00 A.M. |

All other terms and conditions remain unchanged.

Sd./- Executive Officer, Chandbali NAC

OIPR-13129/11/0012/2526

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

'e' Procurement Notice

Bid Identification No. SE MID JSD 09/2025-26

eemijharsuguda@gmail.com

No. 3127 // MID // Date: 05.12.2025

No. A-1063: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 05 (Five) Nos.
3. Estimated Cost (Detail list of work annexed) : Rs.41.03 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0025/2526 Sd./- Superintending Engineer, M.I. Division, Jharsuguda

## OFFICE OF THE MUNICIPAL COUNCIL, KEONJHARGARH

email: keonjharm.hud@rediffmail.com

Invitation for Bids (IFB), 'e' Procurement NOTICE

Bid Identification No. ODULB_KGM-19/2025-26

Letter No. 9633/KGM Date: 05.12.2025

No. C-1700: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single Cover System, through e-Procurement.

| | | |
|---|---|---|
| 1. | Nature of Work | Civil Work |
| 2. | No. of Work | 45 Nos. |
| 3. | Value of Works | Rs.3,55,200/- to 30,48,000/- |
| 4. | Date & time of availability of Bid document in the portal | From 08.12.2025 at 11.00 A.M. upto 18.12.2025 at 5.30 P.M. |
| 5. | Date of opening of bid in portal | 19.12.2025 at 11.00 A.M. |
| 6. | Name & address of the Officer in Inviting Bid | EO, Keonjhargarh Municipality |

Further details can be seen from website: **www.tendersorissa.gov.in**.

Sd./- Executive Officer, Keonjhargarh Municipality

OIPR-13115/11/0055/2526

## OFFICE OF THE NOTIFIED AREA COUNCIL, NILGIRI, DIST-BALASORE

Ph-06782-233259, e-Mail-ID : nilgirinac.balasore@gmail.com

Letter No.5093/Date : 03.12.2025

EXPRESSION OF INTEREST

No.C-1675 : Executive Officer, on behalf of Nilgiri NAC invites Expression of Interest from the Registered/Experienced/Reputed Consultants/Architects having valid Income Tax and GST Registration Certificates for Preparation of Detailed Project Report (DPR) for **"Beautification of Sankarakhunta Pond and surrounding area / Construction of Market Complexes/Construction Town Hall Building & for other Development Work as and when required by Nilgiri NAC" including soil testing if required"**.

Preference shall be given to those consultants who have already rendered similar type of services to various urban local bodies of Odisha State Government. The EOI paper along with all documents shall be received in the office of the Executive Officer, Nilgiri NAC through Regd. Post/Speed post or by person on or before **dt.12.12.2025 up to 4.30 PM and the same will be opened on dt.15.12.2025 at 11.30 AM** in the presence of the quotationer or their authorized representative. The EOI received beyond the schedule date and time will not be considered at all. The interested firm should enclose copy of experience of doing similar nature of work, copy of GST Registration, copy of PAN card and firm Registration certificate. The EOI must be accompanied with Bank Draft amount of Rs. 10000/- (Rupees Ten Thousands) only drawn in favour of the Executive Officer, Nilgiri NAC., towards the cost of Tender paper and EMD @1.0 % of quoted value only in favour of the Executive Officer, Nilgiri NAC payable at any Nationalized Bank.

The undersigned has reserves the rights to accept/cancel/reject any or all the EOI without assigning any reason thereof.

**Exemption in EMD for Micro & Small Enterprises registered with NSIC/MSME:** The micro and small enterprises registered with the NSIC/MSME are exempted from the submission of EMD/ Bid Security Deposit on production of requisite proof in the form of valid certification from NSIC/MSME for the tendered item/services. Micro and small enterprises having Udyog Aadhaar Memorandum are also entitled for the above exemption for which submission of valid memorandum certificate is must.

Further details can be seen from the Nilgiri NAC website www.nilgirinac.in.

Sd./- Executive Officer, Nilgiri NAC

OIPR-13179/11/0041/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER NUAPADA IRRIGATION DIVISION, NUAPADA

e-Procurement Notice No. (NID) 02/2025-26

No. A-1055 e-mail address: ee.npd.irr@gmail.com

## PERCENTAGE RATE e-TENDER

1. The Superintending Engineer, Nuapada Irrigation Division, Nuapada, Dist.: Nuapada, PIN - 766105, Odisha on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below, which are eventually to be drawn on P1 agreement.

| | |
|---|---|
| Package No. | BID ID No. (NID) 24/2025-26 |
| Nature of Work | 01 (One) Road Work |
| Approximate value of work | Rs.84.18 lakhs (Excluding GST) |
| Period of Completion | 08 (Eight) Calendar Months |
| Classification of Bidder | 'B' Class Contractor only |
| Bid documents available date and time | From 09.12.2025 10.00 A.M. to 19.12.2025 upto 5.30 P.M. |
| Bid clarification start date & closing date | From 09.12.2025 10.00 A.M. to 19.12.2025 upto 5.30 P.M. |
| Date, time and venue of opening of Technical bid online | 20.12.2025 at 10.00 A.M. in office of the Superintending Engineer, Nuapada Irrigation Division, Nuapada |
| Date/time of opening of Financial Bid online | To be intimated after evaluation of Technical Bid |
| If stipulation arises the tender will be decided through Lottery System | To be intimated after opening of Financial Bid |

Further details can be seen, any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in** only.

Sd./- Superintending Engineer, Nuapada Irrigation Division, Nuapada

OIPR-32026/11/0005/2526

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR

E-mail : eeroads.khr@rediffmail.com

No. 6312 Date : 02.12.2025

No.B-798

Invitation For Bids

Bid Identification No. SER&BKHR-17/2025-26

| | | |
|---|---|---|
| 1 | The Superintending Engineer, Kharlar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only | |
| 2 | Nature of work | Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | 02 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 09.12.2025 to 17.00 hours of 20.12.2025 |
| 7 | Date of opening of Technical Bid | Dt.22.12.2025 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer, Khariar (R&B) Division, Khariar

OIPR-34062/11/0051/2526

## ସଂକ୍ଷେପରେ

### ଜିଲା ସୁରକ୍ଷା ମଞ୍ଚ, ବିଦ୍ୟୁତ୍ ଉପଭୋକ୍ତା ସଂଘର ୧୩ ଦଫା ଦାବି



ଅନୁଗୋଳ,୭।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସୁରକ୍ଷା ମଞ୍ଚ ଓ ବିଦ୍ୟୁତ ଉପଭୋକ୍ତା ସଂଘ ଜିଲା ପ୍ରଶାସନ ନିକଟରେ ୧୩ଦଫା ଦାବି ରଖିଛି। ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପ୍ରବୋଧ କୁମାର ସ୍ୱାଇଁ ଓ ଆଡ୍‌ଭୋକେଟ ଧର୍ମେନ୍ଦ୍ର ନାଥ ମିଶ୍ର ସୂଚନା ଦେଇଛନ୍ତି। ଅନୁଗୋଳବାସୀଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ, ବିନା ନୋଟିସ୍‌ରେ ଲାଇନ କାଟିବା ବନ୍ଦ କରିବା, ପ୍ରତି ଶିଳ୍ପସଂସ୍ଥା ସୁପର ସ୍ପେଶାଲିଷ୍ଟ ଡାକ୍ତର ଖାନା ବସାଇବା, ଜିଲାର କୃଷକମାନଙ୍କ ପାଇଁ ସୁଧମୁକ୍ତ ଋଣ ଦେବା, ଜିଲାରେ ଶୀତଳ ଭଣ୍ଡାର ସ୍ଥାପନ କରିବା, କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା ଦେବା ଏବଂ ଅନୁଗୋଳ ଜିଲାକୁ ପ୍ରଦୂଷଣମୁକ୍ତ ଆଦି କରିବା ପାଇଁ ସମ୍ମିଳନୀରେ ସ୍ୱାଇଁ ଦାବି କରିଥିଲେ। ଜିଲା ପ୍ରଶାସନ ଏହା ନ ମାନିଲେ ସଂଘ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ତାଳଚେର,୭।୧୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ସନ୍ଥପଡ଼ାସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧମକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ଟିଟିପିଏସ୍ ଏଜିଏମ୍ (ଏଚ୍‌ଆର୍) ରୋହିତ କୁମାର ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ଟିଟିପିଏସ୍ ଡିଜିଏମ୍ (ସିଏସ୍‌ଆର୍) ଏସ୍.କେ. ସେନାପତି, ରଶ୍ମିରଞ୍ଜନ ମିଶ୍ର, ଡିଏଭି ସ୍କୁଲ ପ୍ରିନ୍ସିପାଲ ଜ୍ୟୋତି ମିଶ୍ର ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକମାନଙ୍କ ସହାୟତାରେ ୧୨ଟି ବିଭାଗର କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କୃତିତ୍ୱ ହାସଲ କରିଥିବା ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧାପିକା, ଅଧାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ସୁରକ୍ଷା କବଚ ଉତ୍ପାଦନ ବୃଦ୍ଧିରେ ପ୍ରମୁଖ ଭୂମିକା ନିଏ

ତାଳଚେର,୭।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିରେ ୨୬ତମ ସୁରକ୍ଷା ପକ୍ଷ ପାଳିତ ହୋଇଯାଇଛି। ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ସୁନୀଲ ଯୋଷୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଡିଏମ୍‌ଏସ୍) ମହେଶ ନାଗ୍‌ଲେ, ସମ୍ମାନିତ ଅତିଥି ଭାବରେ ଏମ୍‌ସିଏଲ୍ ହେଡ୍‌କ୍ୱାର୍ଟର ବରିଷ୍ଠ ମହାପ୍ରବନ୍ଧକ ସି.ପି. ଗର୍ଗ, ଲିଙ୍ଗରାଜ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ତଥା ସୁରକ୍ଷା ଟିମ୍ ପ୍ରମୁଖ ଆଶିଷ ରଞ୍ଜନ, ଆଇଏସ୍‌ଓ ପର୍ଯ୍ୟବେକ୍ଷକ ରାଜୀବ ପ୍ରହରାଜ, ହିଙ୍ଗୁଳା କ୍ଷେତ୍ରର ସୁରକ୍ଷା ଅଧିକାରୀ ଏସ୍.କେ. ମହାନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଖଣି ଅଧିକାରୀ ରବୀନ୍ଦ୍ର ପ୍ରସାଦ, ଯଶୋମଣି ଯାଦବ, ବିଜୟ ପ୍ରକାଶ ମାଝୀ, ସୁଦୀପ୍ତ ରଞ୍ଜନ ନାଥ, ବିଜୟ କୁମାର ମଣ୍ଡଳ, ସନ୍ତୋଷ ଦଣ୍ଡପାଟ, ସନ୍ତୋଷ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ହିଙ୍ଗୁଳା କୋଇଲା ଖଣିର ପ୍ରବନ୍ଧକ ରଞ୍ଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରକ୍ଷା ଅଧିକାରୀ ଅଜୟ କୁମାର ଭୂୟାଁ ସୁରକ୍ଷା ପକ୍ଷ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ସୁରକ୍ଷା କବଚ ହିଁ ଉତ୍ପାଦନ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ହିଙ୍ଗୁଳା କୋଇଲା ଖଣି ବିଗତ ୫ ବର୍ଷ ହେଲା କୋଇଲା ଉତ୍ପାଦନରେ ଲକ୍ଷ୍ୟ ହାସଲ କରିବା ସହ ୨୦୨୧ ମସିହାରୁ ଅଦ୍ୟାବଧି କୌଣସି ଦୁର୍ଘଟଣା ଘଟି ନ ଥିବାରୁ ଖଣି ମ୍ୟାନେଜମେଣ୍ଟକୁ ପ୍ରଶଂସା କରିଥିଲେ। ହିଙ୍ଗୁଳା କୋଇଲା ଖଣିର କାର୍ମିକ ଅଧିକାରୀ ଶ୍ରୀକାନ୍ତ ଡାକୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ଲାଷ୍ଟିଂ ଅଧିକାରୀ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରମିକ ନେତା ଚନ୍ଦ୍ରଭାନୁ ସାହୁ, ବିନ୍ଦୁ ସାଗର ଦାଣ୍ଡିଆ, ମନୋଜ କୁମାର ପ୍ରଧାନ, ଦୀପକ କୁମାର ସାମଲ, ଅଭୟ କୁମାର ଗଡ଼ନାୟକ, ରବିନାରାୟଣ ସାହୁ, ବୃନ୍ଦାବନ ଲେଙ୍କା, ଉଗ୍ରେସନ ନାଏକ, ଭ୍ରମରବର ନାଏକ, ମନୋଜ କୁମାର ନାଏକ, ଅଜିତ କୁମାର ଦାସ, ବାସୁଦେବ ଦେହୁରୀ, ଖଣି ଅଧିକାରୀ ଏମ୍.ମାଝୀ, ପି.କେ.ବେହେରା, ଏନ୍.ମହାଲିକ ପ୍ରମୁଖ ସହଯୋଗ କରିଥିଲେ।




୨୬ତମ ସୁରକ୍ଷା ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ୫ କୋଟି ବ୍ୟୟରେ ହେବ ଅତ୍ୟାଧୁନିକ ଗୋଶାଳା

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ

ବାଲେଶ୍ୱର,୭।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଗୋଶାଳା। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବ ଏହି ପ୍ରକଳ୍ପ। ଏଥିପାଇଁ ବିଭାଗ ପକ୍ଷରୁ ୫କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ବୋଲି ସଦର ବିଧାୟକ ମାନସ କୁମାର ଦତ୍ତ ସୂଚନା ଦେଇଛନ୍ତି। ଏକ ଅତ୍ୟାଧୁନିକ ଗୋଶାଳା ପ୍ରତିଷ୍ଠା ନିମନ୍ତେ ପୂର୍ବରୁ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ପ୍ରସ୍ତାବ ସହ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାର ଏବେ ଏହି ପ୍ରସ୍ତାବକୁ ଗ୍ରହଣ ପୂର୍ବକ ଅନୁମୋଦନ କରିଛନ୍ତି।



ବିଧାୟକ ମାନସ କୁମାର ଦତ୍ତ।

ଏହାପରେ ଏଥିପାଇଁ ସ୍ଥାନ ନିରୂପଣ ସହିତ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଦିଗରେ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକଳ୍ପର ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବିଧାୟକ ଦତ୍ତ କୃତଜ୍ଞତା ଜଣାଇଛନ୍ତି। ଖୁବ୍‌ଶୀଘ୍ର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଝାଡ଼ଖଣ୍ଡ ବ୍ୟବସାୟୀଙ୍କୁ ଧାନ ବିକୁଛନ୍ତି ଚାଷୀ

### ମଣ୍ଡି ଖୋଲିବାରେ ବିଳମ୍ବ

ଯୋଡ଼ା/ଚମ୍ପୁଆ,୭।୧୨ (ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡରେ ଚଳିତ ଖରିଫ ଋତୁରେ ୯୦ ପ୍ରତିଶତ ଧାନ ଅମଳ ସରିଛି। ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଚାଷୀ ଝାଡ଼ଖଣ୍ଡର ବ୍ୟବସାୟୀଙ୍କୁ ଅଧା ଦାମରେ ଧାନ ବିକ୍ରି କରୁଛନ୍ତି। ଚାଷୀଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁ ଗାଁରେ ଦଲାଲ ସକ୍ରିୟ ହୋଇଥିବା ଦେଖାଯାଇଛି।

ପ୍ରକାଶ ଯେ, ଚଳିତ ବର୍ଷ ଆଶାନୁରୂପ ବର୍ଷା ହୋଇଥିବାରୁ ଧାନ ଅମଳ ଭଲ ହୋଇଛି। ଅମଳ ପରେ ଅନେକ ଚାଷୀଙ୍କ ଧାନ ରଖିବାକୁ ସୁବିଧା ନ ଥିବାରୁ ଖଳାରେ ପଡ଼ି ଖରା, କାକର ଖାଉଛି। ଏଥିସହ ମୂଷା ମଧ ଅମଳ ଧାନ ନଷ୍ଟ କରୁଛନ୍ତି। ଏପରି ସମୟରେ ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଆସନ୍ତା ୨୬ ତାରିଖରେ ଚମ୍ପୁଆରେ ମଣ୍ଡି ଖୋଲିବା ନେଇ ପ୍ରଶାସନ କୁହାଯାଇଛି। ଧାନ ନଷ୍ଟ ହେଉଥିବାରୁ ବାଧ ହୋଇ ଝାଡ଼ଖଣ୍ଡ ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ରାମଚନ୍ଦ୍ରପୁରର ଚାଷୀ ଆଶା ମହାକୁଡ଼, ଜଗନ୍ନାଥପୁରର ଚାଷୀ ମୁକୁନ୍ଦ ନାଏକ, ପ୍ରଶାନ୍ତ ମହାକୁଡ଼ କହିଛନ୍ତି। ଚଳିତ ବର୍ଷ ଧାର କରଜ କରି ଚାଷ କରିଥିବା ବେଳେ କରଜ ଶୁଝିବାକୁ ଧାନ ବିକିବାକୁ ବାଧ ହେଉଛନ୍ତି। ଏହାର ସୁଯୋଗରେ ଏବେ ଚମ୍ପୁଆ ନିକଟସ୍ଥ ଝାଡ଼ଖଣ୍ଡର ଜୟନ୍ତୀଗଡ଼ରେ ବହୁ ବ୍ୟବସାୟୀ ଆଡ୍ଡା ଜମାଇଛନ୍ତି। ଚମ୍ପୁଆ ଅଞ୍ଚଳର ଚାଷୀଙ୍କଠାରୁ ଅଧା ଦାମରେ ଧାନ କିଣୁଥିବା ଦେଖାଯାଉଛି। ଏପରିକି ଝାଡ଼ଖଣ୍ଡର ବହୁ ଧାନ ବ୍ୟବସାୟୀ ତଥା ଦଲାଲ ଦୈନିକ ଗାଡି ଧରି ବିଭିନ୍ନ ଗାଁରେ ବୁଲି ଅଧା ଦାମରେ ଧାନ କିଣୁଛନ୍ତି। ଏଥିପ୍ରତି ପ୍ରଶାସନ ନଜର ଦେବାକୁ ଚାଷୀ ନିବେଦନ କରିଛନ୍ତି।



ଖଳାରେ ପଡ଼ିଥିବା ଅମଳ ଧାନ।

### ବାର୍‌ହା ମାଂସ ଜବତ, ୩ ଶିକାରୀ ଗିରଫ

ଯୋଡ଼ା,୭।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦଡୁଆଁ ଗ୍ରାମର ସୁନାନଦୀ ନିକଟ ଜଙ୍ଗଲରୁ ରବିବାର ବାର୍‌ହା ମାଂସ ଜବତ ହୋଇଛି। ଶିକାର ଅଭିଯୋଗରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦଡୁଆଁ ଗ୍ରାମର ଗୁରୁଚରଣ ମୁଣ୍ଡା, ସୁରେନ୍ଦ୍ର ମୁଣ୍ଡା ଓ ରାଜେନ୍ଦ୍ର ମୁଣ୍ଡା ବୋଲି ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି। ପୂର୍ବାହ୍ନ ୧୧ଟାରେ ଜଙ୍ଗଲରୁ ବାର୍‌ହା ଶିକାର ନେଇ ବନ ବିଭାଗ ଖବର ପାଇ ଚଢ଼ାଉ କରିଥିଲା। ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୧୦ କେଜି ବାର୍‌ହା ମାଂସ, ପ୍ଲାଷ୍ଟିକ୍ ବାଲଟି, ଛୁରି, କଟର, ପ୍ଲାଷ୍ଟିକ୍ ବ୍ୟାଗ ଓ ୫ ମିଟର ଲମ୍ବର ଫାସ ଜବତ କରାଯାଇଛି। ଯୋଡ଼ା ଫରେଷ୍ଟର ତ୍ରିନାଥ ଜେନାଙ୍କ ସହିତ ଫରେଷ୍ଟ ଗାର୍ଡ ଦେବାଶିଷ ମହାପାତ୍ର, ସୁରଜ ଦାସ ପ୍ରମୁଖ ସାମିଲ ଥିଲେ।

# ମଧ୍ୟାହ୍ନଭୋଜନ ଚାଉଳ ଚୋରି ଘଟଣା: ପ୍ରଧାନଶିକ୍ଷକ ନିଲମ୍ବିତ

ତିହିଡ଼ି,୭।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ବିଦ୍ୟାଧରପୁର ଉଚ୍ଚ ପ୍ରାଥମିକ ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି ଘଟଣାରେ ପ୍ରଧାନଶିକ୍ଷକ ଆଲୋକ କୁମାର ପାଢ଼ୀଙ୍କୁ ଶନିବାର ନିଲମ୍ବନ କରାଯାଇଛି। ଚାଉଳ ଚୋରି ସମ୍ପର୍କରେ ଗ୍ରାମବାସୀ କରିଥିବା ଅଭିଯୋଗର ତଦନ୍ତ ପରେ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ପ୍ରକାଶ ଯେ, ଗତ ମାସ ୨୨ ତାରିଖ ଅପରାହ୍ନରେ ସ୍କୁଲର ପ୍ରଧାନଶିକ୍ଷକ ପାଢ଼ୀ ୪ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ସ୍କୁଲରୁ ଚୋରି କରି ଏକ ଅଟୋରେ ନେଇ ଯାଉଥିଲେ। କେତେଜଣ ଗ୍ରାମବାସୀ ଏହା ଜାଣିବା ପରେ ରାସ୍ତାରେ ଅଟୋକୁ ଅଟକାଇ ସ୍କୁଲକୁ ଚାଉଳ ଫେରାଇ ନେଇଥିଲେ। ପରେ ସେମାନେ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଏବଂ ସିଆର୍‌ସିସିଙ୍କୁ ଜଣାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗତ ମାସ ୨୪ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ସବ୍ୟସାଚୀ ପଣ୍ଡା, କରୁଣାକର ନାୟକ, କନକଲତା ପଣ୍ଡା, ରତ୍ନାକର ପଣ୍ଡା, କବିତା ସାହୁ, ବିଶ୍ୱଜିତ ସାହୁ, ମିନତି ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ଅବଗତ ହେବା ପରେ ପ୍ରଧାନଶିକ୍ଷକ ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ପ୍ରଧାନଶିକ୍ଷକ ପାଢ଼ୀ ଗାଜିପୁରପାଟଣା ପ୍ରାଥମିକ ସ୍କୁଲରେ ରହିବେ। ଦରମା ଓ ଡିଏ ବାବଦକୁ ତାଙ୍କୁ ୫୦ ପ୍ରତିଶତ ମିଳିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## କାର୍ ଓଲଟି ୪ ଗୁରୁତର

ମୋରଡ଼ା,୭।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ତଥା ବାରିପଦା-ଅମର୍ଦା ରାଜ୍ୟ ରାଜପଥର ଗୁହାଳଡ଼ିହା ନିକଟରେ ରବିବାର ଭୋର ସମୟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। କାରରେ ଥିବା ୪ ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ଭୋର ସମୟରେ କାର ( ଜେଏଚ୍ ୦୫ ଇସି ୬୭୦୯) ବାରିପଦା ଅଭିମୁଖେ ଯାଉଥିଲା। ଭାରସାମ୍ୟ ହରାଇ କାରଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା। କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଚିତ୍ରଡ଼ା ଫାଣ୍ଡି ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇବା ସହ ଗାଡି ଉଦ୍ଧାର କରି ଫାଣ୍ଡିକୁ ଆଣିଥିବା ଜଣାପଡ଼ିଛି।

## ଟ୍ରେଲର ଧକ୍କାରେ ମୃତକଙ୍କ ପରିଚୟ ମିଳିଲା

ଯୋଡ଼ା,୭।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ୫୨୦ ନଂ. ରାଜପଥର ଲହଣ୍ଡା ରେଳ ଓଭର ବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ଟ୍ରେଲର ଧକ୍କାରେ ମୃତ ୩ ଯୁବକଙ୍କ ପରିଚୟ ମିଳିଛି। ମୃତକ ତାରିଣୀହଟିଂର ଶଙ୍କର ବହାଦୁର(୪୩), ଦେବରାଜ ପାତ୍ର(୩୫), ରାବଦେବ ସିଂ (୩୫)।ସେମାନେ ବାଇକ୍ ଯୋଗେ ବିଲେଇପଦା ଆଡୁ ଯୋଡ଼ା ଆସୁଥିଲେ। ଲହଣ୍ଡା ରେଳ ଓଭର ବ୍ରିଜ୍ ନିକଟରେ ବାଇକ୍‌କୁ ଟ୍ରେଲର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ପୋଲିସ ଟ୍ରେଲର ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ କରୁଛି।

# ଗାଡ଼ି ଧକ୍କାରେ ବୃଦ୍ଧା ମୃତ

ବଅଁରପାଳ,୭।୧୨(ସୁବାସ ଚନ୍ଦ୍ର ସାହୁ)/ସନ୍ତ୍ରୀଛକ,(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ବାଦୁଡ଼ି ସାହିର ବୃଦ୍ଧା ତୁଆଣି ସାହୁ (୭୮)ଙ୍କ ଅଜଣା ଗାଡ଼ି ଧକ୍କାରେ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ମୃତାଙ୍କ ନାତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିବା ଅନୁଯାୟୀ, ତୁଆଣି ଶନିବାର ସକାଳେ କୌଣସି କାମରେ ଛକକୁ ଆସିଥିଲେ। ଛକରେ ଥିବା ଦିବ୍ୟଦର୍ଶନ ଶିଶୁ ମନ୍ଦିର ସମ୍ମୁଖରେ ଯାଉଥିବାବେଳେ ଅନୁଗୋଳ ପଟୁ ଯାଉଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଖବର ପାଇ ବଅଁରପାଳ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତା ବୃଦ୍ଧାଙ୍କ ନାତି ପ୍ରଭାତ କୁମାର ସାହୁ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୬୫୦/୨୫ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୋଗରାଇ,୭।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୀର୍ତ୍ତନିଆ ଗ୍ରାମ ବାତ୍ୟାଶ୍ରୟସ୍ଥଳୀରେ ଶନିବାର ସନ୍ଧ୍ୟାରେ ଆମେଡକର ବିକାଶ ପରିଷଦ, ତଫସିଲ ଭୁକ୍ତ ଯୁବକ ସଂଘ ଓ ଟେଙ୍ଗରାମାରୀ ୟୁଥ କ୍ଲବ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡକରଙ୍କ ୬୯ତମ ମହା ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଡ.ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସାମାଜିକ କର୍ମୀ ପ୍ରଦୀପ କୁମାର ଦାସ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ତଥା ସାମାଜିକ ଆନ୍ଦୋଳନର ନେତା ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଶିକ୍ଷକ ଗୌତମ କୁମାର ପାତ୍ର, ରାଧାମୋହନ ବର୍ମନ, ରାମଚନ୍ଦ୍ର ଆଧେକ, ଛାତ୍ରୀ ପୂର୍ଣ୍ଣିମା ବେହେରା, ଛାତ୍ର ସାହେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବନମାଳୀ ଘଡ଼ାଇ ଧନ୍ୟବାଦ ଦେଇଥିଲେ।

# ଜାତୀୟ ରାଜପଥ ସର୍ଭିସରୋଡ୍‌ରେ ବିଦ୍ୟୁତ୍ ଖୁଣ୍ଟ

### କାରଖାନା ବର୍ଜ୍ୟବସ୍ତୁ ଯୋଗୁ ଯାତ୍ରୀ ହନ୍ତସନ୍ତ

ଓଡ଼ାପଡ଼ା, ୭।୧୨ (ରଞ୍ଜିତ ନାୟକ)

ଜାତୀୟ ରାଜପଥର ସର୍ଭିସ ରୋଡ଼ ନିର୍ମାଣରେ ଠିକାଦାରଙ୍କ ମନମାନି ଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଓଡ଼ାପଡ଼ା ବ୍ଲକ ନିକଟ ହିନ୍ଦୋଳ ରୋଡ ବଜାର ମଧରେ ଥିବା ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ସର୍ଭିସ ରୋଡ ଦୀର୍ଘବର୍ଷରୁ ଅଧାପନ୍ତରିଆ ହୋଇ ପଡିରହିଥିବା ଦେଖିବାକୁ ମିଳିଛି। ସର୍ଭିସ ରୋଡ ସହିତ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ସର୍ଭିସ୍ ରୋଡ଼ ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ହିନ୍ଦୋଳ ରୋଡ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରି ଓଡ଼ାପଡ଼ା ତହସିଲଦାର, ବିଡିଓ ଓ ପୋଲିସ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ହିନ୍ଦୋଳ ରୋଡ ବଜାର ନିକଟସ୍ଥ ଓଡ଼ାପଡ଼ା, ବାଙ୍ଗୁରସିଂହ ବଳରାମପ୍ରସାଦ ପଞ୍ଚାୟତର ପ୍ରାୟ ୧୫ରୁ ଅଧିକ ଗ୍ରାମର ଜନସାଧାରଣ ହିନ୍ଦୋଳ ରୋଡ ବଜାର ସହିତ ଓଡ଼ାପଡ଼ା ବ୍ଲକରେ ଥିବା ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ଓ ରେଳଷ୍ଟେଶନକୁ ଯିବାଆସିବା କରିଥାନ୍ତି। ଏହା ସହିତ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଦ୍ୟାଳୟ ଓ କଲେଜକୁ ଯିବା ଆସିବା କରିଥାନ୍ତି। ଓଡ଼ାପଡ଼ା କଲେଜ ଛକଠାରୁ ବଳରାମପ୍ରସାଦ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଦୁଇ ପାର୍ଶରେ ସର୍ଭିସ ରୋଡ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଯେତିକି ରାସ୍ତା କରାଯାଇଛି ସେହି ରାସ୍ତାର ମଧଭାଗରେ ଥିବା ସୁରକ୍ଷା ବାଡ଼ ମଧରେ ମାଟି ପକାଇବା ବଦଳରେ କାରଖାନା ବର୍ଜ୍ୟବସ୍ତୁ ଆଣି ପକାଯାଇଛି। ଫଳରେ ଗାଡ଼ି ଚଳାଚଳ ବେଳେ ପ୍ରଚୁର ପାଉଁଶ ଧୂଳି ଉଡ଼ିବା ଦ୍ୱାରା ଯାତ୍ରୀମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଓଡ଼ାପଡ଼ା ବ୍ଲକଠାରୁ ବଳରାମପ୍ରସାଦ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁ ଦୁଇ ଚକିଆ ଯାନବାହନ ଓ ସାଇକେଲରେ ପାଠପଢ଼ିବା ପାଇଁ ଯାଉଥିବା ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହେଉଛନ୍ତି। ସର୍ଭିସ ରୋଡ ମଝିରେ ଥିବା ବିଦ୍ୟୁତ ଖୁଣ୍ଟ ମଧ ଉଠାଯାଉନାହିଁ। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଦୁର୍ଘଟଣାରେ ଖବରଦାତା ଗୁରୁତର

ସିମୁଳିଆ,୭।୧୨(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ଏକ ଦୈନିକ ଖବର କାଗଜର ବରିଷ୍ଠ ଖବରଦାତା ତଥା ସିମୁଳିଆ ପ୍ରେସକ୍ଲବର ସଭାପତି ଭରତ ଚନ୍ଦ୍ର ଦାଶ ରବିବାର ସକାଳେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ବାଇକ୍‌ଯୋଗେ ଭୁବନେଶ୍ୱର ଯାଉଥିବାବେଳେ ଭଣ୍ଡାରିପୋଖରୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପ୍ରଥମେ ତାଙ୍କୁ ଭଦ୍ରକ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଡାହାଣ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ସୂଚନା ମିଳିଛି।

## ସାମାଜିକ କର୍ମୀଙ୍କ ପରଲୋକ

ବାଲିଆପାଳ,୭।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ, ବସ୍ ମାଲିକ ତଥା ଔଷଧ ବ୍ୟବସାୟୀ ମୁରଲୀ ମୋହନ ଜେନା(୮୮)ଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ବାଲିଆପାଳରୁ ବହୁ ବର୍ଷ ପୂର୍ବେ ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କାର୍ଯ୍ୟ ଶୁଭାରମ୍ଭ କରିବା ସହିତ ନିଜେ ଏକ ଔଷଧ ଦୋକାନ କରି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବଡ଼ ପୁଅ ମନୋଜ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ ବିନୋଜ ଓ ଝିଅ ମମତା, ଜ୍ୱାଇଁ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।


GOVERNMENT OF ODISHA
E-mail: sebalangir@gmail.com

**DEPARTMENT OF WATER RESOURCES**

OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR

"e-Procurement Notice"

No. A-1061

BID Identification No. ACE, BOIC-06/2025-26

Procurement Details

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Inspection Bunglow (I.B) At: Padampur under Ong Dam Division, Padampur for the financial year 2025-26 | Rs.146.63 Lakh (excluding G.S.T.) | 'A' & 'B' Class | Rs.1,46,700/- | Rs.10,000/- | 12 (Twelve) Calendar Months |
| 2 | Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26 | Rs.105.72 Lakh (excluding G.S.T.) | 'A' & 'B' Class | Rs.1,05,800/- | Rs.10,000/- | 12 (Twelve) Calendar Months |
| 3 | Construction of (G+1) Style D-Type Quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 | Rs.163.09 Lakh (excluding G.S.T.) | 'A' & 'B' Class | Rs.1,63,100/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-06/2025-26 | Dt.11.12.2025 At 10.00 hours | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 at Office during office hours (In working days) | Dt.03.01.2026 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0009/2526

Sd./- Additional Chief Engineer, Balangir Irrigation Circle, Balangir



GOVT. OF ODISHA

No.O-1698

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : KEONJHAR

email : se_nerwkjr@rediffmail.com

eProcurement Notice for Road Works under PM-JANMAN Batch-I

Identification No.NCB-36/RWCKJR/2025-26

No. 5233 // Date : 04.12.2025//

1. Name of the work : **Construction of road works under PM-JANMAN Batch-I in the District of Keonjhar**, 2. Package No. : **OR-17-JNM-02**, 3. Estimated Cost : **Rs.182.64 Lakhs (Approximately)**, 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **09** (Nine) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-36/ RWCKJR /2025-26 | Dt.09.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer, R.W. Circle, Keonjhar

OIPR-25177/11/0115/2526



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

e-mail : serwsbd2003@yahoo.com

Letter No. : 6475

Date : 05.12.2025

2nd Corrigendum

No.O-1727 : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539, Dtd.23.09.2025, partial modification of NCB has been made due to GePENIC portal is not allowing to process due to want Administrative Approval which is yet to be accorded by the competent authority in WAMIS portal.

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. | Extended up to 30.12.2025 5.00 PM |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0100/2526

# ରାଜନୀତି ବିଜ୍ଞାନ ଛାତ୍ରୀଛାତ୍ରଙ୍କ ବିଧାନସଭା ପରିଦର୍ଶନ



ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଛାତ୍ରୀଛାତ୍ରମାନେ ବିଧାନସଭାର ଶୀତକାଳୀନ ଅଧିବେଶନ ଅନୁଧାନ ଓ ଅନୁଶୀଳନ କରିବା ପାଇଁ ଓଡ଼ିଶା ବିଧାନସଭା ପରିଦର୍ଶନ କରିଥିଲେ। ଓଡିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ଅନୁମତି କ୍ରମେ ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ନିମନ୍ତ୍ରଣ କ୍ରମେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୦ଜଣ ଛାତ୍ରୀଛାତ୍ର ଶୀତକାଳୀନ ଅଧିବେଶନରେ ଯୋଗ ଦେଇଥିଲେ। ଅଧିବେଶନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର ସମୟ ଓ ଶୂନ୍ୟକାଳ ସମୟରେ ଯୋଗଦାନ କରି ସଂସଦୀୟ ଗଣତନ୍ତ୍ରର କାର୍ଯ୍ୟକାରିତାକୁ ଅନୁଧାନ ଓ ଅନୁଶୀଳନ କରିଥିଲେ। ପରେ ପରେ ବିଧାନସଭାର ସଚିବାଳୟ ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶା ବିଧାନସଭାର ଇତିହାସ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଅବଗତ କରାଇଥିଲେ। ବିଧାନସଭାରେ ବିଲ୍ କିପରି ଗୃହୀତ ହୁଏ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଏହି ଏକ୍ସପୋଜର ପରିଦର୍ଶନ ଦ୍ୱାରା ଛାତ୍ରୀଛାତ୍ରମାନେ ବ୍ୟବହାରିକ ଜ୍ଞାନ ଆହରଣ କରିଥିଲେ । ଓଡ଼ିଶା ବିଧାନସଭା ସମଗ୍ର ଭାରତର ପେପର୍‌ଲେସ ଟ୍ରାଞ୍ଜାକ୍ସନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜାଣିବାକୁ ପାଇଥିଲେ । ଛାତ୍ରୀଛାତ୍ରମାନଙ୍କ ସହିତ ବିଭାଗୀୟ ମୁଖ୍ୟ ଡ. ଅମୃତ କୁମାର ସେଠ୍, ଡ. ଆଶିଷ କୁମାର ଜେନା ଓ ଅଧ୍ୟାପକ ଡ. ଦିଲୀପ କୁମାର ମଲ୍ଲିକ ବିଧାନସଭା ପରିଦର୍ଶନରେ ଭାଗ ନେଇଥିଲେ ।

# ୧୧ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବୈଠକ



ଢେଙ୍କାନାଳ,୭।୧୨(ରତନ ନାୟାର)

ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ସଦର ବ୍ଲକ୍ ତରଫରୁ ଏକ ସାଧାରଣ ବୈଠକ ସଭାପତି ସୁଜାତା ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସରକାରୀ ମାନ୍ୟତା, ଅଙ୍ଗନୱାଡି କର୍ମୀମାନଙ୍କର ମାସିକ ପନ୍‌ସନ୍ ୧୦ ହଜାର ଓ ସହାୟିକାମାନଙ୍କର ୫ ହଜାର ଟଙ୍କା, ମୋବାଇଲ୍ ପ୍ରଦାନ କରିବା, ଚାକିରି ବୟସ ସୀମା ୬୨ରୁ ୬୫କୁ ବୃଦ୍ଧି କରିବା ଆଦି ୧୧ ଦଫା ଦାବି ନେଇ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଯିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ବ୍ଲକ୍ ସଭାପତି ସୁଜାତା ନାୟକ, ସମ୍ପାଦିକା ଭାରତୀ ନାଏକ, ସ୍ୱର୍ଣ୍ଣମା ତ୍ରିପାଠୀ, ସୁନିତା ବେହେରା, କ୍ରିଷ୍ଣା ମଲ୍ଲିକ, ରୀନାରାଣୀ ବେହେରା, ଝରଣା ବିଶ୍ୱକର୍ମା, ଶୈଳବାଳା ରାଉତ, ପ୍ରତିମା ସାହୁ, ଏଆଇଟିୟୁର ସଭାପତି ରବି ରଥ, ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ସଦସ୍ୟା ଉପସ୍ଥିତ ଥିଲେ ।

# ନ୍ୟୁ ଇଣ୍ଡିଆ ତରଫରୁ ଶୀତବସ୍ତ୍ର ବଣ୍ଟନ



ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁରସ୍ଥିତ ନ୍ୟୁ ଇଣ୍ଡିଆ ଦ୍ୱାରା ପରିଚାଳିତ ନ୍ୟୁ ଇଣ୍ଡିଆ ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ରବିବାର ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୧୫ଜଣ ଆଦିବାସୀଙ୍କୁ ଶୀତବସ୍ତ୍ର ଓ ମାଗଣା ଚିକିତ୍ସା ସହ ଔଷଧ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସନ୍ଥପୁର ଗ୍ରାମ୍ୟ ସଭାପତି ପ୍ରତାପ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିକ୍ରମ ଖଟୁଆ, ଭରତ ଚନ୍ଦ୍ର ମଲ୍ଲିକ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଦିବାସୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଏବଂ ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ପରିଚାଳନା କରିଥିଲେ ।

# ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ୍‌ର ଖେଳକୁଦ ସମାରୋହ

ଢେଙ୍କାନାଳ,୭।୧୨(ରତନ ନାୟାର)



ଢେଙ୍କାନାଳ ସଦର ବ୍ଲକ ରଞ୍ଜାଠାରେ ଥିବା ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ୍‌ର ଖେଳକୁଦ ସମାରୋହ ତିନିଦିନ ଧରି ଅଧ୍ୟକ୍ଷା ରଶ୍ମିତା ବିଶୋୟୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ନିର୍ଦ୍ଦେଶକ ଶିକ୍ଷାବିତ ସରୋଜକାନ୍ତ ଦାଶଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡ. ଅକ୍ଷୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ମା' ମଙ୍ଗଳାଙ୍କ ମନ୍ଦିରରୁ ଖେଳ ଶିକ୍ଷକ ଥବିର ଯାଦବ ଓ ସସ୍ମିତା ସାହୁଙ୍କ ନେତୃତ୍ୱରେ କ୍ରୀଡ଼ା ଜ୍ୟୋତିକୁ ଅଣାଯାଇଥିଲା । ୩ଟି ବିଭାଗରେ ଆୟୋଜିତ ଖେଳକୁଦରେ ବାଟି ଚାମଚ, ଉଚ୍ଚଡିଆଁ, ଲମ୍ବଡିଆଁ, ଗୋଲାଫିଙ୍ଗା, ମ୍ୟୁଜିକ ଚେୟାର, ୧୦୦ମି, ୨୦୦ମି, ୪୦୦ମି. ଦୌଡ଼ ସହିତ କୁନିକୁନି ପିଲାଙ୍କର ବେଲୁନ୍ ରେସ୍, ବଲ୍ ରେସ୍ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ରଙ୍ଗୋଲି, କୌତୁକ ଦୌଡ଼ ହୋଇଥିଲା। ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ବରିଷ୍ଠ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ପ୍ରଶାନ୍ତ କୁମାର ଧଳ, ସରୋଜକାନ୍ତ ଦାଶ ଏବଂ ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା ବିଶୋୟୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଖେଳାଳି ଭାବେ ୯ମ ଶ୍ରେଣୀର ଆଶୁତୋଷ ବେହେରା, ୮ମ ଶ୍ରେଣୀର ରାମେଶ୍ୱରୀ ରାଉତ ମନୋନୀତ ହୋଇଥିଲେ । କ୍ରୀଡ଼ା ସଂଯୋଜକ ଥବିର ଯାଦବ ଏବଂ ବିଶ୍ୱଜିତ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶୁଭଶଙ୍କର ପାଣିଗ୍ରାହୀ ଓ ସବିତା ବେଗମ ପରିଚାଳନା କରିଥିଲେ।

# ପୁଷ୍ପାଞ୍ଜଳି ଜେନାଙ୍କୁ ରାଧାନାଥ ରଥ ସେବାରତ୍ନ ସମ୍ମାନ

ଢେଙ୍କାନାଳ,୭।୧୨(ରତନ ନାୟାର)



ଇଶୋ ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା।

ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଇନ୍ଦିରା ସୋସିଆଲ ୱେଲଫେୟାର୍ ଅର୍ଗାନାଇଜେଶନର ସମ୍ପାଦିକା ସୁଶ୍ରୀ ପୁଷ୍ପାଞ୍ଜଳି ଜେନାଙ୍କୁ ମର୍ଯ୍ୟାଦାଜନକ 'ରାଧାନାଥ ରଥ ସେବାରତ୍ନ ସମ୍ମାନ' ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା । ମାନପତ୍ର, ଉତ୍ତରୀୟ ଓ ୧୦ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତି ଏ.ଏସ୍. ନାଇଡୁ ଅଧ୍ୟକ୍ଷତା କରୁଥିବା ବେଳେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶା ଆଇନ୍ କମିଶନ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଗାନ୍ଧିବାଦୀ ନେତା ପ୍ରହ୍ଲାଦ ସିହ୍ନା, ଟ୍ରଷ୍ଟର ସାଧାରଣ ସମ୍ପାଦକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଟ୍ରଷ୍ଟର ଉପସଭାପତି ଡ. ସତ୍ୟ ରାୟ, ସଙ୍ଗଠନ ସମ୍ପାଦକ ଡ. ଦିପାୟନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୀରା ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହରିଶ୍ଚନ୍ଦ୍ର ଯୋଜନାରେ ପ୍ରାପ୍ୟ ମାଗିବାରୁ ଆକ୍ରମଣ

## ସରପଞ୍ଚଙ୍କ ନାମରେ ଥାନାରେ ମାମଲା

ଢେଙ୍କାନାଳ,୭।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ସାନ୍ଦାପଶିପାଟଣା ଗ୍ରାମର ନିତ୍ୟାନନ୍ଦ ସାହୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରାପ୍ୟ ପାଇଁ ଯୋଗ୍ୟ ହୋଇଥିବା ବେଳେ ପଞ୍ଚାୟତ ତରଫରୁ ତାଙ୍କୁ ଏହା ନ ମିଳିବାରୁ ସେ ଏହାକୁ ନେଇ ପ୍ରତିବାଦ କରିଥିଲେ। ଏଥିରେ ପୋରୁହଖୋଜ ସରପଞ୍ଚ ତାଙ୍କୁ ଆକ୍ରମଣ କରିଥିବା ଗଁଦିଆ ଥାନାରେ ଅଭିଯୋଗ ହୋଇଛି । ନିତ୍ୟାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ଗଁଦିଆ ଥାନାରେ ପୋରୁହଖୋଜ ସରପଞ୍ଚ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କର ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ କେସ୍ ନଂ. ୭୮୨/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି । ଏ ସଂକ୍ରାନ୍ତରେ ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ କହିଛନ୍ତି, ଏହି ଘଟଣାକୁ ନେଇ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିଜ ସହଯୋଗୀମାନଙ୍କ ସହିତ ବସିଥିବା ବେଳେ ଅଭିଯୋଗକାରୀ ଏକ ବାଇକ୍‌ରେ ତାଙ୍କ ଉପରୁ ମାଡ଼ି ଆସିଥିଲେ। ତାଙ୍କୁ କୌଣସି ଆକ୍ରମଣ କରାଯାଇନାହିଁ। ସରପଞ୍ଚ ମଧ୍ୟ ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗଁଦିଆ ଥାନାରେ ୭୮୩/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ଗଁଦିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ଛାତ୍ରୀଛାତ୍ର ଶିକ୍ଷା ସହ ଖେଳକୁ ଗୁରୁତ୍ୱ ଦେବା ଆବଶ୍ୟକ



ପବିତ୍ରନଗର,୬।୧୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡତ୍ରିବିଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣିହାଁ ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମଙ୍ଗଳୁ ଚରଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ବଡତ୍ରିବିଡା ଗ୍ରାମପଞ୍ଚାୟତ ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତି ସଭ୍ୟ କିଶୋରି ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଧନେଶ୍ୱର ବେହେରା, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ପ୍ରହ୍ଲାଦ ଚନ୍ଦ୍ର ବାରିକ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରତାପ ବେହେରା, ସିଆର୍‌ସିସି ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷା ସହ ଖେଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ଅତିଥିଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ସୁନ୍ଦର ପାଣି ସଭାପତିତ୍ୱ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଶ୍ରୀଧର ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ସୁଶାନ୍ତ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ପରିଚାଳନାରେ ଶିକ୍ଷକ ଆଶିଷ ସାହୁ, ହରେକୃଷ୍ଣ ସାହୁ, ସୁଲୋଚନା ବେହେରା, ମିକିରାଣି ପ୍ରଧାନ, ସସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମା'ବୁଢୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଉଦ୍‌ଯାପିତ

ସନ୍ନିଛକ,୭।୧୨(ସନ୍ତୋଷ ପରିଡ଼ା)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ଗ୍ରାମପଞ୍ଚାୟତରେ ୪ ଦିନ ବ୍ୟାପୀ ପାଳିତ ହେଉଥିବା ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଯାତ୍ରାରେ ବିଭିନ୍ନ ଜିଲାରୁ ବ୍ୟବସାୟୀ ଆସୁଥିବା ଦେଖିବାକୁ ମିଳିଛି। ନବରଙ୍ଗପୁରର ବାଉଁଶ ନିର୍ମିତ ସାମଗ୍ରୀ କିଣିବାକୁ ଗୃହିଣୀଙ୍କ ପ୍ରବଳ ଭିଡ଼ ଜମିଥିଲା। ମା'ଙ୍କ ପାଖରେ ଗୁହାରିଆ ପଡ଼ିଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ। ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀ ଯଥା ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ସଭାପତି ଧରଣୀଧର ଧର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ, ଗ୍ରାମ କମିଟି ସଦସ୍ୟ ବିଜୟ କୁମାର ଦେହୁରୀ, ସନ୍ତୋଷ ଗଡ଼ନାୟକ, ଶଙ୍କର୍ଷଣ ସାହୁ, ରଞ୍ଜନ କୁମାର ଧର, ଅଭିରାମ ଧର, କୁମୁଦ ଚନ୍ଦ୍ର ଗଡ଼ନାୟକ, ତ୍ରିନାଥ ଭୋଇ, ନରୋତ୍ତମ ଦେହୁରୀ ପ୍ରମୁଖ ଯାତ୍ରାରେ ସକ୍ରିୟ ସହଯୋଗ କରିଥିଲେ । କଣ୍ଟାବଣିଆ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନିଆଯାଇଥିଲା। ପାହାଡ଼ ପାଦଦେଶରେ ବହି ଯାଇଥିବା ନାଳର ସୁନ୍ଦର ପରିବେଶ ପାଇଁ ଦୂରଦୂରାନ୍ତରୁ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମା' ବୁଢୀ ଠାକୁରାଣୀଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ପାଇକ ପୁରୁଣାକୋଟ, ବ୍ରାହ୍ମଣ ପୁରୁଣାକୋଟ, ନଣ୍ଡେଇଲ ଓ ଝାଡୁବେରେଣୀ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

ଅନୁଗୋଳ,୭।୧୨ (ଜ୍ୟୋତିରଞ୍ଜନ ସାହୁ): ଅନୁଗୋଳ କୁମଣ୍ଡ ଚଣ୍ଡିବଜାରଠାରେ ଥିବା ରେଲୱେ ଫାଟକ ନିକଟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଙ୍ଗମାନଙ୍କ ସହ ଭୋଜି ସାରି ଘରକୁ ଫେରୁଥିବା ସମୟରେ ଏକ ଦୁଃଖଦ ଘଟଣା ଘଟିଛି। ରେଲୱେ ଫାଟକ ପୂର୍ବରୁ ଥିବା ହମ୍ପସ୍‌ରେ ବାଇକ୍‌ଟି ସ୍ପିଡ ଥିବାରୁ ଚାଳକ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ହେମସୁରପଡ଼ା ଅଞ୍ଚଳର ସେକ ନାଜର ବୋଲି ଚିହ୍ନଟ ଜଣାପଡ଼ିଛି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ସପ୍ତଶକ୍ତିର ଉଦ୍ଦେଶ୍ୟ ଓ ପର୍ଯ୍ୟାବରଣ ସମ୍ବନ୍ଧରେ ଶିକ୍ଷା



ବଇଣ୍ଡା, ୭।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାମୁଲି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟା ବିନୀତା ପ୍ରଧାନ ଯୋଗଦେଇ କୁଟୁମ୍ବ ପ୍ରବୋଧନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଡ. ବନ୍ଦିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ମା'ଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଜ୍ୟୋସ୍ନାମୟୀ ଯୋଗଦେଇ ସପ୍ତଶକ୍ତିର ଉଦ୍ଦେଶ୍ୟ ଓ ପର୍ଯ୍ୟାବରଣ ସମ୍ବନ୍ଧରେ ବୌଦ୍ଧିକ ଶିକ୍ଷା ପ୍ରଦାନ କରିଥିଲେ। କାଞ୍ଚନବାଳା ପ୍ରଧାନ, ସସ୍ମିତା ବେହେରା, କୁମୁଦିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ସସ୍ମିତା ସାହୁ, ମାତୃଭାରତୀ ଅଧ୍ୟକ୍ଷା ନିବେଦିତ ମାଝୀ, ଆଚାର୍ଯ୍ୟା ଗୌରୀ ଶତପଥୀ, ପ୍ରୀତିରାଣୀ ବୋଷ, ଅନ୍ନପୂର୍ଣ୍ଣା ରାଉତ, ସୁମତିରାଣୀ ପ୍ରଧାନ, ପ୍ରମୋଦନୀ ପ୍ରଧାନ, ଇତିଶ୍ରୀ ସାହୁ, ଗୋଲାପ ସ୍ୱାଇଁ, ଚେତନା ବାରିକ, ଜୟଶ୍ରୀ ପ୍ରଧାନ ଓ ଅମ୍ବାଳିକ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଚାର୍ଯ୍ୟା ନିରୁପମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଦୁର୍ବୃତ୍ତ ଛଡ଼ାଇ ନେଲେ ବାଇକ୍

ବନ୍ତଲା,୭।୧୨(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ଅନ୍ତର୍ଗତ ବଡ଼କେରା ମହୀଧରପୁର ରାସ୍ତାର ଘୋଡ଼ାବୁଡ଼ା ନାଳ ବ୍ରିଜ୍ ନିକଟରୁ ଜଣେ ବାଇକ୍ ଚାଳକଙ୍କଠାରୁ ୪ଜଣ ଅଜଣା ବ୍ୟକ୍ତି ବାଇକ୍ ଲୁଟି ନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବସଲା ମୁଣ୍ଡାଢ଼ିପ ସାହିର ଚିନ୍ମୟ ସାହୁ (୨୨) ବାଇକ୍‌ରେ କଂସରାଠାରୁ ମେଲୋଡ଼ି ଦେଖି ଫେରୁଥିଲେ। ଘୋଡ଼ାବୁଡ଼ା ନାଳ ବ୍ରିଜ୍ ନିକଟରେ ହଠାତ୍ ବାଇକ୍ ସମ୍ମୁଖକୁ ୪ଜଣ ଅଜଣା ବ୍ୟକ୍ତି ଆସି ଅଟକାଇଥିଲେ। ଚିନ୍ମୟ ଭୟରେ ଗାଡ଼ି ଅଟକାଇ ଥିଲେ। ଉକ୍ତ ୪ଜଣ ଗାଡ଼ିକୁ ଧରିନେଇ ଥିବାବେଳେ ଅନ୍ଧାର ସୁଯୋଗରେ ଚିନ୍ମୟ ସେଠାରୁ ଦୌଡ଼ି ପଳାଇଥିଲେ। ଏନେଇ ଚିନ୍ମୟ ରବିବାର ବନ୍ତଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ କେସ୍ ନମ୍ବର ୩୭୦/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ବନ୍ତଲା ପୋଲିସ ସୂଚନା ଦେଇଛି।

# ମୌଳିକ ସୁବିଧା ନ ଥାଇ ଚାଲିଛି ଉଦ୍ୟାନ ଭବନ

ପରଜଙ୍ଗ, ୭।୧୨(ନିଗମାନନ୍ଦ ଦଳବେହେରା)




ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଖ୍ୟାଳୟଠାରୁ ୨ କିମି ଦୂର ୫୩ନଂ ଜାତୀୟ ରାଜପଥ ପାର୍ଶ୍ୱ ହାତିଲୁଚାଣି ଛକ ନିକଟରେ ଦୀର୍ଘ ବର୍ଷ ହେବ ଏକ ଉଦ୍ୟାନ ଭବନ ନିର୍ମାଣ କରାଯାଇଛି। ତେବେ ଏହି କାର୍ଯ୍ୟାଳୟରେ କୌଣସି ମୌଳିକ ସୁବିଧା ନ ଥିବାରୁ କର୍ମଚାରୀଙ୍କ ସମେତ ଚାଷୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଉକ୍ତ କାର୍ଯ୍ୟାଳୟରେ ଜଣେ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ସମ୍ପ୍ରସାରଣ ଅଧିକାରୀ ନିୟୋଜିତ ଥିବାବେଳେ ଓଭରସିଅର ନାହାନ୍ତି କିମ୍ବା ରାତ୍ର ଜଗୁଆଳି, ପିଅନ କେହି ନିଯୁକ୍ତି ହୋଇନାହାନ୍ତି। କାର୍ଯ୍ୟାଳୟଟି ରାସ୍ତାଠାରୁ ବହୁ ତଳେ ଥିବାରୁ ସେଠାକୁ ଆସୁଥିବା ବିଭିନ୍ନ ବିହନ ସାମଗ୍ରୀଗୁଡ଼ିକୁ ରାସ୍ତା ଉପରୁ ବୋହିବାକୁ ପଡୁଛି। ଉକ୍ତ କାର୍ଯ୍ୟାଳୟରୁ ଆଳୁ ବିହନ ବସ୍ତାକୁ ମଧ୍ୟ ଚାଷୀମାନେ ବୋହି ରାସ୍ତା ଉପରକୁ ଆଣୁଛନ୍ତି। କାର୍ଯ୍ୟାଳୟକୁ ସ୍ଥାୟୀ ରାସ୍ତା ନିମାଣ ହୋଇନାହିଁ। ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଥିବା ବେଳେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବୋରୱେଲ ଖୋଳା ଯାଇଥିବା ବେଳେ ମୋଟର ଲଗାଯାଇନାହିଁ। ଫଳରେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ। କାର୍ଯ୍ୟାଳୟର ଚାରିପାଖରେ ପାଚେରି ନ ଥିବାରୁ କାର୍ଯ୍ୟାଳୟ ପରିସରରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ତେଣୁ କାର୍ଯ୍ୟାଳୟରେ ମୌଳିକ ସୁବିଧା କିମ୍ବା କର୍ମଚାରୀ ନ ଥିବାରୁ ଚାଷୀମାନେ ଉପକୃତ ହୋଇପାରୁନାହାନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ଧାନଖରି ଜାଳିଦେଲେ ଦୁର୍ବୃତ୍ତ



ଚାଷୀଙ୍କ ଧାନଖରି ଜଳିଯାଉଛି।

ଦେଓଗାଁ, ୭।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉଡାର ଗାଁରେ ରବିବାର ଜନୈକ ଚାଷୀଙ୍କ ଧାନଖରିକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି । ଗାଁର ଗୋବିନ୍ଦ ପଧାନ ତାଙ୍କ ଅମଳ ଧାନକୁ ମଡାଇବା ପାଇଁ ଖଳାରେ ଖରି ଆକାରରେ ରଖିଥିଲେ । ରବିବାର ପ୍ରାତଃ ସମୟରେ କେହି ଉକ୍ତ ଧାନଖରିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଗୋବିନ୍ଦ ଖଳାରେ ପହଞ୍ଚିଲାବେଳକୁ ନିଆଁ ଚାରିପଟେ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବାବେଳକୁ ଧାନସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏବେ ବର୍ଷକର କଷ୍ଟୋପାର୍ଜିତ ଫସଲକୁ ହରାଇ ଗୋବିନ୍ଦଙ୍କ ପରିବାର ଚିନ୍ତାରେ ପଡ଼ିଥିବା ପ୍ରକାଶ କରିଛନ୍ତି। ଏ ଦିଗରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଚାଷୀ ବର୍ଷକର ଅମଳ ହରାଇଥିବାରୁ ଏ ଦିଗରେ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଯୁବକଙ୍କୁ ହତ୍ୟା ସନ୍ଦେହ

କନ୍ଧମାଳ, ୭।୧୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ପୋଖରୀ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ (୪୫)। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମନମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କୈବଲ୍ୟ ବୁକୁରାମୁଣ୍ଡା-ଜୟଦପୁର ମଧ୍ୟରେ ଥିବା ଏକ ଠିକା ସଂସ୍ଥା କ୍ୟାମ୍ପରେ ରୋଷେୟା କାମ କରିଆସୁଥିଲେ। କାମ ସରିବା ପରେ ସବୁଦିନ ରାତିରେ ସେ ଘରକୁ ଫେରିଥାନ୍ତି। କିନ୍ତୁ ଶନିବାର ରାତିରେ କୈବଲ୍ୟ ଘରକୁ ଫେରି ନ ଥିଲେ। ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଗୋହିପିଟା ପୋଖରୀ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ କୈବଲ୍ୟଙ୍କର ବୋଲି ଚିହ୍ନଟ କରିଥିଲେ। ତାଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ କେହି ପଥରରେ ଛେଚି ହତ୍ୟା କରିଛନ୍ତି। ହତ୍ୟା ପରେ କୈବଲ୍ୟଙ୍କ ବାଇକ୍ ଓ ମୋବାଇଲ ଲୁଟ୍ ହୋଇଛି। ଲୁଟ୍ ପାଇଁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରି କୈବଲ୍ୟଙ୍କ ଭାଇ ଘୁଣ୍ଟୁ ପ୍ରଧାନ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ପର୍ଯ୍ୟଟନ ସ୍ଥଳରେ ନାବାଳିକାଙ୍କୁ ଅସଦାଚରଣ, ୨ ଗିରଫ

ପାରଳାଖେମୁଣ୍ଡି,୭।୧୨
(ଗିରିଧାରୀ ପରିଚ୍ଛା)



ଗିରଫ ୨ ଅଭିଯୁକ୍ତ।

ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ଜଣେ ନାବାଳିକା ରବିବାର ଅସଦାଚରଣର ଶିକାର ହୋଇଛନ୍ତି। ଏନେଇ ଅଭିଯୋଗ ପରେ ସମ୍ପୃକ୍ତ ୨ ଯୁବକ ଗିରଫ ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ଅନ୍ତର୍ଗତ ଗୋକର୍ଣ୍ଣପୁରମ୍‌ର ଡି. ନରେଶ ଓ ଏସ. ହରିଶ। ଉଭୟେ ପର୍ଯ୍ୟଟକ ରୂପେ ଏହି ଜଳପ୍ରପାତକୁ ବୁଲି ଆସିଥିଲେ। ଗଣ୍ଡାହାତୀ ଗ୍ରାମାଞ୍ଚଳର ଜଣେ ନାବାଳିକା ସ୍ନାନ ଶୌଚ ପାଇଁ ଜଳପ୍ରପାତକୁ ଅପରାହ୍ନ ୧ଟାରେ ଯାଇଥିଲେ। ଏହି ସମୟରେ ଡି.ନରେଶ ଓ ଏସ. ହରିଶ ନାବାଳିକାଙ୍କ ଚୁଟି ଟାଣିଧରି ପାଟି ଚାପି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଗ୍ରାମର କେତେଜଣ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେଠାରୁ ସେମାନେ ଉଭୟଙ୍କୁ ଧରି ଗାରାବନ୍ଧ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଅସଦାଚରଣ କରିଥିବା ଡି. ନରେଶ ଓ ଏସ. ହରିଶଙ୍କୁ ଗିରଫ କରିଥିଲା। ଏନେଇ ନଂ. ୧୦୬/୨୫ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରତାପ ବେହେରା କହିଛନ୍ତି।

# ଶୁଳିଆ ପାହାଡ଼ରୁ ମୃତଦେହ ଜବତ

## ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ସନ୍ଦେହ

ଖଲ୍ଲିକୋଟ,୭।୧୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ନିକଟସ୍ଥ ମେଦିପୁର-ଆଲପୁର ରାସ୍ତାର ଶୁଳିଆ ପାହାଡ଼ରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ରବିବାର ଜବତ ହୋଇଛି। ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ପରିଚୟ ମିଳିନାହିଁ। ସକାଳ ସାଢେ ୯ଟାରେ ମେଦିପୁର-ଆଲପୁର ରାସ୍ତା ଦେଇ କେତେଜଣ ବ୍ୟକ୍ତି ଯାଉଥିବା ବେଳେ ଶୁଳିଆ ପାହାଡ଼ ଆଡୁ ଦୁର୍ଗନ୍ଧ ଆସୁଥିବା ଜାଣି ସେଠାକୁ ଯାଇଥିଲେ। ସେଠାରେ ଖାଲୁଆ ସ୍ଥାନରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ, ଏସ୍‌ଆଇ ପିଙ୍କିନି ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହଟି ୩/୪ ଦିନ ତଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ମୃତ ବ୍ୟକ୍ତିଙ୍କ ଶରୀରରେ ବିଭିନ୍ନ ଆଘାତ ଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଗଞ୍ଜାମ ଅପରାଧୀଙ୍କ ପସନ୍ଦ 'ମେଡ୍‌ଇନ୍ ମୁଙ୍ଗେର' ବନ୍ଧୁକ

ଭୁବନେଶ୍ୱର,୭।୧୨(ତ୍ରିନାଥ ମହାନ୍ତି)

ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଅନୁଗୋଳର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ ଗିରଫ ହେବା ପରେ ସେମାନଙ୍କ ଆପରାଧିକ ରେକର୍ଡ ଘାଣ୍ଟୁଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍। ବ୍ରହ୍ମପୁରକୁ ନେଉଥିବା ଏକ କାର୍ବାଇନ ସମେତ ୧୧ ବନ୍ଧୁକ କାହାକୁ ହସ୍ତାନ୍ତର କରିଥାନ୍ତେ, ତାହାକୁ ନେଇ ଖୋଳତାଡ଼ କରାଯାଉଛି। ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି ଯେ, ଦୁଇ ଅପରାଧୀ ଅଧିକାଂଶ ସମୟରେ ଗଞ୍ଜାମର ବହୁ ହାର୍ଡକୋର୍ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି। ତେବେ 'ମେଡ୍ ଇନ୍ ମୁଙ୍ଗେର ବନ୍ଧୁକ' ସେମାନଙ୍କର ପ୍ରଥମ ପସନ୍ଦ। କାରଣ ବିହାରର ମୁଙ୍ଗେର ବନ୍ଧୁକ କେବେ ସେମାନଙ୍କୁ ଧୋକା ଦେଉନି। ପ୍ରତି ସପ୍ତାହରେ ଏହି ୨ ବନ୍ଧୁକ ମାଫିଆଙ୍କୁ ଗଞ୍ଜାମରୁ ୧୫ରୁ ଅଧିକ ବନ୍ଧୁକ ଅର୍ଡର ଆସେ। ତେବେ ଚର୍ଚ୍ଚାରେ ଥିବା ଜବତ କାର୍ବାଇନକୁ ଗଞ୍ଜାମର ଜଣେ ହାର୍ଡକୋର ଅପରାଧୀ ଅର୍ଡର କରିଥିବା ଜଣାପଡ଼ିଛି।

# ଲୁହାରଡ଼ରେ ଆକ୍ରମଣ: ମା',ବାପା, ପୁଅ ଗୁରୁତର

ବଇଣ୍ଡା,୭।୧୨
(ପରିକ୍ଷିତ ସାହୁ)

■ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ
■ପୋଲିସକୁ ଘେରିଲେ ଲୋକେ

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁର୍ଡିବାସପୁର ଗ୍ରାମରେ ମା' ବାପା ଓ ପୁଅଙ୍କୁ ୩ ଜଣ ଲୁହାରଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ସୂଚନା ଅନୁଯାୟୀ, କୁର୍ଡିବାସପୁର ଗ୍ରାମର ଛବି ରଣା (୪୮), ସ୍ତ୍ରୀ ଶୈଳବାଳା (୪୨) ଓ ପୁଅ ସିଦ୍ଧାନ୍ତ(୨୫)ଙ୍କୁ ଜରପଡ଼ା ଅଞ୍ଚଳର ୩ଜଣ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ନାକିଚି-ଠାକୁରଗଡ଼ ପୂର୍ତ୍ତ ବିଭାଗ ରାସ୍ତାର କୁର୍ଡିବାସପୁରଠାରେ ରାସ୍ତାରୋକୋ କରିଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, କୁର୍ଡିବାସପୁର ଗ୍ରାମ ହାଇସ୍କୁଲ ଛକ ନିକଟରେ ଛବି ଏକ ସାଇକେଲ ଦୋକାନ କରିଛନ୍ତି। ଉକ୍ତ ଜାଗାକୁ ଜରପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର କହୁଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗୁଥିଲା। ରବିବାର ଉକ୍ତ ବ୍ୟକ୍ତି ୫ ଟ୍ରିପ୍ ମୋରମ ଆଣି ଦୋକାନ ସମ୍ମୁଖରେ ଗଦା କରିଥିଲେ। ଏନେଇ ଶୈଳବାଳା ଓ ସିଦ୍ଧାନ୍ତ ପ୍ରତିବାଦ କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ତାଙ୍କର ସହଯୋଗୀଙ୍କ ସହ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ଠାକୁରଗଡ଼ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। କିନ୍ତୁ ଉତ୍ତେଜିତ ଲୋକେ ପୋଲିସକୁ ଘେରାଉ କରିଥିଲେ। ପରେ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

Business

# ଜନଧନ ଆକାଉଣ୍ଟରେ ୨.୭୪ ଲକ୍ଷ କୋଟି ଜମା

## ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ି ହୋଇଛନ୍ତି ୫୭ କୋଟି ଲୋକ

ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଦେଶରେ ବ୍ୟାଙ୍କିଙ୍ଗ ସେବା ସହିତ ଜଡିତ ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ମାଧ୍ୟମରେ ପ୍ରାୟ ୫୭.୧୧ କୋଟି ଆକାଉଣ୍ଟ ଖୋଲାଯାଇଛି ଏବଂ ଏହି ଆକାଉଣ୍ଟଗୁଡ଼ିକରେ ମୋଟ ଜମା ୨.୭୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଯୋଜନାର ସରକାରୀ ୱେବସାଇଟରେ ପ୍ରକାଶିତ ସଦ୍ୟତମ ତଥ୍ୟରେ ଏହି ସୂଚନା ପ୍ରକାଶ ପାଇଛି। ଏହି ସରକାରୀ ଯୋଜନା ଯୋଗୁ, ପ୍ରତ୍ୟେକ ଗାଁରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚିଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ପ୍ରାୟ ୧୩.୫୫ ଲକ୍ଷ ବ୍ୟାଙ୍କ ମିତ୍ର ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି, ଶାଖା ନଥିବା ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରୁଛନ୍ତି। ଏହି ବ୍ୟାଙ୍କ ମିତ୍ରମାନେ ଗ୍ରାମ ଏବଂ ଦୁର୍ଗମ ଅଞ୍ଚଳ ଗସ୍ତ କରି ଆକାଉଣ୍ଟ ଖୋଲିବା, ଜମା କରିବା ଏବଂ ଟଙ୍କା ଉଠାଣ ଭଳି ସେବା ପ୍ରଦାନ କରନ୍ତି। ଏକ କାର୍ଯ୍ୟକ୍ରମରେ ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁ କହିଛନ୍ତି ଯେ, ଜନଧନ ଆକାଉଣ୍ଟରେ ହାରାହାରି ବାଲାନ୍ସ ବର୍ତ୍ତମାନ ପ୍ରାୟ ୪,୮୧୫କୁ ବୃଦ୍ଧି ପାଇଛି। ଏହା ସୂଚାଇଥାଏ ଯେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁନାହାନ୍ତି ବରଂ ନିୟମିତ ଭାବରେ ସେଥିରେ ସଞ୍ଚୟ ମଧ୍ୟ କରୁଛନ୍ତି। ସେ କହିଛନ୍ତି, ସରକାର ଚଳିତ ଆର୍ଥିକ ବର୍ଷରେ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରାୟ ୩.୬୭ ଲକ୍ଷ କୋଟି ଟଙ୍କା ଲୋକଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରଥମ ଥର ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଯୋଡ଼ିଥିଲା। ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ୫୭୦ ନିୟୁତରୁ ଅଧିକ ଲୋକ ବ୍ୟାଙ୍କିଙ୍ଗ ସେବାରୁ ଉପକୃତ ହେଉଛନ୍ତି। ତଥ୍ୟ ଅନୁଯାୟୀ, ପ୍ରାୟ ୭୮.୨ ପ୍ରତିଶତ ଜନଧନ ଆକାଉଣ୍ଟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଅଛି। ଏହି ଆକାଉଣ୍ଟଗୁଡ଼ିକରେ ପ୍ରାୟ ୫୦ ପ୍ରତିଶତ ମହିଳା, ଯାହା ସୂଚାଇଥାଏ ଯେ ମହିଳାମାନେ ଅଧିକ ଆର୍ଥିକ ଭାବରେ ସଶକ୍ତ ହେଉଛନ୍ତି। ଏହା ସେମାନଙ୍କର ସଞ୍ଚୟ ଏବଂ ସରକାରୀ ଯୋଜନାଗୁଡ଼ିକର ସିଧାସଳଖ ପ୍ରବେଶକୁ ସହଜ କରିଛି। ଭାରତର ଆର୍ଥିକ ଅନ୍ତର୍ଭୁକ୍ତି ସୂଚକାଙ୍କ ମାର୍ଚ୍ଚ ୨୦୨୫ ସୁଦ୍ଧା ୬୭ରେ ପହଞ୍ଚିଛି, ଯାହା ଦେଶରେ ବ୍ୟାଙ୍କିଙ୍ଗ, ବୀମା, ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସେବାର ପ୍ରବେଶ ଏବଂ ବ୍ୟବହାରରେ ସ୍ଥିର ଉନ୍ନତିକୁ ସୂଚିତ କରୁଛି। ଏହି ସୂଚକାଙ୍କ ୯୭ଟି ଭିନ୍ନ ମାନଦଣ୍ଡ ଉପରେ ଆଧାରିତ, ଯେଉଁଥିରେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁଛନ୍ତି କି ପ୍ରକୃତରେ ଏହି ସେବାଗୁଡ଼ିକୁ ବ୍ୟବହାର କରୁଛନ୍ତି ତାହା ସୂଚାଉଛି। ସାମଗ୍ରିକ ଭାବରେ ଜନଧନ ଯୋଜନା ସାଧାରଣ ନାଗରିକ, ବିଶେଷକରି ଗ୍ରାମୀଣ ଏବଂ ଗରିବ ବର୍ଗଙ୍କୁ ମୁଖ୍ୟଧାରାର ବ୍ୟାଙ୍କିଙ୍ଗ ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଭବିଷ୍ୟତରେ ଏହା ଆହୁରି ବିସ୍ତାର ଲାଭ କରିବ ବୋଲି ଆଶା କରାଯାଉଛି।

## ମହଙ୍ଗା ହେବ ଲାପଟପ୍, ସ୍ମାର୍ଟଫୋନ୍

ଭୁବନେଶ୍ୱର,୭।୧୨

କିଛି କମ୍ପାନୀ ମେମୋରୀ ଚିପ୍ ଉତ୍ପାଦନ ବର୍ଗରୁ ଓହରି ଯିବା ଯୋଗୁଁ ଏହାର ଉତ୍ପାଦନ ଯାହା ହ୍ରାସ ପାଇବ। ଫଳରେ ୨୦୨୬ରେ ମେମୋରୀ ଚିପ ଅଭାବ ଆଶଙ୍କା କରାଯାଉଛି। କିଛି ଦିନ ଧରି ମେମୋରୀ ଚିପ ମୂଲ୍ୟ ବୃଦ୍ଧି ପାଉଛି ଏବଂ ଡାଇନାମିକ ରାଣ୍ଡମ ଆକ୍ସେସ ମେମୋରି ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ ହୋଇସାରିଛି। ଫଳସ୍ୱରୂପ ଡେସ୍କଟପ, ଲାପଟପ ଏବଂ ସ୍ମାର୍ଟଫୋନ ଭଳି ମେମୋରୀ ଚିପ ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକ ମହଙ୍ଗା ହେବ ବୋଲି ଆକଳନ କରାଯାଉଛି। ଡେଲ, ଆସସ, ଲିନୋଭୋ, ଏବଂ ଏଚ୍‌ପି ଭଳି କମ୍ପାନୀ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କମ୍ପାନୀଗୁଡ଼ିକ ଏବେ ଏଆଇ ଏଣ୍ଟରପ୍ରାଇଜ କମ୍ପାନୀଗୁଡ଼ିକର ଚାହିଦା ପୂରଣ କରିବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ସ୍ମାର୍ଟଫୋନ ଏବଂ ଅନ୍ୟାନ୍ୟ ଡିଭାଇସ ପାଇଁ ଚିପ୍‌ର ଅଭାବ ଦେଖାଦେବ। କମ୍ପାନୀଗୁଡ଼ିକ ଏବେ ଚିପ୍ କିଣିବା ପାଇଁ ଅଧିକ ଖର୍ଚ୍ଚ କରିବେ ଏବଂ ସେମାନେ ଏହି ବୋଝ ସେମାନଙ୍କ ଗ୍ରାହକମାନଙ୍କ ଉପରେ ପଡ଼ିବ।

## ଆଧାର ଫଟୋକପି ରଖୁଥିବା ସଂସ୍ଥା ଉପରେ ଲାଗିବ ଅଙ୍କୁଶ

ଭୁବନେଶ୍ୱର,୭।୧୨

ଆଧାର କାର୍ଡର ଫଟୋକପି ନେଇ ଗ୍ରାହକଙ୍କ ତଥ୍ୟ ରଖୁଥିବା ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ସଂସ୍ଥା ଉପରେ ଅଙ୍କୁଶ ଲାଗିବ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ(ୟୁଆଇଡିଏଆଇ) ଏନେଇ ଖୁବ୍‌ଶୀଘ୍ର ନୂଆ ନିୟମ ଜାରି କରିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଆଧାର କାର୍ଡର ଫଟୋକପି ରଖିବା ବର୍ତ୍ତମାନର ଆଧାର ଆଇନର ଉଲ୍ଲଂଘନ। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ କୁମାର କହିଛନ୍ତି, ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ଅଫଲାଇନ୍ ଆଧାର ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ କରୁଥିବା ନୂଆ ନିୟମକୁ ଅଥରିଟି ଅନୁମୋଦନ କରିସାରିଛି ଏବଂ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ନିୟମ ଅନୁଯାୟୀ, ଅଫ୍ ଲାଇନ୍ ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ପଞ୍ଜୀକୃତ ହେବାକୁ ପଡ଼ିବ ଏବଂ ସେମାନଙ୍କୁ ଏକ ନୂଆ ଟେକ୍ନୋଲୋଜି ଯୋଗାଇ ଦିଆଯିବ, ଯାହା ଦ୍ୱାରା କ୍ୟୁଆର୍ କୋଡ୍ ସ୍କାନ୍ କରି କିମ୍ବା ନୂଆ ଆଧାର ଆପ(ନିର୍ମାଣାଧୀନ) ସହିତ ସଂଯୋଗ କରି ବ୍ୟକ୍ତିଙ୍କ ଆଧାର ଯାଞ୍ଚ କରାଯାଇପାରିବ। ଏହି ନିୟମ କେବଳ କାଗଜଭିତ୍ତିକ ଆଧାର ଯାଞ୍ଚକୁ ରୋକିବ ନାହିଁ ବରଂ ସର୍ଭରର ଡାଉନଟାଇମ ଯୋଗୁ ହେଉଥିବା ଅସୁବିଧା ମଧ୍ୟ ଦୂର ହେବ। ପଞ୍ଜୀକୃତ ହୋଇଥିବା ସଂସ୍ଥାଗୁଡ଼ିକୁ ଏପିଆଇ ଯୋଗାଇ ଦିଆଯିବ, ଯାହା ଦ୍ୱାରା ସେମାନେ ନିଜ ସିଷ୍ଟମକୁ ଅପଡେଟ୍ କରି ଅଫଲାଇନ୍ ଯାଞ୍ଚ କରିପାରିବେ। ୟୁଆଇଡିଏଆଇ ବର୍ତ୍ତମାନ ଏକ ନୂଆ ଆପର ବିଟା ଟେଷ୍ଟିଙ୍ଗ କରୁଛି, ଯାହା ଆପ-ଟୁ-ଆପ ଯାଞ୍ଚ ସୁବିଧା ଦେବ ଏବଂ ପ୍ରତ୍ୟେକ ଥର କେନ୍ଦ୍ରୀୟ ଆଧାର ଡାଟାବେସ ସହିତ ସଂଯୋଗ କରିବାର ଆବଶ୍ୟକତା ରହିବ ନାହିଁ। ଏହି ଆପ ବିମାନବନ୍ଦର, ଦୋକାନ ଆଦି ସ୍ଥାନରେ ବ୍ୟବହାର ହୋଇପାରିବ। ଏହା ବ୍ୟବହାରକାରୀଙ୍କ ଗୋପନୀୟତା ଓ ଆଧାର ତଥ୍ୟ ଲିକ ହେବାର ବିପଦକୁ ରୋକିବ ବୋଲି କୁମାର କହିଛନ୍ତି। ଆଗକୁ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନ ଅନୁଯାୟୀ ଆଧାର ଯାଞ୍ଚ ସେବାକୁ ଆହୁରି ସୁଦୃଢ଼ କରିବ। ଏଥିରେ ବ୍ୟବହାରକାରୀ ନିଜ ଠିକଣା ପ୍ରମାଣପତ୍ର ଅପଡେଟ କରିପାରିବେ ଏବଂ ମୋବାଇଲ ନଥିବା ପରିବାର ସଦସ୍ୟଙ୍କୁ ମଧ୍ୟ ଯୋଡ଼ି ପାରିବେ।

# ଟିପିସିଓଡିଏଲ୍ ଷ୍ଟଲ୍ ପରିଦର୍ଶନ କଲେ ୩ ଅଲିମ୍ପିଆନ




ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

କଳିଙ୍ଗ ଷ୍ଟାଡିୟମ ପରିସରରେ ଟିପିସିଓଡିଏଲ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା ସମ୍ପର୍କିତ ଏକ ଷ୍ଟଲ ଲାଗିଛି। ଅଲିମ୍ପିୟାନ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଶ୍ରାବଣୀ ନନ୍ଦ ଓ ଦୀପଗ୍ରେସ ଏକ୍କା ଏହି ଷ୍ଟଲ ପରିଦର୍ଶନ କରିବା ସହ ରୁଫ୍‌ଟପ ସୋଲାର ସ୍ଥାପନ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ଏକ ଭଲ ସ୍କିମ୍, ସମସ୍ତେ ଏହି ଯୋଜନାରେ ସାମିଲ ହୋଇ ନିଜ ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିବା ସହ ସରକାରଙ୍କ ସବ୍‌ସିଡିର ଲାଭ ଉଠାଇପାରିବେ ବୋଲି ସେମାନେ ମତ ଦେଇଛନ୍ତି । ଏହି ଅବସରରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ମଧ୍ୟ ଷ୍ଟଲ ବୁଲିବା ସହ ଏହି ଯୋଜନା ମାଧ୍ୟମରେ କିପରି ସୁଲଭ ମୂଲ୍ୟରେ ଓ ସହଜରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇପାରିବ ସେ ବିଷୟରେ ବୁଝିଥିଲେ । ସୂଚନାଥାଉକି, ଉପଭୋକ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡି ସୁବିଧାର ଲାଭ ଉଠାଇ ଏହି ଯୋଜନାରେ ସାମିଲ ହୋଇପାରିବେ। ମାତ୍ର ୫୦୦୦ ଟଙ୍କାରେ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା - ୟୁଏଲ୍‌ଏ ମଡେଲ ମାଧ୍ୟମରେ ୧ କିଲୋୱାଟ ରୁଫ୍‌ଟପ ସୋଲାର ସ୍ଥାପନ କରିପାରିବେ। ସୋଲାର ମଡ୍ୟୁଲ ଉପରେ ୨୫ ବର୍ଷର ୱାରେଣ୍ଟି ଉପଲବ୍ଧ । ଡିସକମ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟରେ ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ସେବା କରାଯିବ ।

# ବିକ୍ରି, ମାର୍ଜିନ୍ ବୃଦ୍ଧି ଆଶାରେ ରଙ୍ଗ କମ୍ପାନୀ

ଭୁବନେଶ୍ୱର,୭।୧୨



ଦେଶର ପ୍ରମୁଖ ରଙ୍ଗ ଉତ୍ପାଦକ କମ୍ପାନୀଗୁଡ଼ିକ ଚଳିତ ତୃତୀୟ ତ୍ରୟମାସରେ (ଅକ୍ଟୋବର-ଡିସେମ୍ବର) ବିକ୍ରି ଓ ମାର୍ଜିନ ବୃଦ୍ଧିଆଶା କରୁଛନ୍ତି। କଞ୍ଚାମାଲର ମୂଲ୍ୟ ସ୍ଥିର ରହିବା ଯୋଗୁ ମୁନାଫା ମାର୍ଜିନ ମଧ୍ୟ ଉନ୍ନତ ହେବ ବୋଲି ସେମାନେ ଆଶାବାଦୀ। ତଥାପି ନୂଆ କମ୍ପାନୀଙ୍କ ପ୍ରବେଶ ଯୋଗୁ ବଜାରରେ ପ୍ରତିଯୋଗିତା ଆଗାମୀ ଦିନରେ ତୀବ୍ର ରହିପାରେ। ଏସିଆନ ପେଣ୍ଟ୍ସ, କାନସାଇ ନେରୋଲାକ, ବର୍ଗର ପେଣ୍ଟ୍ସ ଓ ଆକ୍ଜୋନୋବେଲ ଇଣ୍ଡିଆ ଭଳି କମ୍ପାନୀଗୁଡ଼ିକ ନିକଟରେ ହୋଇଥିବା ଇନଭେଷ୍ଟର କଲରେ କହିଛନ୍ତି ଯେ, ଦୀର୍ଘ ମୌସୁମୀ ବର୍ଷା ଯୋଗୁ ଦ୍ୱିତୀୟ ତ୍ରୟମାସରେ ବିକ୍ରି ପ୍ରଭାବିତ ହୋଇଥିଲା। ତଥାପି ସେପ୍ଟେମ୍ବରଠାରୁ ବିକ୍ରିରେ ସୁଧାର ଦେଖାଯାଇଛି ଏବଂ ନଭେମ୍ବର-ଡିସେମ୍ବରରେ ଏହା ଆହୁରି ବଢ଼ିବ। ଏସିଆନ ପେଣ୍ଟ୍ସର ଏମ୍‌ଡି ଓ ସିଇଓ ଅମିତ ସିଙ୍ଗଲ କହିଛନ୍ତି, ସେପ୍ଟେମ୍ବର ଓ ଅକ୍ଟୋବରରେ ବଜାରରେ ଗ୍ରୀନ ସୁଟ୍ସ ଦେଖାଯାଇଛି। ଭଲ ମୌସୁମୀ ବର୍ଷା, ବିବାହ ସିଜନ ଓ ଜିଏସ୍‌ଟି ସଂଶୋଧନ ଯୋଗୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟରେ ଚାହିଦା ବଢ଼ିବ। ତଥାପି ଆଗାମୀ ୩-୬ ମାସ ପାଇଁ ଆମେ ସତର୍କ ରହିବୁ। ପ୍ରତିଯୋଗିତା ତୀବ୍ର ରହିବ। କାନସାଇ ନେରୋଲାକର ଏମ୍‌ଡି ପ୍ରବୀଣ ଚୌଧୁରୀ କହିଛନ୍ତି, ନଭେମ୍ବର-ଡିସେମ୍ବରରେ ଚାହିଦାରେ ଉନ୍ନତି ହେବ। ଚତୁର୍ଥ ତ୍ରୟମାସ ଡେକୋରେଟିଭ ଓ ଇଣ୍ଡଷ୍ଟ୍ରିଆଲ ଉଭୟ ସେଗମେଣ୍ଟରେ ଅଧିକ ବୃଦ୍ଧି ଦେଖାଯିବ। ଆମେ ମୁନାଫାହୀନ ଉତ୍ପାଦରେ ନଯାଇ ଠିକ୍ ବିନିଯୋଗ କରି ବଜାର ଅଂଶ ସୁରକ୍ଷିତ ରଖିବୁ। ବର୍ଗର ପେଣ୍ଟ୍ସର ଏମଡି ଓ ସିଇଓ ଅଭିଜିତ ରାୟ କହିଛନ୍ତି, ନୂଆ କମ୍ପାନୀଙ୍କ ପ୍ରଭାବ କମିବ ଏବଂ ବର୍ତ୍ତମାନର ପ୍ରତିଯୋଗୀଙ୍କ ଉପରେ ଚାପ ହ୍ରାସ ପାଇବ। ଆକ୍ଜୋନୋବେଲ ଇଣ୍ଡିଆର ସିଏମ୍‌ଡି ରାଜୀବ ରାଜଗୋପାଳ କହିଛନ୍ତି, ନୂଆ ପ୍ରବେଶକାରୀଙ୍କ ଯୋଗୁ ବଡ଼ ଡିସ୍କାଉଣ୍ଟ ହେବା ପରେ ବଜାରରେ ସଞ୍ଚୟୀ ଭାବେ ୧.୫-୨ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି। ଆଗାମୀ ତ୍ରୟମାସରେ ଭଲ୍ୟୁମରେ ଓ ରେଭିନ୍ୟୁରେ ବୃଦ୍ଧି ଆଶା କରୁଛୁ। ଗତ ୫-୬ ବର୍ଷ ମଧ୍ୟରେ ପିଡିଲାଇଟ (ହାଇଶା ପେଣ୍ଟସ), ଗ୍ରାସିମ (ବିର୍ଲା ଓପସ) ଓ ଜେଏସଡବ୍ଲ୍ୟୁ ପେଣ୍ଟସ ଭଳି ନୂଆ କମ୍ପାନୀ ବଜାରକୁ ପ୍ରବେଶ କରିଛନ୍ତି। ତଥାପି ଏସିଆନ ପେଣ୍ଟସ, ବର୍ଗର, କାନସାଇ ନେରୋଲାକ ଓ ଆକ୍ଜୋନୋବେଲ ମିଶାଇ ବଜାରର ୭୫ ପ୍ରତିଶତରୁ ଅଧିକ ଅଂଶ ନିୟନ୍ତ୍ରଣ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ପେନ ପ୍ରଥମ ଥର ଫାଇନାଲରେ

**ଚେନ୍ନାଇ, ୭।୧୨ (ପି.ଟି.)**

ଆର୍ଜେଣ୍ଟିନାକୁ ୨-୧ ଗୋଲରେ ହରାଇ ସ୍ପେନ ପ୍ରଥମ ଥର ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚର

## ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍ ହକି

ଆରମ୍ଭରୁ ସ୍ପେନ ଅଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ୭ମ ମିନିଟରେ ମ୍ୟାଚର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାରିଓ ମେନା ଏକ ରିବାଉଣ୍ଡରୁ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏକ ମିନିଟ ପରେ ଆର୍ଜେଣ୍ଟିନା ଏହାର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାତ୍ର ଦଳ ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ସ୍ପେନ ଆକ୍ରମଣ ଖେଳ ଜାରି ରଖି ୧୭ତମ ମିନିଟ୍‌ରେ ଏକ ଶଟ କର୍ନର ପାଇଥିଲା। ମାତ୍ର ଆର୍ଜେଣ୍ଟିନା ଗୋଲ୍‌କିପର ଜୋକ୍ୱିନ ଏସ୍. ରୁଇଜ୍ ତାହାକୁ ଅକାମି କରିଦେଇଥିଲେ। ମାତ୍ର ୨୧ତମ ମିନିଟ୍‌ରେ ଜୁଆନ ଫର୍ନାଣ୍ଡିଜଙ୍କ ଏକ ପେନାଲ୍ଟି କନଭର୍ଜନ ଜରିଆରେ ଆର୍ଜେଣ୍ଟିନା ମ୍ୟଚେକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା। ଆର୍ଜେଣ୍ଟିନାକୁ ପ୍ରଥମାର୍ଦ୍ଧ ଖେଳର ୨୮ତମ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ମାତ୍ର ଷ୍ଟପର ବଲ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ଆର୍ଜେଣ୍ଟିନାକୁ ୪୩ତମ ମିନିଟରେ ଚତୁର୍ଥ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଶେଷରେ ଖେଳର ୫୬ତମ ମିନିଟ୍‌ରେ ଆଲବର୍ଟ ସେରାହିମାଙ୍କ ଗୋଲ୍ ଜରିଆରେ ସ୍ପେନ ମ୍ୟାଚରେ ବିଜୟ ଲାଭ କରିଥିଲା। ଅନ୍ୟପକ୍ଷରେ ରବିବାର ୫ମ ଓ ୬ଷ୍ଠ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ବେଲଜିୟମ ଗତ ସଂସ୍କରଣ ରନର-ଅପ୍ ଫ୍ରାନ୍ସକୁ ୩-୨ ଗୋଲ୍‌ରେ ହରାଇ ଦେଇଛି।



ବିଜୟ ପରେ ଉଲ୍ଲସିତ ସ୍ପେନ୍ ଦଳ।

# ମଣିପୁର ଟାଇଟଲ ବିଜେତା

**ଅନନ୍ତପୁର, ୭।୧୨ (ପି.ଟି.)**

ମଣିପୁର ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ ଚାମ୍ପିୟନଶିପ୍ ଟିଅର-୧ ଟାଇଟଲ ହାସଲ କରିଛି। ଏଠାରେ ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ବେଙ୍ଗଲକୁ ୯-୦ ଗୋଲ୍‌ରେ ପରାସ୍ତ କରିଛି। ମଣିପୁର ଏଥରକୁ ମିଶାଇ ୧୨ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଦଳ ପକ୍ଷରୁ ଚିନ୍‌ଘାମାୟୁମ୍ ରେଦିମା ଦେବୀ (୮ମ, ୪୧ତମ ଓ ୬୫ତମ ମିନିଟ), ଓ ଲଇଙ୍ଗଜାମ୍ ନୀରା ଚାନୁ (୨୯ତମ, ୫୫ତମ, ୫୯ତମ) ପ୍ରତ୍ୟେକ ହାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ୟାଙ୍ଗାବି ଥୋକ୍‌ଚୋମ୍ (୬୮ତମ, ୭୬ତମ) ଦୁଇଟି ଗୋଲ୍ ଦେଇଥିବା ବେଳେ ମଙ୍ଗଜମ୍ ପୁଷ୍ପାରାଣୀ ଦେବୀ (୭୫ତମ) ଗୋଟିଏ ଗୋଲ୍ ଦେଇଥିଲେ। ମଣିପୁର ଏହି ମ୍ୟାଚରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ରବିବାରର ଏହି ବିଜୟ ଦ୍ୱାରା ମଣିପୁର ହାଟ୍ରିକ ଟାଇଟଲ ବିଜୟୀ ହୋଇଛି। ଦଳ ଏହା ପୂର୍ବରୁ ୨୦୨୩-୨୪ ଓ ୨୦୨୪-୨୫ରେ ଚାମ୍ପିୟନ ହୋଇଥିଲା।



ବାରବାଟୀ ଟି୨୦ ପାଇଁ ରବିବାର ଭୁବନେଶ୍ୱରରେ (ବାମରୁ) ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରାମ, ଟେମ୍ବା ବଭୁମା, ଟୋନି ଡି ଜର୍ଜି, ଭାରତର ତିଳକ ବର୍ମା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

# ପହଞ୍ଚିଲେ ଖେଳାଳି, ଆଜି ଅଭ୍ୟାସ

**ଭୁବନେଶ୍ୱର, ୭।୧୨(ଅନାଦି କର)**

ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏଥିଲାଗି ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରାଙ୍କ ଭଳି କିଛି ଭାରତୀୟ ଖେଳାଳି ପୂର୍ବରୁ ଆସିଥିବା ବେଳେ ରବିବାର ଦୁଇ ଦେଶର ପ୍ରାୟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଖେଳିଥିବା ତିଳକ ବର୍ମା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ ରାଣା, ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ଆସିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ସପୋର୍ଟ ଷ୍ଟାଫ ସଦସ୍ୟ ମଧ୍ୟ ପହଞ୍ଚିଛନ୍ତି। ସେହିଭଳି ଟେମ୍ବା ବଭୁମା, ଏଡେନ ମାରକ୍ରାମ, ଟ୍ରିଷ୍ଟାନ ଷ୍ଟବ୍ସ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, କ୍ୱିଣ୍ଟନ ଡି କକ୍, କର୍ବିନ ବୋଶ୍ଚ, କେଶବ ମହାରାଜଙ୍କ ଭଳି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଖେଳାଳି ପହଞ୍ଚି ସାରିଛନ୍ତି।

ଦୁଇ ଦଳର ଖେଳାଳି ପ୍ରାୟ ଅପରାହ୍ନ ୨ଟା ୫୦ରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବିମାନ ବନ୍ଦରରେ ପହଞ୍ଚିଲେ। ଏହାପରେ ସେମାନଙ୍କୁ ଦୁଇଟି ସ୍ୱତନ୍ତ୍ର ବସ ମାଧ୍ୟମରେ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ ମେଫେୟାରକୁ ନିଆଯାଇଥିଲା। ସେଠାରେ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ନୃତ୍ୟ, ବାଦ୍ୟ ଓ ଗୀତ ସହିତ ଫୁଲରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏପରି କି ଦକ୍ଷିଣ ଆଫ୍ରିକୀୟ ଦଳର ଜଣେ ସଦସ୍ୟ ବାଦ୍ୟର ତାଳେ ତାଳେ ନାଚି ପରିବେଶର ଆନନ୍ଦ ନେଇଥିଲେ। ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ଦେଖିବା ପାଇଁ ଉଭୟ ହୋଟେଲ ଓ ବିମାନବନ୍ଦର ବାହାରେ କିଛି ପ୍ରଶଂସକ ଅପେକ୍ଷା କରି ରହିଥିଲେ।

## ପାରମ୍ପରିକ ବାଦ୍ୟ, ନୃତ୍ୟ, ଗୀତରେ ସ୍ୱାଗତ



ଖେଳାଳିଙ୍କୁ ସ୍ୱାଗତ ବେଳେ ପାରମ୍ପରିକ ସାନ୍ତାଳୀ ନୃତ୍ୟ ପରିବେଷଣ। (ଫଟୋ: ବିକାଶ ନାୟକ)

### ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି

ଦୁଇ ଦଳର ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି ଦିଆଯାଇଥିଲା। ଖେଳାଳିଙ୍କ ରାତ୍ରୀ ଭୋଜନ ପାଇଁ ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଟିମ୍ ମ୍ୟାନେଜରଙ୍କ ସହ କଥା ହେଲା ପରେ ଖେଳାଳିଙ୍କ ଡାଏଟ୍ ପ୍ରୋଗ୍ରାମ ଆଧାରରେ ରାତ୍ରିଭୋଜନ ଲାଗି ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ହୋଟେଲ କର୍ତ୍ତୃପକ୍ଷ କହିଛନ୍ତି।

### ପୂର୍ବାହ୍ନରେ ଭାରତ, ସନ୍ଧ୍ୟାରେ ଦ. ଆଫ୍ରିକାର ଅଭ୍ୟାସ

ସୋମବାର ଉଭୟ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦଳ ଭିନ୍ନ ଭିନ୍ନ ସମୟରେ ବାରବାଟୀକୁ ଅଭ୍ୟାସ ନିମନ୍ତେ ଯିବେ। ପୂର୍ବାହ୍ନରେ ଭାରତ ନେଟ୍ ପ୍ରାକ୍ଟିସ କରିବାକୁ ଥିବା ବେଳେ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ଦଳ ଅଭ୍ୟାସ କରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତୀୟ ଦଳ ଦିନ ୧.୩୦ରେ ବାରବାଟୀରେ ପହଞ୍ଚିବ। ପ୍ରାୟ ୩ ଘଣ୍ଟା ଧରି ପ୍ରାୟ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳ ଅଭ୍ୟାସ କରିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡ୍‌ଲାଇଟ୍ସରେ ଦ. ଆଫ୍ରିକା ଦଳ ଅଭ୍ୟାସ ପାଇଁ ପଡ଼ିଆକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ତେବେ ଦର୍ଶକମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖିପାରିବେ ଏବଂ ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ ୬ ଏବଂ ୭ ଖୋଲା ରହିବ । ଏହାସହ ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ ୧ ଏବଂ ୨ ମଧ୍ୟ ଖୋଲି ଦିଆଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

# ଅଭ୍ୟାସ କଲେ ହାର୍ଦ୍ଦିକ

**ଦର୍ଶକଙ୍କ ପାଇଁ ଖୋଲିବ ୬ ଓ ୭ ଗ୍ୟାଲେରୀ**

**କଟକ,୭।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚାଲିଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତୀୟ ଦଳର ପ୍ରାୟତଃ ସଦସ୍ୟଙ୍କଠାରୁ ଆଗୁଆ ଆସିଥିବା ମୁଖ୍ୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ସନ୍ଧ୍ୟାରେ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ହାର୍ଦ୍ଦିକ ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ନେଟ୍ସରେ ବୋଲିଂ ଅଭ୍ୟାସ କରିବା ପରେ ପ୍ୟାଡ୍ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରଙ୍କ ସହିତ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ।



ବୋଲିଂ ଅଭ୍ୟାସ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା। (ଫଟୋ: ରାଜକିଶୋର ମହାନ୍ତି)

# ସମ୍ପର୍କ ଛିନ୍ନ କଲେ ମନ୍ଧାନା, ପଲାଶ

**ନୂଆଦିଲ୍ଲୀ, ୭।୧୨(ପି.ଟି.)**

ଭାରତୀୟ ମହିଳା ବ୍ୟାଟର ସ୍ମୃତି ମନ୍ଧାନା ରବିବାର ବାହାଘର ଭାଙ୍ଗିବାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଅନ୍ୟପକ୍ଷରେ ମନ୍ଧାନାଙ୍କ ସହ ସମ୍ପର୍କ ଛିନ୍ନ କରିଥିବା ନେଇ ମ୍ୟୁଜିକ କମ୍ପୋଜର ପଲାଶ ମୁଚଲ ସ୍ପଷ୍ଟ କରିବା ସହ ତାଙ୍କ ସମ୍ପର୍କରେ ଅପମାନଜନକ ଗୁଜବ ପ୍ରସାର କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଛନ୍ତି। ମନ୍ଧାନା ଓ ମୁଚଲଙ୍କ ବିବାହ ଗତ ନଭେମ୍ବର ୨୩ ତାରିଖରେ ହେବାର ଥିଲା। କିନ୍ତୁ ମନ୍ଧାନାଙ୍କ ବାପା ଶ୍ରୀନିବାସ ହସ୍ପିଟାଲରେ ଭର୍ତ୍ତି ହେବା ପରେ ବାହାଘରକୁ ସ୍ଥଗିତ ରଖାଯାଇଥିଲା। ମୁଁ ବାହାଘର ଭାଙ୍ଗିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି। ମୁଁ ଏହି ବିଷୟକୁ ଏଠାରେ ଶେଷ କରିବାକୁ ଚାହେଁ। ଗତ କିଛି ସପ୍ତାହ ହେଲା ମୋ ଜୀବନକୁ ନେଇ ଅନେକ କିଛି ଚର୍ଚ୍ଚା କରାଯାଉଛି। ଏ ସମ୍ପର୍କରେ ବର୍ତ୍ତମାନ କଥା ହେବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଅନୁଭବ କରୁଛି। ମୁଁ ସର୍ବଦା ବ୍ୟକ୍ତିଗତ ରହିବାକୁ ପସନ୍ଦ କରେ। ଏଣୁ ମୋର ଏବଂ ମୋ ପରିବାର ଗୋପନୀୟତାକୁ ସମ୍ମାନ ଦେବା ପାଇଁ ଫ୍ୟାନ୍ସଙ୍କୁ ଅନୁରୋଧ କରୁଛି ବୋଲି ମନ୍ଧାନା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।


**Classified Everyday**
**0674-2580101, 9692975378**



REAL ESTATE
SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Healthcare

The massage felt totally professional! & comfortable at all times-7978109255.

All types of physiotherapy with massage, Contact number 9556924059/ 7656969134. D-2766

AFFIDAVIT


By virtue of an affidavit sworn before the Executive Magistrate, Saintala, Dtd. 06.12.2025, I, Tikeswari Bishi, D/o.- Late Baisakhu Bishi, R/o. Village- Rautmunda, P.O.- Mahulbahali, P.S.- Turekela, Dist.- Balangir (Odisha), PIN- 767039 declare that now I have changed my name from Tikeswari Nag to Tikeswari Bishi. Henceforth, I shall be known as Tikeswari Bishi for all purposes.
Tikeswari Bishi
D-2778

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, I, Debashree Palai, W/o.- Prasanta Kumar Pradhan, R/o. Madhuban, Balia, P.S.- Chandanpur, Dist.- Puri, Odisha, PIN- 752002, declare that my actual and correct name is Debashree Palai which has been mentioned in my Aadhaar card and the actual and correct name of my husband is Prasanta Kumar Pradhan which has been mentioned in his Aadhaar card, but in my daughters school certificate my name and my husbands name are wrongly recorded as Debashree Pradhan and Prasanta Pradhan instead of Debashree Palai and Prasanta Kumar Pradhan. So Debashree Palai and Debashree Pradhan is one and same person, Prasanta Kumar Pradhan and Prasanta Pradhan is one and same person. D-2779

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁ କେଦାରନାଥ ସାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।

**SHRADHANJALI**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



ଁ SMT. KAMALA PATNAIK
LEFT FOR HER HEAVENLY ABODE ON
27.11.2025
FONDLY REMEMBERED BY :
PATNAIK FAMILY.
RASULGARH, BHUBANESWAR.

# କୃତ୍ରିମ ଉପଗ୍ରହର ବହୁଳତା


ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ଜୁନ୍ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକାର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ।''



ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। କିନ୍ତୁ ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଅନେକ କୃତ୍ରିମ ଉପଗ୍ରହ ପୃଥିବୀ କକ୍ଷରେ ଏହାକୁ ପରିକ୍ରମଣ କରୁଛି। ରୁଷିଆ ୧୯୫୭ ମସିହାରେ ଭୂକକ୍ଷକୁ ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ ପ୍ରେରଣ କରିବା ପରଠାରୁ ଏହାର ସଂଖ୍ୟା ବଢ଼ିଚାଲିଛି। ପ୍ରଥମ ମହାକାଶ ଅଭିଯାନରେ ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ଏବଂ ଏହି ଦୁଇ ଦେଶ ଅନେକ ଉପଗ୍ରହ ପ୍ରେରଣ କରିଥିଲେ। ପରେ ଅନେକ ଦେଶ ନିଜ ନିଜର ଉପଗ୍ରହକୁ ପ୍ରେରଣ କରିଛନ୍ତି। ଗତ କିଛି ବର୍ଷ ମଧରେ ଅନେକ ବେସରକାରୀ ସଂସ୍ଥା ମହାକାଶ ଅଭିଯାନରେ ସାମିଲ ହୋଇ ଅନେକ ଉପଗ୍ରହ ପଠାଇଛନ୍ତି। ଫଳରେ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ମହାକାଶ ଅଭିଯାନର ଆରମ୍ଭରେ ବିଜ୍ଞାନ ଜିଜ୍ଞାସା ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା। ମହାକାଶରେ ବିଭିନ୍ନ ବସ୍ତୁପିଣ୍ଡରୁ ଆଲୋକ ଆମ ପାଖରେ ପହଞ୍ଚିବାରେ ପୃଥିବୀର ବାୟୁମଣ୍ଡଳ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଉଦାହରଣସ୍ୱରୂପ, ବସ୍ତୁପିଣ୍ଡଗୁଡ଼ିକରୁ ନିର୍ଗତ ହେଉଥିବା ଆଲୋକ ଚୁମ୍ବକୀୟ ବର୍ଣ୍ଣାଳୀର ଅତିବାଇଗଣୀ ରଶ୍ମି, ଗାମା ରଶ୍ମି ଆଦି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଏ। ଏଣୁ ପୃଥିବୀର ବାୟୁମଣ୍ଡଳ ବାହାରେ ବସ୍ତୁପିଣ୍ଡଗୁଡ଼ିକୁ ବିଭିନ୍ନ ବିକିରଣରେ ଅଧ୍ୟୟନ କରିବା ସହଜ ହେବ। ଏଥିପାଇଁ ମଧ ପୃଥିବୀ କକ୍ଷରେ କେତେଗୁଡ଼ିଏ ଦୂରବୀକ୍ଷଣ ଯନ୍ତ୍ର ଅବସ୍ଥାପନ କରାଯାଇଛି। କେତୋଟିର ଉଦାହରଣ ହେଉଛି-ଚନ୍ଦ୍ରା ମହାକାଶ ଦୂରବୀକ୍ଷଣ ଯନ୍ତ୍ର, ହବଲ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏବଂ ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଇତ୍ୟାଦି। ଏଗୁଡ଼ିକ ଦ୍ୱାରା ଅନେକ ଗ୍ରହ, ନକ୍ଷତ୍ର ଓ ଗାଲାକ୍ସିକୁ ଆବିଷ୍କାର କରାଯାଇଛି।

ବିଜ୍ଞାନ ଜିଜ୍ଞାସା ବ୍ୟତୀତ କୃତ୍ରିମ ଉପଗ୍ରହର ଅନେକ ମାନବୋପଯୋଗୀ ବ୍ୟବହାର ଅଛି। ଯୋଗାଯୋଗ ଉପଗ୍ରହ ଦ୍ୱାରା ରେଡିଓ, ଟେଲିଭିଜନ ପ୍ରସାରଣ ହେବା ସହିତ ଟେଲିଫୋନ୍ ସୁବିଧା ରହିଛି। ଦୂର ସଂବେଦୀ ଉପଗ୍ରହ ଦ୍ୱାରା ପୃଥିବୀର ଯେ କୌଣସି ସ୍ଥାନର ସର୍ବେକ୍ଷଣ ହୋଇପାରୁଛି ଏବଂ ପୃଥିବୀର ବିଭିନ୍ନ ସମ୍ପଦର ସୂଚନା ମିଳୁଛି। ପାଣିପାଗ ଉପଗ୍ରହ ଦ୍ୱାରା ଆଗତୁରା ପାଣିପାଗ ସୂଚନା ମିଳିପାରୁଛି। ଜିପିଏସ୍ ସାହାଯ୍ୟରେ ପୃଥିବୀର ଯେ କୌଣସି ସ୍ଥାନର ଅବସ୍ଥିତି ଜାଣିହେଉଛି। ଉପଗ୍ରହର ବିବିଧ ଉପକାରିତା ଯୋଗୁ ଅନେକ ଦେଶ ଏଥିରେ ଭାଗ ନେଉଛନ୍ତି।

ପ୍ରଥମ ଉପଗ୍ରହ ପ୍ରେରଣଠାରୁ ବର୍ତ୍ତମାନ ୭୦ବର୍ଷ ମଧରେ ଭୂକକ୍ଷକୁ ହଜାର ହଜାର ଉପଗ୍ରହ ପଠାଯାଇଛି ଏବଂ ପ୍ରତିବର୍ଷ ଏହାର ସଂଖ୍ୟା ବଢୁଛି। ୧୯୫୭ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ବର୍ଷକୁ ୫୦ରୁ ୧୧୦ ମଧରେ ଉପଗ୍ରହ ଉତ୍କ୍ଷେପଣ କରାଯାଉଥିଲା। କିନ୍ତୁ ଏହାପରେ ସ୍ପେଶଏକ୍ସ ଭଳି ବେସରକାରୀ ସଂସ୍ଥାର ଆଗମନ ପରେ ଏହାର ସଂଖ୍ୟା ଘାତାଙ୍କୀ ଭାବରେ ବୃଦ୍ଧି ପାଇଛି। ୨୦୨୪ ମସିହାରେ ହାରାହାରି ପ୍ରତି ୩୪ ଘଣ୍ଟାରେ ଗୋଟିଏ ରକେଟ ମହାକାଶକୁ ଉତ୍କ୍ଷେପଣ କରାଯାଇଛି, ଯାହାଫଳରେ ଭୂକକ୍ଷକୁ କେବଳ ଏହି ବର୍ଷ ୨୮୦୦ରୁ ଅଧିକ ଉପଗ୍ରହକୁ ପ୍ରେରଣ କରାଯାଇଛି।

ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀ ପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ। କିନ୍ତୁ ତଥାପି ଏହା କିଛି ବର୍ଷ ଭୂକକ୍ଷରେ ରହି ପୃଥିବୀକୁ ପରିକ୍ରମଣ କରିଥାଏ। କେତେଗୁଡ଼ିଏ କକ୍ଷଚ୍ୟୁତ ହୋଇ ପୃଥିବୀର ବାୟୁମଣ୍ଡଳକୁ ଖସିପଡ଼ି ଜଳିଯାଏ ଏବଂ ଅନ୍ୟ କେତେକକୁ ଉଚ୍ଚ କକ୍ଷକୁ ପଠାଯାଏ ଯାହାକୁ 'ଶ୍ମଶାନ କକ୍ଷ' ଅର୍ଥାତ୍ 'ମୃତ ଉପଗ୍ରହଙ୍କ କକ୍ଷ କୁହାଯାଏ।

ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, କିଛି ବର୍ଷ ମଧରେ ଉପଗ୍ରହ ସଂଖ୍ୟା ଦଶଗୁଣ ହୋଇପାରେ, ଯାହା ମହାକାଶ ଟ୍ରାଫିକ ପରିଚାଳନାରେ ସଙ୍କଟ ସୃଷ୍ଟି କରିବ। ଏଥିରୁ ନିର୍ଗତ କିଛି ବସ୍ତୁ ମହାକାଶ ପ୍ରଦୂଷଣ କରିଥାଏ ଏବଂ ଏହାର ଉତ୍କ୍ଷେପଣ ସମୟରେ ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ। ସ୍ପେଶଏକ୍ସର ଷ୍ଟାରଲିଙ୍କ ଉପଗ୍ରହ ପ୍ରେରଣ ପରେ ୟୁଟେଲସାଟ୍, ଆମାଜନ୍ ଏବଂ ଚାଇନାର 'ଥାଉଜାଣ୍ଡ ସେଲ୍ସ' କମ୍ପାନୀ ଅନେକ ଉପଗ୍ରହ ଉତ୍କ୍ଷେପଣ ପାଇଁ ଯୋଜନା କରିଛନ୍ତି।

ନିମ୍ନ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟାର ଗୋଟିଏ ସୀମା ରହିବା ଉଚିତ। ଏହାକୁ କକ୍ଷର 'ଧାରଣ କ୍ଷମତା' କୁହାଯାଏ। ଏହାଠାରୁ ଅଧିକ ହେଲେ ଉପଗ୍ରହ ମଧରେ ମଧ ସଂଘର୍ଷ ହୋଇପାରେ। ଅନେକ ମହାକାଶ ବିଜ୍ଞାନୀ ଧାରଣ କ୍ଷମତାକୁ ଏକ ଲକ୍ଷ ଉପଗ୍ରହ ଭାବେ ପ୍ରକାଶ କରିଛନ୍ତି। ଏହାଠାରୁ ଅଧିକ ହେଲେ ଅନେକ ସମସ୍ୟା ହୋଇପାରେ। ୨୦୫୦ ମସିହା ସୁଦ୍ଧା ଏକ ଲକ୍ଷରେ ପହଞ୍ଚିପାରେ।

ଅଧିକ ଉପଗ୍ରହ ପ୍ରେରଣର ମୁଖ୍ୟ ସମସ୍ୟା ହେଉଛି ମହାକାଶ ପ୍ରଦୂଷଣ। ଉପଗ୍ରହକୁ ପ୍ରେରଣ କରୁଥିବା ରକେଟଗୁଡ଼ିକ ବାୟୁମଣ୍ଡଳରେ ଧ୍ୱଂସ ହୋଇଯାଆନ୍ତି ଏବଂ ଉପଗ୍ରହରେ ଥିବା ବୁଷ୍ଟରଗୁଡ଼ିକ କକ୍ଷରେ ଏଥିରୁ ବାହାରି ଯାଆନ୍ତି। ପୁନଶ୍ଚ ଦୁଇଟି ଉପଗ୍ରହ ମଧରେ ସଂଘର୍ଷ ହେଲେ ସେଥିରୁ ଅନେକ ଟୁକୁଡ଼ା ଅଂଶ ମହାକାଶକୁ ପ୍ରଦୂଷିତ କରେ। ଉପଗ୍ରହଗୁଡ଼ିକ ମଧ ଭୂପୃଷ୍ଠକୁ ଆଲୋକ ପ୍ରତିଫଳନ କରନ୍ତି, ଯାହା ଆଲୋକୀୟ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ଅସୁବିଧା ସୃଷ୍ଟି କରେ। ନିଷ୍କ୍ରିୟ ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲେ ତାହା ଧାତବ ପ୍ରଦୂଷଣ କରିଥାଏ।

ଏହିସବୁ କାରଣରୁ ଉପଗ୍ରହ ପ୍ରେରଣରେ କିଛି ନିୟନ୍ତ୍ରଣ ଆବଶ୍ୟକ। ଏହା ସାଙ୍ଗକୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ କକ୍ଷରୁ ବାହାର କରିବା ଜରୁରୀ।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ସୁଗାର ସ୍ତର ସନ୍ତୁଳିତ ରହିଲେ...



ବିଶେଷ ଭାବରେ ଡାଇବେଟିସ୍ ଥିଲେ ଖାଦ୍ୟପେୟ ବ୍ୟତୀତ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସତର୍କ ରହିବା ଦରକାର। ଯଦି ଜଣେ ଡାଇବେଟିସ୍ ବ୍ୟକ୍ତି ନିଜର ସୁଗାର ସ୍ତରକୁ ସନ୍ତୁଳିତ ରଖନ୍ତି ତେବେ ଭବିଷ୍ୟତରେ ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ପ୍ରାୟ ସୁଗାର ସ୍ତର ସନ୍ତୁଳିତ ରହୁଥିବା କେତେକ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା କେତେ ରହୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ର କୌଣସି ଲକ୍ଷଣ ପ୍ରାୟ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ସର୍ଭେ ସମୟରେ ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ସୁଗାର ସ୍ତର କିପରି ସନ୍ତୁଳିତ ରହିବ ସେ ନେଇ ସୂଚନା ଦିଆଯାଇଥିଲା, ଯାହାକୁ ସେମାନେ ଠିକିଣିଖି ଭାବରେ ଅନୁସରଣ କରିଥିଲେ। ତେବେ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯେତେ ସତର୍କ ରହିବେ ତାହା ସେତେ ଭଲ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆଲ୍‌ଜିମର୍ସର ସହଜ ଉପଚାର



ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବି ବାଧା ସୃଷ୍ଟି କରିଥାଏ। ତେବେ ଏହାକୁ ସୁରକ୍ଷା ଦେବା ପାଇଁ ଏକ ନୂଆ ପ୍ରଣାଳୀ ଉଦ୍ଭାବିତ ହୋଇଛି। ତାହା ହେଲା ଲାଇଟ୍ ଥେରାପି। ଏହାଦ୍ୱାରା ଆଲ୍‌ଜିମର୍ସ ରୋଗୀର ମସ୍ତିଷ୍କ ଭିତରେ ଥିବା ସ୍ନାୟୁ ଅନେକାଂଶରେ ସୁରକ୍ଷିତ ରହିଥାଏ। ଏହି ଥେରାପି ଶରୀରରେ ଏକ ପ୍ରକାର ତରଙ୍ଗ ପ୍ରେରଣ କରି ଆଲ୍‌ଜିମର୍ସ ରୋଗ ସୃଷ୍ଟି କରୁଥିବା ଜୀବାଣୁଗୁଡ଼ିକୁ ଅନେକାଂଶରେ ନଷ୍ଟ କରିଦେଇଥାଏ। ଏହାର ପ୍ରଭାବ ମଧ ଶରୀର ଉପରେ ପଡ଼ି ନ ଥାଏ। ଲାଇଟ୍ ଥେରାପି ଦ୍ୱାରା ଭଲ ନିଦ ହୋଇଥାଏ। 'ଲାଇଟ୍ ଥେରାପି ଏବଂ ଆଲ୍‌ଜିମର୍ସ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଦୀର୍ଘଦିନ ଧରି ଆଲ୍‌ଜିମର୍ସ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ସେମାନଙ୍କୁ ଲାଇଟ୍ ଥେରାପି ଦିଆଯିବା ଦ୍ୱାରା ସେମାନେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।


## ଜାଣିରଖନ୍ତୁ



- ►ଖାଇ ସାରିବା ପରେ ଆମକୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଠିକ୍ ଖାଇବା ପରେ ପରେ ଥଣ୍ଡାଜାତୀୟ ପାନୀୟ, ଚା', କଫି ଆଦି ଆଦୌ ପିଅନ୍ତୁ ନାହିଁ। ଏହାଦ୍ୱାରା କେବଳ ପାଚନ କ୍ରିୟା ନୁହେଁ, ରକ୍ତ ସଞ୍ଚାଳନ ମଧ ପ୍ରଭାବିତ ହୋଇଥାଏ।
- ►ଅବସର ସମୟରେ ମନ ପସନ୍ଦର ବହି ପଢ଼ନ୍ତୁ କିମ୍ବା ଗୀତ ଶୁଣନ୍ତୁ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ।
- ►ଯଦି ଆପଣଙ୍କର ଦାନ୍ତଜନିତ ସସମ୍ୟା ରହିଛି ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ►ଦିନତମାମ ଖାଉଥିବା ଖାଦ୍ୟ ମଧରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ ଠିକ୍ ନୁହେଁ।
- ►ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିପାରିଲେ ତାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି କରିବାରେ ସହାୟକ ହୋଇଥାଏ।
- ►କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ସେ ରୋଗ ବିଷୟରେ ଠିକିଣିଖି ବିଶ୍ଳେଷଣ କରିବା ପରେ ଆବଶ୍ୟକୀୟ ଔଷଧ ଲେଖିଥାଆନ୍ତି।
- ►ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ଏଥିରେ ଭିଟାମିନ୍ ଭରି ରହିଛି।

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର

ଅଙ୍ଗୁରରେ ଭିଟାମିନ୍ 'ସି' ଏବଂ 'କେ' ପ୍ରଚୁର ପରିମାଣରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଅଙ୍ଗୁର ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗକୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ବର୍ଲିନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରୁ ଏଭଳି ତତ୍ତ୍ୱ ରହିଛି ଯାହା କେତେକ ରୋଗରୁ ଉପଶମ ଦେବାରେ ସହାୟକ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଭରି ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଆରାମ ମିଳିଥାଏ। ଏହାକୁ ଡାଇବେଟିସ୍ ଏପରିକି ଉଚ୍ଚ ରକ୍ତଚାପ ରୋଗୀ ମଧ ଖାଇପାରିବେ। ଅଙ୍ଗୁର ମଧ ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଦୃଷ୍ଟିଶକ୍ତି ପାଇଁ ମଧ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହା ଖାଇବା ଦ୍ୱାରା ଆମ ଅସ୍ଥି ମଧ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ ଆଦି ସଂକ୍ରମଣରୁ ମଧ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।



## କିପରି ନେବେ ଆଖିର ଯତ୍ନ



ଆମର ପ୍ରମୁଖ ଅଙ୍ଗ ମଧ୍ୟରୁ ଆଖି ଅନ୍ୟତମ। ଏହାର ଯତ୍ନ ଠିକ୍ ଭାବରେ ନେବା ଦରକାର। ଯଦି ଏ ନେଇ କିଛି ସମସ୍ୟା ଦେଖାଦେଲା, ତେବେ ଏହାର ତୁରନ୍ତ ଚିକିତ୍ସା କରାଇ ନେବା ଆବଶ୍ୟକ। ହେଲେ ସୁସ୍ଥ ଆଖି ପାଇଁ ଆମେ କେତୋଟି ପ୍ରମୁଖ ବିଷୟକୁ ଧ୍ୟାନ ଦେବା ନିହାତି ଦରକାର। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ କରନ୍ତୁ। ଏହାସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ତଟକା ଫଳମୂଳ ଖାଆନ୍ତୁ। ଅନ୍ୟପକ୍ଷରେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ସହ ନିୟମିତ ସମୟ ବ୍ୟବଧାନରେ ଆଖିର ଚେକଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। ଆଖି ଉପରେ ଯେପରି ଚାପ କମ୍ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ କାମ କରୁଥିଲେ କାମ ମଝିରେ ମଝିରେ ବିଶ୍ରାମ ନିଅନ୍ତୁ ଏବଂ ଆଣ୍ଟିଗ୍ଲେୟାର ଚଷମା ପିନ୍ଧନ୍ତୁ। ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖିବା ସହ ନିୟମିତ ଚେକଅପ୍ କରାନ୍ତୁ। ଆଖିରୋଗ ସବୁ ବୟସରେ ହୋଇଥାଏ। ସେଥିପାଇଁ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ସହ ଏଥିରେ ସାମାନ୍ୟ ସମସ୍ୟା ଦେଖାଦେଲେ ଅବହେଳା ନ କରି ତୁରନ୍ତ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ।


## ସ୍ୱାସ୍ଥ୍ୟ ସୂଚନା

- ➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।
- ➢ପ୍ରତିଦିନ ସକାଳେ ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ।
- ➢କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି। ଏଥିରେ ଥିବା ତତ୍ତ୍ୱ ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିଥାଏ।
- ➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ➢ ଆବଶ୍ୟକତା ଠାରୁ ଅତି ଅଧିକ ପାଣି ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।
- ➢ପ୍ରତିଦିନ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଆନ୍ତୁ। ଏହି ଖାଦ୍ୟ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବା ସହ ମନକୁ ଫୁର୍ତ୍ତି ରଖିଥାଏ।
- ➢ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି କାମ କରନ୍ତୁ ନାହିଁ। ମଝିରେ ମଝିରେ କିଛି ସମୟ ଉଠି ଟିକେ ଚାଲବୁଲ କରନ୍ତୁ।



## ସନ୍ତୁଳିତ ଓଜନ କମାଏ ଆଜ୍‌ମା ଆଶଙ୍କା

ଆଜ୍‌ମା ଏଭଳି ଏକ ସସମ୍ୟା, ଯାହାକୁ ଔଷଧ ଖାଇବା ସହ ଆଉ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ତାହା ନିୟନ୍ତ୍ରଣରେ ରହିଥାଏ। ତେବେ ଏଥିରୁ ଦୂରେଇ ରହିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ନିଜର ଓଜନକୁ ସନ୍ତୁଳିତ ରଖନ୍ତି ତେବେ ସେ ନିଜକୁ ଆଜ୍‌ମା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ଆଜ୍‌ମା ଏବଂ ସନ୍ତୁଳିତ ଓଜନ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର ଓଜନ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ କରାଯାଇଥିଲା। ପରିଶେଷରେ ଜଣାପଡ଼ିଲା ଯେ, ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କଠାରେ ଆଜ୍‌ମା ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏହାର ସଂଯୋଗ ଓଜନ ନିୟନ୍ତ୍ରଣ ସହ ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ Bhubaneswar, Monday, December 8/ 2025




# ବ୍ରିସବେନ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

ବ୍ରିସବେନ,୭।୧୨

ମିଚେଲ ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଆଶେସ ତଥା ପିଙ୍କ ବଲ ଟେଷ୍ଟରେ ଇଂଲଣ୍ଡକୁ ୮ ଉଇକେଟରେ ପରାସ୍ତ କରିଛି। ଚଳିତ ଆଶେସ ସିରିଜ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳର ଏହା ଦ୍ୱିତୀୟ ବିଜୟ। ଏଥିଯୋଗୁ ୫ ମ୍ୟାଚ୍ ବିଶିଷ୍ଟ ଆଶେସ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଆଗରେ ରହିଛି। ଏହି ବିଜୟ ସହ ପିଙ୍କ-ବଲ

**ଆଶେସ୍**

ଟେଷ୍ଟ ଓ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ବିଜୟ ଧାରା ଜାରି ରହିଛି। ମ୍ୟାଚ୍‌ରେ ୮ ଉଇକେଟ ନେବା ସହ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆରେ ଜୋ ରୁଟ୍‌ଙ୍କ ପ୍ରଥମ ଶତକ ଏବଂ ଅଷ୍ଟ୍ରେଲିଆର ଷ୍ଟାର୍କ ଓ ମାଇକେଲ ନେସରଙ୍କ ୫ ଉଇକେଟ ସଫଳତା ଏହି ମ୍ୟାଚ୍‌ର ମୁଖ୍ୟାଂଶ ଥିଲା। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୭ ତାରିଖଠାରୁ ଆଡିଲେଡ୍‌ରେ ଖେଳାଯିବ।



୫ ଉଇକେଟ ନେବା ପରେ ଅଷ୍ଟ୍ରେଲିଆର ମାଇକେଲ ନେସର।

ପ୍ରଥମ ଇନିଂସରେ ଇଂଲଣ୍ଡ ୩୩୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୧୧ ରନ କରିଥିଲା। ଫଳରେ ୧୭୭ ରନରେ ପଛୁଆ ଥିବା ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୪/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ବେନ ଷ୍ଟୋକ୍ସ ଓ ୱିଲ ଜ୍ୟାକ୍ସ ରବିବାର ପ୍ରଥମ ସେସନ ଧୈର୍ଯ୍ୟର ସହ ଖେଳି ଅଷ୍ଟ୍ରେଲିଆର ବିଜୟରେ ବିଳମ୍ବ କରିଥିଲେ। ଦୁହେଁ ସପ୍ତମ ଉଇକେଟରେ ୯୬ ରନ ଯୋଡ଼ିଥିଲେ। ଷ୍ଟୋକ୍ସ ୫୦ ଓ ଜ୍ୟାକ୍ସ ୪୧ ରନ କରି ନେସରଙ୍କ ବଲରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୪୧ ରନରେ ସୀମିତ ରହିଥିଲା। ଅଷ୍ଟ୍ରେଲିଆ ପାଇଁ ନେସର ୫ ଉଇକେଟ ନେଇଥିବାବେଳେ ସ୍କଟ ବୋଲାଣ୍ଡ ଓ ଷ୍ଟାର୍କ ୨ ଲେଖାଏ ଉଇକେଟ ନେଇଥିଲେ। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୬୫ ରନର ଛୋଟିଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ଦୁଇ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜେକ ୱେଦରାଲ୍ଡ ୧୭ ଓ ଅଧିନାୟକ ଷ୍ଟିଭ ସ୍ମିଥ ଅପରାଜିତ ୨୩ ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଇଂଲଣ୍ଡ ପାଇଁ ଗସ ଆଟକିନସ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୧/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୪୧/ଅଲଆଉଟ୍ (ବେନ ଷ୍ଟୋକ୍ସ-୫୦, ୱିଲ ଜ୍ୟାକ-୪୧, ମାଇକେଲ ନେସର-୫/୪୨, ମିଚେଲ ଷ୍ଟାର୍କ-୨/୬୪, ସ୍କଟ ବୋଲାଣ୍ଡ-୨/୪୭)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୬୯/୨(ଷ୍ଟିଭ ସ୍ମିଥ-୨୩, ଟ୍ରାଭିସ ହେଡ-୨୨, ଗସ ଆଟକିନସନ-୨/୩୭)।

# ସିମରନପ୍ରୀତ୍ ସ୍ୱର୍ଣ୍ଣ, ଐଶ୍ୱରୀଙ୍କୁ ରୌପ୍ୟ

ଦୋହା, ୭।୧୨ (ପି.ଟି.)

ସିମରନପ୍ରୀତ୍ କୌର ବ୍ରାର୍ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ଫାଇନାଲର ମହିଳା ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରଥମ ପଦାର୍ପଣ କରି ଭାରତର ୫୦ମିଟର ରାଇଫଲ ୩ ପୋଜିଶନ ଚାମ୍ପିୟନ ଐଶ୍ୱରୀ ପ୍ରତାପ ସିଂ ତୋମାର ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ସୀମରନପ୍ରୀତ୍ ଫାଇନାଲରେ ୪୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି କ୍ରମରେ ସେ ବିଶ୍ୱ ଜୁନିୟର ରେକର୍ଡ ସମକକ୍ଷ ହୋଇପାରିଛନ୍ତି।

ସୂଚନାଯୋଗ୍ୟ, ଐଶ୍ୱରୀ ଏଠାରେ ରୌପ୍ୟ ଜିତିବା ଦ୍ୱାରା ଖେଳର ସମ୍ଭାବ୍ୟ ବିଶ୍ୱ ଓ ମହାଦେଶୀୟ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଫଳରେ ୪୦ ଶଟ୍ ବିଶିଷ୍ଟ ଆଇଏସ୍ଏସ୍ଏଫ୍‌ର ଏହି ନୂଆ ଫର୍ମାଟରେ ଏହି ଭାରତୀୟ ଶୁଟର ଚେଚିଆର ଜିରି ପ୍ରିଭରାଟସ୍କିଙ୍କଠାରୁ ୦.୯ ପଏଣ୍ଟ ପଛରେ ୪୧୪.୨ ଶଟ୍ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅଲିମ୍ପିକ ଚାମ୍ପିୟନ ଲିଉ ୟୁକୁନ୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଐଶ୍ୱରୀ ହେଉଛନ୍ତି ଜଣେ ଡବଲ ଅଲିମ୍ପିଆନ, ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଓ ବର୍ତ୍ତମାନର ଏସିଆନ ଚାମ୍ପିୟନ। ସେ ଆହୁରି ମଧ୍ୟ ଗତମାସରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ଲୁସେଲ ଶୁଟିଂ ରେଞ୍ଜ୍‌ରେ କ୍ୱାଲିଫିକେଶନରେ ଐଶ୍ୱରୀ ୫୯୫ ଶଟ୍ ସହ ଚାଇନାର ତିଆନ ଜିଆମିଙ୍ଗ୍‌ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜିଆମିଙ୍ଗ୍ ୫୯୮ ସ୍କୋର ସହ ଏକ ବିଶ୍ୱ ରେକର୍ଡ ମଧ୍ୟ କରିଥିଲେ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ